

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୧ ନଭେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 11 November 2024

Vol.No. 35 ■ No.299 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଡମ୍ବର ଚଢ଼ାଇ ଦୁଇ ଜଣଙ୍କୁ ହତ୍ୟା ଅଭିଯୋଗ

କେନ୍ଦୁଝର, ୧୦/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ନଦୁଆଁ ଗାଁରେ ଜଣେ ଯୁବକ ଡମ୍ବର ମଡ଼ାଇ ଦୁଇ ଜଣଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ଦ୍ୱୟ ହେଉଛନ୍ତି ଗାଁର ସଞ୍ଜୁଲତା ପଲେଇ ଓ ପାଣୁ ପୃଷ୍ଟି। ଘଟଣାସ୍ଥଳରେ ହିଁ ସେମାନଙ୍କର ମୃତ୍ୟୁ ଘଟିଥିଲା। ଅଭିଯୁକ୍ତର ନାଁ ଭଞ୍ଜ ପୃଷ୍ଟି। ପୂର୍ବ ଶତ୍ରୁତାରୁ ଭଞ୍ଜ ପୃଷ୍ଟି ଏଭଳି ଏକ ଘଟଣା ଘଟାଇଥିବା କୁହାଯାଉଛି। ସଞ୍ଜୁଲତାଙ୍କ ଦେଢ଼ଶୁର ବାବାଜୀ ପଲେଇ କହିଛନ୍ତି, ଭଞ୍ଜ ପୃଷ୍ଟି ଆମ ସଂପର୍କୀୟ। ସେ ଆମ ସାନ ମାମୁଙ୍କ ପୁଅ। ଆମେ ଛକରେ ଛିଡ଼ା ହୋଇଥିବା ବେଳେ ସେ ଗାଡ଼ି ଧରି ଆସିଥିଲା। ଗାଡ଼ିକୁ ଖଳାରେ ରଖିବା ପରେ ସେ ପାଟି କରି କହିଥିଲା ଯେ ଆଜି ସମସ୍ତଙ୍କୁ ମାରି ଦେବି। ତା'ପରେ ସେ ଗାଡ଼ିକୁ ଚଢ଼ି ଯାଇଥିଲା। ପ୍ରଥମେ ସେ ମୋର ଏକ ସ୍କୁଟି ଉପରେ ଡମ୍ବର ଚଢ଼ାଇ ଦେଇଥିଲା। ତା'ପରେ ଆମ ମଝିଆଁ ମାମୁ ଭାଲୁ ପୃଷ୍ଟିଙ୍କ ଉପରେ ଗାଡ଼ି ମଡ଼ାଇ ଦେଇଥିଲେ। ତା' ପରେ ସେ ମୋ ଭାଇବୋହୂ ସଞ୍ଜୁଲତା ପଲେଇଙ୍କ ଉପରେ ଡମ୍ବର ଚଢ଼ାଇ ଦେଇଥିଲେ। ଏତିକିରେ ସେ ଅଟକି ନଥିଲେ। ଘର ଉପରେ ବି ଗାଡ଼ି ଚଢ଼ାଇ ଦେଇଥିଲେ। କିଛି ଶତ୍ରୁତା ନାହିଁ। ସେ କାହିଁକି ମାରିଲା ଜଣାନାହିଁ। ଆଗରୁ ସେ କହିଆସୁଥିଲା ଯେ ସମସ୍ତଙ୍କୁ ମାରିଦେବି। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିବା ସହିତ ଯାଞ୍ଚ କରିଛି। ଅଭିଯୁକ୍ତ ଭଞ୍ଜ ପୃଷ୍ଟିକୁ ପୁଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏହି ଘଟଣାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ଗାଁରେ ପୁଲିସ ମଧ୍ୟ ଉପସ୍ଥିତ ରହିଛି।

# କଂଗ୍ରେସ ଓବିସିମାନଙ୍କର ଏକତା ଭାଙ୍ଗିବାକୁ ଚାହୁଁଛି: ମୋଦୀ



ନୂଆଦିଲ୍ଲୀ, ୧୦/୧୧ : ଝାଡ଼ଖଣ୍ଡରେ ବିଧାନସଭା ନିର୍ବାଚନକୁ ନେଇ ଏବେ ପ୍ରଚାର ଅଭିଯାନ ଜୋର ଧରିଛି । ଝାଡ଼ଖଣ୍ଡର ବୋକାରୋ ରାଲିରୁ କଂଗ୍ରେସକୁ ଟାର୍ଗେଟ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଏମାନେ ଓବିସିମାନଙ୍କର ଏକତା ଭାଙ୍ଗିବାକୁ ଚାହୁଁଛନ୍ତି। ସେମାନଙ୍କୁ ବିଭିନ୍ନ ଜାତିରେ ବିଭକ୍ତ କରିବାକୁ ଚାହୁଁଛନ୍ତି । ଏହାପୂର୍ବରୁ କଂଗ୍ରେସ କେନ୍ଦ୍ରରେ ସରକାର ଗଠନ କରି ଲୋକଙ୍କୁ ଲୁଟୁଥିଲା। ସେମାନେ ସର୍ବଦା ଏସସି-ଏସଟି ଏକତାର ଘୋର ବିରୋଧୀ ରହିଆସିଛନ୍ତି। କଂଗ୍ରେସ-ଜେଏମଏମର ଏକ ବଡ ଷଡଯନ୍ତ୍ରରୁ ଆମକୁ ସତର୍କ ରହିବାକୁ ପଡିବ। ବର୍ତ୍ତମାନ ସରକାର ଆପଣଙ୍କୁ ବିଦ୍ୟୁତ୍ ପାଇଁ ଟଙ୍କା ଦେଉଛନ୍ତି। ତୁମ ଘରେ ସୌର ପ୍ୟାନେଲ ଲଗାଇବ । ପ୍ରଧାନମନ୍ତ୍ରୀ କହିଛନ୍ତି, "ଝାଡଖଣ୍ଡର ବିକାଶ ପାଇଁ ସାମୂହିକ ଶକ୍ତି ଆବଶ୍ୟକ। ମୁଁ ବସିରହିବା ପାଇଁ ଜନ୍ମ ହୋଇନାହିଁ । ବର୍ତ୍ତମାନ ପାଇପ ମାଧ୍ୟମରେ ଗ୍ୟାସ ଯୋଗାଣ କାମ ଝାଡଖଣ୍ଡରେ ଚାଲିଛି। ସରକାର ଗଠନ ପରେ ଗୋଗୋ ଦିଦି ଯୋଜନା ଆରମ୍ଭ ହେବ। ଏଠାରେ ଜେଏମଏମ ଏବଂ କଂଗ୍ରେସ ପେପର ଲିକ ମାଫିଆ ଏବଂ ନିଯୁକ୍ତି ମାଫିଆ ସୃଷ୍ଟି କରିଛନ୍ତି। ସମସ୍ତଙ୍କୁ ନର୍କରୁ ଖୋଜି ଜେଲକୁ ପଠାଯିବ । ପ୍ରଧାନମନ୍ତ୍ରୀ ତାଙ୍କ ସମ୍ବୋଧନରେ କହିଛନ୍ତି ଯେ ହରିୟାଣାରେ ସରକାର ଗଠନ ହେବା ମାତ୍ରେ ଚାକିରି ଦିଆଯାଉଛି। ୨୦୧୪ ପରେ ମୋଦୀଙ୍କୁ ଦିଲ୍ଲୀରେ ସେବା କରିବାର ସୁଯୋଗ ଦିଆଯାଇଥିଲା। ଆମେ ଝାଡଖଣ୍ଡକୁ ୩ ଲକ୍ଷ କୋଟିରୁ ଅଧିକ ଟଙ୍କା ଦେଇଛୁ। ବିଜେପି ଚାହୁଁଛି ଯେ ଝାଡଖଣ୍ଡରେ ଭଲ ରାସ୍ତା, ଶିକ୍ଷା ଏବଂ ବିଦ୍ୟାଳୟ ହେଉ, କିନ୍ତୁ ଜେଏମଏମ ସରକାର ସମୟରେ ଆପଣଙ୍କଠାରୁ ଲୁଟ କରାଯାଇଛି । ସେମାନଙ୍କ ନେତାମାନେ ବାଲି ଚୋରା ଚାଲାଣ କରି କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି। ସେମାନଙ୍କଠାରୁ ଏତେଗୁଡ଼ିଏ ନୋଟ୍ ବାହାରୁଛି ଯେ ମେସିନ୍ ହାଲିଆ ହୋଇଯାଉଛି । ମୋଦୀ କହିଛନ୍ତି ଯେ ବିଜେପି ସରକାର ଗଠନ ପରେ ଦୁର୍ନୀତିଗ୍ରସ୍ତଙ୍କୁ ଦଣ୍ଡ ଦିଆଯିବ। ସେହିଭଳି କେନ୍ଦ୍ର ସରକାର ରାଜପଥ ଏବଂ ରେଳପଥ ପାଇଁ ଟଙ୍କା ଖର୍ଚ୍ଚ କରୁଛନ୍ତି। ବୋକାରୋ ରେଳ ଷ୍ଟେସନ କିଛି ସମୟ ମଧ୍ୟରେ ଆଧୁନିକ ହୋଇଯିବ ।

## ଆତଙ୍କବାଦୀଙ୍କ ସହ ଲଢ଼େଇ କରି ସେନା ଅଧିକାରୀ ସହୀଦ: ୩ ପାରା କମାଣ୍ଡୋ ଆହତ



ନୂଆଦିଲ୍ଲୀ, ୧୦/୧୧ : ଜମ୍ମୁ-କଶ୍ମୀରର କିସ୍ତୱାରରେ ଆତଙ୍କବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ପ୍ରବଳ ଗୁଳି ବିନିମୟ ଦେଖିବାକୁ ମିଳିଛି। ଆତଙ୍କବାଦୀଙ୍କ ସହ ଲଢ଼େଇ କରିବା ବେଳେ ସ୍ଥଳ ସେନାର ଜଣେ ଅଧିକାରୀ ସହିଦ ହୋଇଛନ୍ତି। ସେହିପରି ଗୁଳି ମାଡ଼ରେ ଆଉ ୩ ଜଣ ପାରା କମାଣ୍ଡୋ ମଧ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ଗୁରୁତର ଅବସ୍ଥାରେ ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆର୍ମିର ୧୬ କ୍ରସ୍ ଏକ୍ସରେ ପୋଷ୍ଟ କରି କହିଛି ଯେ ଜେସିଓ ନାଏବ ସୁବେଦାର ରାକେଶ କୁମାର ଆତଙ୍କବାଦ ନିରୋଧ ଅପରେସନ ବେଳେ ସହିଦ ହୋଇଛନ୍ତି। କିସ୍ତୱାର ଭାରତ ରିଡଗେ ଠାରେ ଚାଲିଥିବା ଜଏଣ୍ଟ ଅପରେସନ ବେଳେ ଏପରି ଘଟଣା ଘଟିଛି। ନାଏବ ସୁବେଦାର କୁମାର ୨ ପାରା(ସ୍ପେଶାଲ ଫୋର୍ସ)ରେ କାର୍ଯ୍ୟ କରୁଥିଲେ। ଏହି ଘଟଣାରେ ଆଉ ୩ ଜଣ ପାରା କମାଣ୍ଡୋ ମଧ୍ୟ ଆହତ ହୋଇଛନ୍ତି। କୁଣ୍ଟୱାରା ଓ କେଶୱାନ ମଧ୍ୟରେ ଥିବା ଗୋଟିଏ ଜଙ୍ଗଲରେ ଦୁଇ ଜଣ ଆତଙ୍କବାଦୀ ଲୁଚି ଥିବା ଖବର ମିଳିଥିଲା। ଏହାପରେ ଆର୍ମି ଓ ଜମ୍ମୁ-କଶ୍ମୀର ପୁଲିସ୍ ପକ୍ଷରୁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ଏହାପୂର୍ବରୁ ଜଙ୍ଗଲ କିଛି ଦୂରରୁ ଦୁଇ ଗ୍ରାମରକ୍ଷୀ ନାଜିର ଅହମଦ ଓ କୁଲଦୀପ କୁମାରଙ୍କ ଗୁଳିବିଦ୍ଧ ମୃତଦେହ ଉଦ୍ଧାର ହୋଇଥିଲା।

▶▶ପୃଷ୍ଠା ୭

## ମାଣବସା ଗୁରୁବାରରେ ମାଆ ଲକ୍ଷ୍ମୀଙ୍କୁ ଲାଗି ହେଉ ମାଣ୍ଡିଆ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୧୦/୧୧ (ନି.ପ୍ର): ମାର୍ଗଶିର ମାସ ମାଣବସା ଗୁରୁବାରରେ ମାଆ ଲକ୍ଷ୍ମୀଙ୍କୁ ଲାଗି ହେଉ ମାଣ୍ଡିଆ ଭୋଗ। ମା' ଲକ୍ଷ୍ମୀଙ୍କୁ ମାଣ୍ଡିଆ ପ୍ରସାଦ ଅର୍ପଣ କରି ସମସ୍ତଙ୍କୁ ପରଷିବା ପାଇଁ ଅନୁରୋଧ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ମାଣ୍ଡିଆ ଦିବସ ଅବସରରେ ଲୋକସେବା ଭବନରେ ଅନୁଷ୍ଠିତ ହୋଇଛି। ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀ। ମାଣ୍ଡିଆ ଭଳି ପୁଷ୍ଟିଶସ୍ୟକୁ ଖାଇବା ଥାଳିକୁ ଫେରାଇ ଆଣିବା ଉଦ୍ଦେଶ୍ୟରେ ଆୟୋଜିତ ହୋଇଛି ଏହି ସମ୍ମିଳନୀ। ଏଥିରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ସବୁ ଲୋକଙ୍କ ଥାଳିରେ ମାଣ୍ଡିଆ ପହଞ୍ଚାଇବା ସରକାରଙ୍କ ଲକ୍ଷ୍ୟ। ଏହା ହୋଇପାରିଲେ ସରକାର ତାଙ୍କ ଲକ୍ଷ୍ୟରେ ସଫଳ ହେବେ ବୋଲି ଧରାଯିବ। ରାନ୍ଧଣା ଶୈଳୀ ବଦଳାଇବା ସହ ଅଧିକ ଆଦୃତ କରିବାକୁ ଫୁଡ୍ ବ୍ଲଗରଙ୍କ ସହାୟତା ନିଆଯିବ। ମିଲେଟରେ ସ୍ନାକ୍ସ ବି ତିଆରି ହେଉଛି। ସେ ଆହୁରି କହିଥିଲେ, ରାଜ୍ୟର ୧୭୭ ବ୍ଲକରେ ମାଣ୍ଡିଆ ଚାଷ ହେଉଛି। ବର୍ତ୍ତମାନ

▶▶ପୃଷ୍ଠା ୭

## ଭି.କେ.ପାଣ୍ଡିଆନଙ୍କ ପାଇଁ ବଢ଼ିଲା ଅଡୁଆ : ହେଲିକପ୍ଟରରେ ଉଡିବୁଲିବା ପଡିଲା ମହଙ୍ଗା



ଭୁବନେଶ୍ୱର, ୧୦/୧୧ (ନି.ପ୍ର): ବିଜେଡି କ୍ଷମତାରୁ ଯିବା ପରେ ଦୃଶ୍ୟପଟ୍ଟରୁ ହଜିଯାଇଥିବା ଭି.କେ.ପାଣ୍ଡିଆନଙ୍କ ପାଇଁ ବଢ଼ିବାକୁ ଯାଉଛି ଅଡୁଆ। ନିର୍ବାଚନ ପୂର୍ବରୁ ତାଙ୍କ ଗସ୍ତ ବେଳେ ନିର୍ମାଣ ହୋଇଥିବା ହେଲିପ୍ୟାଡରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାର ତଦନ୍ତ ଆରମ୍ଭ କରିଛି ପୂର୍ତ୍ତ ବିଭାଗ। ଏନେଇ ସୂଚନା ଦେଇ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ପାଣ୍ଡିଆନଙ୍କ ହେଲିପ୍ୟାଡ ନିର୍ମାଣ ଦୁର୍ନୀତିର ତଦନ୍ତ ଆରମ୍ଭ ହୋଇଛି। ଖୁବଶୀଘ୍ର ଏହା ଉପରୁ ପରଦା ହଟିବ ଏବଂ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ। ନିର୍ବାଚନ ପୂର୍ବରୁ ପାଣ୍ଡିଆନ ପାଖାପାଖି ୪୦୦ରୁ ୪୫୦ ଜାଗା ହେଲିକପ୍ଟରରେ ବୁଲିଥିଲେ। ସେହି ସବୁ ସ୍ଥାନରେ ହେଲିକପ୍ଟର ଅବତରଣ ପାଇଁ ହେଲିପ୍ୟାଡ ନିର୍ମାଣ ହୋଇଥିଲା। କିନ୍ତୁ ହେଲିପ୍ୟାଡ ନିର୍ମାଣ ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଥିଲା ? କାହା ନିର୍ଦ୍ଦେଶରେ ହେଲିପ୍ୟାଡ ନିର୍ମାଣ ହୋଇଥିଲା ? କେଉଁ ବିଭାଗ ଟଙ୍କାରୁ ଏହି ଖର୍ଚ୍ଚ ହୋଇଥିଲା ? ତାର ତଥ୍ୟ ଲୁଚାଇଥିଲେ ପୂର୍ବ ସରକାର। ଆଉ ସରକାର ବଦଳିବା ପରେ ଏହାର ତଦନ୍ତ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଥିଲା। ଦାବି ପରେ ତଦନ୍ତ ହେବ ବୋଲି କହିଥିଲେ ସରକାର। ତେବେ ଏହାକୁ କେବଳ ରାଜନୈତିକ ବୟାନବାଜି ବୋଲି କହିଛି ବିଜେଡି। ପୂର୍ବ ସରକାର ଅମଳରେ ହୋଇଥିବା ଦୁର୍ନୀତିର ତଦନ୍ତ ପାଇଁ ବିଭିନ୍ନ ସମୟରେ ବିଭିନ୍ନ ମନ୍ତ୍ରୀ କହି ଆସୁଛନ୍ତି। ମୁଖ୍ୟମନ୍ତ୍ରୀ ମଧ୍ୟ ଦୁର୍ନୀତି ଅଭିଯୁକ୍ତଙ୍କୁ ଛଡାଯିବ ନାହିଁ ବୋଲି କହୁଛନ୍ତି।

▶▶ପୃଷ୍ଠା ୭

## ପିକ୍‌ଅପ୍‌କୁ ପଛରୁ ପିଟି ଦେଲା କଣ୍ଟେନର: ୨ ମୃତ, ୩ ଗୁରୁତର

ସମ୍ବଲପୁର, ୧୦/୧୧ (ନି.ପ୍ର): ସମ୍ବଲପୁର ସଦର ଥାନା କୁଦପାଲି ନିକଟରେ ଆଜି ସନ୍ଧ୍ୟାରେ ଏକ ପିକ୍‌ଭ୍ୟାନ୍‌କୁ ଏକ କଣ୍ଟେନର ପଛରୁ ଧକ୍କା ଦେବାରୁ ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ପିକ୍‌ଅପ୍ ଭ୍ୟାନନରେ ମୋଟ ୯ ଜଣ ଶ୍ରମିକ ଥିଲେ। ସେମାନଙ୍କ ମଧ୍ୟରୁ କିଏ ରାୟଗଡ଼ାର ତ କିଏ ବିହାର ଓ ଆଉ କିଏ ଆନ୍ଧ୍ର ପ୍ରଦେଶର। ସେମାନେ ରେଲୱେରେ ଶ୍ରମିକ ଭାବେ କାମ କରୁଥିଲେ। ସମ୍ବଲପୁର ସହର ଏସ୍‌ଡିପିଓ ତୋଫାନ ବାଗଙ୍କ ସୂଚନା ଅନୁଯାୟୀ, ଏହି ୯ ଜଣ ଶ୍ରମିକ ଏକ ପିକ୍‌ଅପ୍ ଭ୍ୟାନରେ ସିନ୍ଦୁରପଙ୍କ ବଜାରକୁ କିଛି ଜିନିଷ କିଣିବା ପାଇଁ ଯାଇଥିଲେ। ସେଠାରେ କିଣାକିଣି ସାରି ଫେରୁଥିବା ବେଳେ ଏକ କଣ୍ଟେନର ପିକ୍‌ଅପ୍ ଭ୍ୟାନଟିକୁ ପଛରୁ ଧକ୍କା ଦେଇଥିଲା। ଏଥିରେ ମୋଟ ୫ ଜଣ ଆହତ ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରି ସଦର ହସପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ୨ ଜଣଙ୍କୁ ମୃତ ଘୋଷଣା କରାଯାଇଥିଲା। ଅନ୍ୟ ୩ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା କଣ୍ଟେନରର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ପୁଲିସ ଘଟଣାର ତଦନ୍ତ କରୁଛି।

## ଗଜପତିଙ୍କ ଚେତାବନୀକୁ ମାନିଲେନି: ହ୍ୟୁଷ୍ଟନରେ ଅଦିନରେ ଗଡ଼ିଲା ରଥ



ପୁରୀ, ୧୦/୧୧ (ନି.ପ୍ର): କିଛି ଦିନ ତଳେ ଇସ୍କନରେ ଅଦିନିଆ ରଥଯାତ୍ରାରୁ ନିବୃତ ରହିବାକୁ ଚେତାବନୀ ଦେଇଥିଲେ ଗତପତି ମହାରାଜା ଦିବ୍ୟସିଂହ ଦେବ । ଚେତାବନୀର ତିନି ଦିନ ପରେ ପୁଣି ମନମାନି କରିଛି ଇସ୍କନ । ଆମେରିକାର ହ୍ୟୁଷ୍ଟନରେ ଗଡ଼ିଛି ରଥ । ଇସ୍କନ ପକ୍ଷରୁ ଆୟୋଜିତ ଫେଷ୍ଟିଭାଲ ଅଫ୍ ବ୍ଲିସ ନାଁରେ ଏହି ରଥଯାତ୍ରା କରାଯାଇଛି । ଯାହାକୁ ନେଇ ପୁଣିଥରେ ବିରୋଧାଭାସ ଦେଖିବାକୁ ମିଳିଛି । ଆଇନ୍ ମନ୍ତ୍ରୀ କହିଛନ୍ତି, ଗଜପତି ଯାହା ନିଷ୍ପତ୍ତି ନେବେ, ତାକୁ ସମର୍ଥନ କରିବେ ସରକାର । ତାଗିଦ ସତ୍ତ୍ୱେ ମାନୁନାହାନ୍ତି ଇସ୍କନ କର୍ତ୍ତୃପକ୍ଷ । ଆମେରିକାର ହ୍ୟୁଷ୍ଟନରେ ଗଡ଼ିଛି ଅଦିନିଆ ରଥ । ଇସ୍କନ ପକ୍ଷରୁ ଆୟୋଜିତ ଫେଷ୍ଟିଭାଲ ଅଫ୍ ବ୍ଲିସ କାର୍ଯ୍ୟକ୍ରମରେ ଗଡ଼ିଛି ରଥ । ରଥରେ ଯଦିଓ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଭଉଣୀ ସୁଭଦ୍ରା ନଥିଲେ । କିନ୍ତୁ ଅବିକଳ ରଥ ତିଆରି

▶▶ପୃଷ୍ଠା ୭

## ପଦ୍ମନାଭ ସାହୁଙ୍କ 'ଚପଳା ପୋଖରୀ' ଲୋକାର୍ପିତ




ମୟୂରଭଞ୍ଜ, ୧୧/୧୧ (ନି.ପ୍ର): ମୟୂରଭଞ୍ଜ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ବାରିପଦା ଲାୟନସକ୍ଲବ୍ ଠାରେ ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ପଞ୍ଚମ ଗଳ୍ପ ସଂକଳନ 'ଚପଳା ପୋଖରୀ'ର ଲୋକାର୍ପଣ ସମାରୋହ ଅତୀବ ଆନନ୍ଦ ଉତ୍ସାହ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବାରିପଦା ସହର ତଥା ଜିଲ୍ଲାର ବିଭିନ୍ନ ପ୍ରାନ୍ତରରୁ ଆସି ଯୋଗଦେଇଥିବା ଶତାଧିକ ସାହିତ୍ୟିକ/ସାହିତ୍ୟିକା ଏବଂ ବୁଦ୍ଧିଜୀବୀଙ୍କ ଭବ୍ୟ ଏହି ସାରସ୍ୱତ ଆସରରେ ପରିଷଦର ଉପସଭାପତି ସୁଶ୍ରୀ କାବେରୀ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ସମ୍ମାନିତା ପଦ୍ମଶ୍ରୀ ଡ଼.ଦମୟନ୍ତୀ ବେଶ୍ରା ଏବଂ ବିଶିଷ୍ଟ କବି ଓ ଗାଳ୍ପିକା ତଥା 'ସାଗରିକା' ଓ 'ଧ୍ୱନି ପ୍ରତିଧ୍ୱନି'ସମ୍ପାଦିକା ଶ୍ରୀମତୀ ସୈରିନ୍ଧ୍ରୀ ସାହୁ ଯଥାକ୍ରମେ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସଂକଳନରେ ସ୍ଥାନିତ କଥାକାରଙ୍କ ରଚନା ଗୁଡ଼ିକର ଚରିତ୍ରମାନେ କିପରି ଆମ ସମାଜ ଭିତରର ତଥା କାହାଣୀର ପୃଷ୍ଠଭୂମି ସହିତ ଲେଖକ ପରିଚିତ ଯେପରି, ତା ଉପରେ ବକ୍ତବ୍ୟ ରଖିଥିଲେ। ସାରସ୍ୱତ ଆୟୋଜନରେ ସମୀକ୍ଷକ ଭାବେ ବିଶିଷ୍ଟ କବି ଓ ପ୍ରାବନ୍ଧିକ ଡ଼. ନୀଳକଣ୍ଠ ମିଶ୍ର ଉପସ୍ଥିତ ରହି ପୁସ୍ତକରେ ସଜ୍ଜିତ ୩୬ଟି କ୍ଷୁଦ୍ର ଗଳ୍ପର ସଂକ୍ଷିପ୍ତ ସମୀକ୍ଷା ପ୍ରଦାନ କରିଥିଲେ। ସମାରୋହରେ ଯଥାକ୍ରମେ ଅନ୍ୟତମ ସମ୍ମାନିତ ଅତିଥି ଓ ବକ୍ତାଭାବେ 'ଧ୍ୱନି ପ୍ରତିଧ୍ୱନି' ଦୈନିକ ଖବରକାଗଜର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ଉତ୍ତର ଓଡିଶା 'ସମାଜ' ବାଲେଶ୍ୱର ପ୍ରକାଶନର ବରିଷ୍ଠ ସହ ସମ୍ପାଦକ ଶଶି ରଞ୍ଜନ ମଲ୍ଲିକ ଏବଂ ସୁବର୍ଣ୍ଣଶ୍ରୀ ପ୍ରକାଶନୀର ସତ୍ତ୍ୱାଧିକାରୀ ବିଶିଷ୍ଟ ସାହିତ୍ୟିକ ଡ. କାଳିପଦ ପଣ୍ଡା ଯୋଗଦେଇ ଗାଳ୍ପିକଙ୍କ ମୟୂରଭଞ୍ଜ ମାଟିମନସ୍କତାକୁ ନେଇ ବକ୍ତବ୍ୟ ରଖିଥିଲେ। ସମାରୋହରେ ସଂକଳନର ପ୍ରଚ୍ଛଦ ଯୁବ ଚିତ୍ରଶିଳ୍ପୀ ସ୍ୱରୂପ କୁମାର ନାୟକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ପ୍ରଶଂସା ଓ ସମ୍ମାନିତ ଜ୍ଞାପନ କରାଯାଇଥିଲା। ମୟୂରଭଞ୍ଜ ସାହିତ୍ୟ ପରିଷଦର ସମ୍ପାଦକ ମନୋଜ ଦଳବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଯୁଗ୍ମ ସମ୍ପାଦକ ଶିଉଲାଲ ମହାନ୍ତ ଧନ୍ୟବାଦ ଜ୍ଞାପନ କରିଥିଲେ। ପରିଷଦର ପୂର୍ବତନ ସଭାପତି ଅଜିତ କୁମାର କବାଟ, ଅନ୍ୟତମ ଉପସଭାପତି ଜୟନ୍ତ କୁମାର ଦ୍ୱାରୀ, କୋଷାଧ୍ୟକ୍ଷ ଅଧ୍ୟାପକ ସମରେନ୍ଦ୍ର କୁମାର ବଶା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଧରା ପଡ଼ିଲା ବାବା ସିଦ୍ଦିକିଙ୍କୁ ଗୁଳି କରିଥିବା ବ୍ୟକ୍ତି: ନେପାଳ ଖସି ଯିବାକୁ ଚେଷ୍ଟା କରୁଥିଲା



ନୂଆଦିଲ୍ଲୀ, ୧୦/୧୧ : ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ଏନସିପି ନେତା ବାବା ସିଦ୍ଦିକିଙ୍କୁ ବିଚ୍ ରାସ୍ତାରେ ଗୁଳି କରିଥିବା ବ୍ୟକ୍ତିକୁ ଶେଷରେ ପୁଲିସ୍ ଆଜି ଗିରଫ କରିଛି। ଅକ୍ଟୋବର ୧୨ରେ ସିଦ୍ଦିକିଙ୍କୁ ମୁମ୍ବାଇରେ ଥିବା ତାଙ୍କ ପୁଅଙ୍କ ଅଫିସ ସାମ୍ନାରେ ଗୁଳି କରି ହତ୍ୟା କରାଯାଇଥିଲା। ଘଟଣା ଦିନ ତାଙ୍କୁ ଗୁଳି କରି ଫେରାର ହୋଇଥିବା ବ୍ୟକ୍ତିକୁ ଆଜି ଉତ୍ତର ପ୍ରଦେଶରୁ ଗିରଫ କରାଯାଇଛି। ସେ ନେପାଳ ଖସି ଯିବାକୁ ଚେଷ୍ଟା କରୁଥିବା ବେଳେ ପୁଲିସ୍ ହାତରେ ଧରାପଡ଼ିଛି। ଗିରଫ ହୋଇଥିବା ବ୍ୟକ୍ତି ଜଣକ ହେଲା ଶିବ କୁମାର। ଜେରା ବେଳେ ସେ ସ୍ୱୀକାର କରିଛି ଯେ ତା'ର ସମ୍ପର୍କ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ସହ ରହିଛି। ବାବା ସିଦ୍ଦିକିଙ୍କୁ ଗୁଳି କରି ହତ୍ୟା କରାଯିବାର ଦିନକ ପରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ଜଣେ ସଦସ୍ୟ ଏଥିପାଇଁ ନିଜକୁ ଦାୟୀ କରିଥିଲା। ତଥାପି ଏହାର ସତ୍ୟାସତ୍ୟ ପୁଲିସ୍ ଯାଞ୍ଚ କରୁଥିବା ବେଳେ ଏବେ ଶିବ କୁମାର ବିଷ୍ଣୋଇ ଗ୍ୟାଙ୍ଗର ସଂପୃକ୍ତି କଥାକୁ ନିଶ୍ଚିତ କରିଛି। ଶିବ କୁମାରର କହିବା କଥା ଯେ ଲରେନ୍ସ ବିଷ୍ଣୋଇର ଭାଇ ଅନମୋଲ ବିଷ୍ଣୋଇର ନିର୍ଦ୍ଦେଶରେ ବାବା ସିଦ୍ଦିକିଙ୍କୁ

▶▶ପୃଷ୍ଠା ୭

# ସମ୍ବଲପୁରରେ ଯୁବକଙ୍କୁ ନିର୍ମମ ହତ୍ୟା

ସମ୍ବଲପୁର, ୧୦/୧୧ (ନି.ପ୍ର): ହଠାତ୍ ଗଣ୍ଡଗୋଳ ଧମକ ଚମକ ସମାଧାନ ପୂର୍ବରୁ ଦିନ ଦ୍ୱିପ୍ରହର ରେ ହତ୍ୟା। ଆଜି ଏଭଳି ଏକ ଅଭାବନୀୟ ଓ ହୃଦୟବିଦାରକ ଘଟଣା ଘଟିଯାଇଛି ସମ୍ବଲପୁର ସହରର ଠେଲାକୋ ପଡ଼ା ଅଂଚଳରେ। ଆଜି ସକାଳେ ମୋଦୀପଡ଼ା ପାଣିଟାଙ୍କି ଅଂଚଳର ସନି ଷଣ୍ଢ ନାମକ ଯୁବକ ସହ ଓ ଅନ୍ୟଜଣେ ଯୁବକଙ୍କ ସହିତ କୌଣସି କାରଣରୁ ବଚସା ହୋଇଥିଲା। ମାତ୍ର ଏହି ବଚସାରୁ ମାତ୍ରାଧିକ ଉତେଜିତ ହୋଇ ସନି ବିରୋଧୀ ଯୁବକ ଜଣଙ୍କୁ ହଠାତ୍ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଚାଲିଯାଇଥିଲା। ଆକ୍ରମଣର ଶୀକାର ଯୁବକ ଜଣଙ୍କ ପ୍ରତିଶୋଧ ପରାୟଣ ହୋଇ ନିଜର କିଛି ସାଙ୍ଗ ଓ ସହଯୋଗୀଙ୍କୁ ଧରି ସମାଧାନ ପାଇଁ ସନିକୁ ଖୋଜାଖୋଜି କରିଥିଲେ। ଦିନ ଦୁଇଟାବେଳେ ସନିକୁ ପାଇବା ପରେ ମିଳିତ ଭାବେ ଅତର୍କିତ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ସନିକୁ ଉଦ୍ଧାର କରି ତାଙ୍କ ପରିବାର ଲୋକେ ତୁରନ୍ତ ସମ୍ବଲପୁର ସଦର ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତି କରିଥିଲେ। ମାତ୍ର ଚିକିତ୍ସା କରିବା ପୂର୍ବରୁ ଡାକ୍ତର ସନିକୁ ମୃତ ଘୋଷଣା କରିଥିଲେ। ଖବର ପାଇବା ପରେ ପୋଲିସ ଘଟଣା ସ୍ଥଳ ସହ ହସ୍ପିଟାଲରେ ପହଂଚି ତଦନ୍ତ ଆରମ୍ଭ କରିଛି।

# ନିରନ୍ତର ମଧ୍ୟାହ୍ନ ଭୋଜନ ପ୍ରଦାନ ନେଇ ବିଭାଗୀୟ ସଚିବଙ୍କ ସମୀକ୍ଷା ବୈଠକ

ଭୁବନେଶ୍ୱର, ୧୦/୧୧ (ନି.ପ୍ର): ରାଜ୍ୟର ସମସ୍ତ ଜିଲ୍ଲାରେ ପୁଷ୍ଟିକର, ନିରାପଦ ମଧ୍ୟାହ୍ନ ଭୋଜନ ପରିଚାଳନା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ଅଧିକାରୀ ତଥା ରାଜ୍ୟ ସଂଯୋଜକ ଅଧିକାରୀ (ପିଏମ୍-ପୋଷଣ) ଶ୍ରୀ ରଘୁରାମ ଆର୍ ଆୟାରଙ୍କ ସମେତ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନେଇ ଆଭାସୀ ମାଧ୍ୟମରେ ଏକ ଜରୁରୀକାଳିନ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଉକ୍ତ ବୈଠକରେ ବିଭାଗୀୟ କମିଶନର ତଥା ଶାସନସଚିବ ଜିଲ୍ଲାମାନଙ୍କୁ ପିଏମ୍-ପୋଷଣ ଅନ୍ତର୍ଗତ ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଉଥିବା ନେଇ ସୂଚନା ଦେଇଛନ୍ତି । ପୋଷଣୀୟ ଚାଉଳ ଓ ଉନ୍ନତମାନର ଖାଦ୍ୟ ସାମଗ୍ରୀ ବ୍ୟବହାର କରିବା ସହ ନିରନ୍ତର ଭାବରେ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଇଦେବା ପାଇଁ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କମିଶନର ତଥା ଶାସନ ସଚିବ । ଏଥିସହିତ କୌଣସି ପରିସ୍ଥିତିରେ ମଧ୍ୟାହ୍ନ ଭୋଜନ ବନ୍ଦ ନ କରିବାକୁ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଶ୍ରୀମତୀ ପଣ୍ଡିତ । ପୁଷ୍ଟିକର ମଧ୍ୟାହ୍ନ ଭୋଜନ ପ୍ରତିଟି ଶିଶୁର ଅଧିକାର । ମଧ୍ୟାହ୍ନ ଭୋଜନ ଆମ ସମସ୍ତଙ୍କର ପ୍ରାଥମିକ ଦାୟିତ୍ୱ । ଏହା କିଭଳି ନିରାପଦ, ସ୍ୱଚ୍ଛ, ସୁରକ୍ଷିତ ହେବା ସହ ବିନା କୌଣସି ସମସ୍ୟାରେ ପ୍ରତିଦିନ ଛାତ୍ରଛାତ୍ରୀମାନଙ୍କୁ ମିଳିବ ସେ ନେଇ ସମସ୍ତଙ୍କୁ ସମ୍ବେଦନଶୀଳ ହେବାକୁ ପଡ଼ିବ ବୋଲି ସେ ମତପ୍ରକାଶ କରିଛନ୍ତି ।

ଅନ୍ୟପକ୍ଷେ ରାଜ୍ୟ ସଂଯୋଜକ ଅଧିକାରୀ (ପିଏମ୍-ପୋଷଣ) ଶ୍ରୀ ରଘୁରାମ ଆର୍ ଆୟାର ମଧ ଶିକ୍ଷା ଅଧିକାରୀମାନଙ୍କ ସହ ମଧ୍ୟାହ୍ନ ଭୋଜନ ପରିଚାଳନା କିପରି ସରଳ ଓ ନିରାପଦ ହୋଇପାରିବ ସେ ନେଇ ଆଲୋଚନା କରିଥିଲେ । ସୂଚନାଯୋଗ୍ୟ, ପିଏମ୍-ପୋଷଣ ଅନ୍ତର୍ଗତ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଉଛି ।

# ଆରମ୍ଭ ହେଲା ଧାନ କଟା: ମଣ୍ଡି ଅପେକ୍ଷାରେ ଚାଷୀ

କୋରାପୁଟ, ୧୦/୧୧ (ନି.ପ୍ର): ଖରିଫ ମଣ୍ଡି ତାରିଖ ଘୋଷଣା ହୋଇନି। ମଣ୍ଡିର ସୁପରିଚାଳନାକୁ ନେଇ ଜିଲ୍ଲାପାଳ ଏହାରି ମଧ୍ୟରେ ଦୁଇଟି ବୈଠକ କରି ସାରିଲେଣି। ମଣ୍ଡି ତାରିଖ ଘୋଷଣା ହୋଇନଥିଲେ ହେଁ ଧାନ ପାଚି ସାରିଥିବାରୁ କାଟିବା ଆରମ୍ଭ କଲେଣି। ୨୦ପ୍ରତିଶତ ଧାନ କାଟିସାରିଥିବା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ଯଦିଓ ରାଜ୍ୟ ସରକାର କୁଇଣ୍ଟାଲ ପିଛା ଏମଏସପି ୩୧୦୦ଟଙ୍କା ଘୋଷଣା କରିଛନ୍ତି। ତେବେ ମଣ୍ଡି କେବେ ଆରମ୍ଭ ହେବ ଠିକ୍ ଭାବେ ତାରିଖ ଘୋଷଣା ହୋଇନାହିଁ। ଅପରପକ୍ଷରେ ଅନ୍ୟ ରାଜ୍ୟର ଦଲାଲ ଓ ମଧ୍ୟସ୍ଥି ମାନେ ଗାଁକୁ ଗାଁ ବୁଲି କୁଇଣ୍ଟାଲ ପିଛା ୨୫ଶହ ଟଙ୍କା ଦେଇ ଧାନ କିଣିବା ଆରମ୍ଭ କରିଥିବା କହିଛନ୍ତି କେବିଡି ଅଂଚଳର ଚାଷୀ ସଦାଶିବ ନାୟକ। ଜିଲ୍ଲାରେ ଧାନଚାଷ ନକରି ଜମି ପଞ୍ଜୀକରଣ କରାଯାଇଥିବା ୧୫ ହଜାର ୮୪୭ ସନ୍ଦେହଜନକ ପ୍ଲଟକୁ ଧରିଛି ସାଟେଲାଇଟ। ଅନ୍ୟପକ୍ଷରେ ମିଲର୍ସ ମାନେ ସେମାନଙ୍କ ପୂର୍ବ ଦାବିରେ ଅଟଳ ରହି ଦାବି ପୂରଣ ନ ହେବା ଯାଏଁ ଧାନ ଉଠାଇବେ ନି ବୋଲି ଜିଲ୍ଲା ମିଲର୍ସ ଆସୋସିଏସନର ସଭାପତି ପୂର୍ଣ୍ଣ ପଟ୍ଟନାୟକ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି।

ସାଟେଲାଇଟରୁ ମିଳିଥିବା ତଥ୍ୟ ଅନୁସାରେ ଜୟପୁର ସର୍କଲର ଲ୍ୟାମ୍ପସରେ ୧୧ ହଜାର ୧୬୫, କୋରାପୁଟ ସର୍କଲ ଲ୍ୟାମ୍ପସରେ ୧୫୦୩ ଓ ସ୍ୱୟଂସହାୟକ ଗୋଷ୍ଠୀ ଓ ପାଣିପଂଚାୟତ ଗୁଡିକରେ ପଞ୍ଜୀକରଣ କରିଥିବା ଚାଷୀଙ୍କ ୩ ହଜାର ୧୭୯ ସନ୍ଦେହଜନକ ପ୍ଲଟ ରହିଛି। ଏଥିରେ ବୈପାରିଗୁଡା ଲ୍ୟାମ୍ପସ ଅଧିନରେ ସର୍ବାଧିକ ୨୯୫୧ ପ୍ଲଟ ଏବଂ ପାତ୍ରୁଆ ଲ୍ୟାମ୍ପସ ଅଧିନରେ ମାତ୍ର ଗୋଟିଏ ପ୍ଲଟ ରହିଛି ସନ୍ଦେହରେ। ମଣ୍ଡି ଆରମ୍ଭ ପୂର୍ବରୁ କ୍ରୟକାରୀ ସଂସ୍ଥାର ତାଲିମପ୍ରାପ୍ତ କର୍ମଚାରୀମାନେ ସେସବୁ ପ୍ଲଟ ଅଞ୍ଚଳକୁ ଯାଇ ଯାଞ୍ଚ କରିବେ। ସାଟେଲାଇଟରୁ ମିଳିଥିବା ତଥ୍ୟ ଅନୁସାରେ ସେସବୁ ପ୍ଲାଟରେ ଧାନ ଚାଷ ହୋଇଛି କି ନାହିଁ, ମୋବାଇଲରେ ଏହାର ଫଟୋ ଉତ୍ତୋଳନ କରି ଅପଲୋଡ କରିବେ। ଯଦି ଧାନଚାଷ ହୋଇଥାଏ, ଚାଷୀଙ୍କୁ ସେସବୁ ଜମିରୁ ଧାନ ବିକ୍ରି କରିବାକୁ ଟୋକନ ଆସିବ। ନହେଲେ ସେସବୁ ପ୍ଲଟକୁ ବ୍ଲକ କରାଯିବ। ଗତ ଖରିଫରେ ୨୧ ହଜାର ୮୦୦ ସନ୍ଦେହଜନକ ପ୍ଲଟ ରହିଥିଲା। ଯାଞ୍ଚ କଡାକଡି ହେଉଥିବାରୁ ଚଳିତବର୍ଷ ଏହି ସଂଖ୍ୟା କମିଥିବା ଜଣାପଡିଛି। ସେହିପରି ମିଲର୍ସ ମାନେ ସେମାନଙ୍କ ପୂର୍ବ ଦାବିରେ ଅଟଳ ରହିଛନ୍ତି। ପୂର୍ବରୁ ଜିଲ୍ଲାରେ ଗତ ବର୍ଷ ଖରିଫର ୮୫ପ୍ରତିଶତ ଚାଉଳ ଦିଆଯାଇଥିବା ବେଳେ ବଳକା ୩ଲକ୍ଷ ମେଟ୍ରୀକ ଟନ୍ ଚାଉଳ ଦେବାର ବାକି ରହିଥିବା କହିଛନ୍ତି ସଭାପତି। ଏହା ବାଦେ ପୁଣି ରବିରେ ନିଆଯାଇଥିବା ୭ଲକ୍ଷ ମେଟ୍ରୀକଟନ୍ ଧାନ ବି ମିଲରେ ଜମା ହୋଇ ପଡିଛି। ଖରିଫ ଧାନ ପୁଣି ଉଠାଇଲେ ମିଲରେ ଧାନ ରଖିବା ପାଇଁ ଜାଗା ନଥିବା ମିଲ ସଂଘ ସଭାପତି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି କହିଥିବା କହିଛନ୍ତି। ତେଣୁ ବିଳମ୍ବରେ ମଣ୍ଡି ଆରମ୍ଭ କରାନଗଲେ ମିଲର୍ସ ଧାନ ଆଣି ରଖିବାରେ ମୁସ୍କିଲ ହେବ ବୋଲି କହିଛନ୍ତି।

# ନଭେମ୍ବର ୧୪ ପୂର୍ବରୁ ଖାଲି କରିବାକୁ ନିର୍ଦ୍ଦେଶ: ୧୬ ତାରିଖରେ ଏମଜି ରୋଡ ପାଇବ ନୂଆ ରୂପ

ଜୟପୁର, ୧୦/୧୧ (ନି.ପ୍ର): ଏମଜି ରୋଡରେ ଆସନ୍ତା ୧୬ ତାରିଖରେ ବୁଲଡ୍ରୋଜର ବୁଲିବ ବୋଲି ପୌରପାଳିକା କାର୍ଯ୍ୟାଳୟରେ ନିଷ୍ପତି ନିଆଯାଇଛି। ଆସନ୍ତା ଗଣେଷ ପୂଜା ପର୍ଯ୍ୟନ୍ତ ବ୍ୟବସାୟୀଙ୍କୁ ମହଲତ ଦେବା ପରେ ଦୁର୍ଗାପୂଜାରେ ବ୍ୟବସାୟ କ୍ଷତି ହେବ ବୋଲି ଅନୁରୋଧ କରିବା ପରେ ଜବରଦଖଲ ଉଚ୍ଛେଦକୁ ସ୍ଥଗିତ ରଖାଯାଇଥିଲା। ଗତକାଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ଏ.ସସ୍ୟାରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୌର କର୍ମଚାରୀଙ୍କ ସମେତ ନିର୍ବାହୀ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ଆସନ୍ତା ୧୪ ତାରିଖ ଭିତରେ ପୌର ପାଳିକା ପକ୍ଷରୁ ଯେଉଁ ଚିହ୍ନଟ କରାଯାଇଛି ସେହି ଚିହ୍ନ ପର୍ଯ୍ୟନ୍ତ ବ୍ୟବସାୟୀ ମାନେ ନିଜେ ନିଜେ ଖାଲି କରିଦିଅନ୍ତୁ ନଚେତ ଆସନ୍ତା ୧୬ ତାରିଖରେ ପୌର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯିବ ବୋଲି ନୋଟିସ କରାଯାଇଛି। ଗତକାଲି ବୈଠକରେ ଉଚ୍ଛେଦ ସମୟରେ ନିଜ ନିଜ ବିଭାଗ ଅଧିନରେ ଆସୁଥିବା କାର୍ଯ୍ୟକୁ କିପରି ସୂଚାରୁ ରୁପେ ସମ୍ପନ୍ନ ହେବ ସେ ନେଇ ଆଲୋଚନା କରାଯାଇଥିଲା। ଯଦି କିଛି ବ୍ୟବସାୟୀ ରହିତାଦେଶ ଆଣନ୍ତି ତେବେ ସେନେଇ ମଧ କାର୍ଯ୍ୟପନ୍ଥା ନିର୍ଣ୍ଣୟ କରାଯିବ ବୋଲି ଆଲୋଚନା କରାଯାଇଥିଲା। ଏନେଇ ଜିଲ୍ଲାପାଳଙ୍କୁ ଅବଗତ କରାଗଲା ପରେ ଉଚ୍ଛେଦ ପ୍ରକିୟା ଆରମ୍ଭ କରାଯିବ। ଆସନ୍ତା ୧୫ ତାରିଖରେ କାର୍ତିକ ପୂର୍ଣ୍ଣିମା ସହ ଛୁଟି ଦିନ ଥିବା ଯୋଗୁଁ ୧୬ ତାରିଖରେ ଉଚ୍ଛେଦ କରିବା ପାଇଁ ନିଷ୍ପତି ନିଆଯାଇଛି। ଦ୍ୱେଲକମ ଛକ ଠାରୁ ଗାନ୍ଧୀଛକ ମଧ୍ୟରେ ଥିବା ଶିକ୍ଷାନୁଷ୍ଠାନର ପାଚେରୀ ସହ ସରକାରୀ ଅନୁଷ୍ଠାନ ଗୁଡିକର ପ୍ରକୋଷ୍ଠ ମଧ ଭଙ୍ଗାଯିବା ପାଇଁ ନିଷ୍ପତି ନିଆଯାଇଛି। ଉଚ୍ଛେଦ ପ୍ରକିୟା ସରିବା ପରେ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ କରାଯିବ। ସହରର ପ୍ରମୁଖ ବ୍ୟବସାୟୀକ ପେଣ୍ଠସ୍ଥଳୀ ଭାବେ ପରିଚିତ ମହାତ୍ମାଗାନ୍ଧୀ ରୋଡ ଏହି ରାସ୍ତାରେ ହୋଟେଲରୁ ଆରମ୍ଭ କରି ସମସ୍ତ ପ୍ରକାରର ଦୋକାନ ରହିଛି। ଦୈନିକ ଏହି ଅଂଚଳର ବଜାର ଉପରେ ସହରବାସୀ ନିର୍ଭର କରି ଚଳୁଛନ୍ତି। ଉଚ୍ଛେଦକୁ କିଛି ଲୋକ ସ୍ୱାଗତ କରୁଥିବା ବେଳେ କିଛି ଲୋକ ବିରୋଧ ମଧ କରୁଛନ୍ତି। କିନ୍ତୁ ପୌର ପାଳିକା ସହରକୁ ସୁନ୍ଦର ଓ ଟ୍ରାଫିକ ସମସ୍ୟାରୁ ମୁକୁଳିବା ନିମନ୍ତେ ଏହିପରି ପଦକ୍ଷେପ ନେଇଛନ୍ତି।

# ବାତ୍ୟା ଦାନାରେ ନଷ୍ଟ ହୋଇଥିବା ଫସଲର କ୍ଷତିପୂରଣ ଦେବାକୁ ଦାବି

କେନ୍ଦ୍ରାପଡ଼ା, ୧୦/୧୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ଭେଟି ବାତ୍ୟା ଦାନାରେ ନଷ୍ଟ ହୋଇଥିବା ଫସଲର କ୍ଷତିପୂରଣ ଦେବାକୁ ଦବି ଜଣାଇଛନ୍ତି । କେନ୍ଦ୍ରାପଡା ବ୍ଲକ ଜମଧର ଗ୍ରାମ ପଂଚାୟତର ଜଂଟିଲୋ, ବାଙ୍କବନ୍ଧ, କସୋଟୀପାଟ, ଜୁଇଦାସପୁର, ପାଣ୍ଡିରି ପାଟ, ଶ୍ୟାମସୁନ୍ଦରପୁର ପଂଚାୟତ ର ମରଡପୁର, ଜାମିତ୍ରୀ, ନାନକାର, ହାଲପୁର ପାଟ, ଭାଗବତପୁର ପଂଚାୟତର ବଣହରା, ପାଟକୁରା, ସିଙ୍ଗିରୀ, ଚକ୍ରୋଡା ପଂଚାୟତର ଚକ୍ରୋଡା ପାଟ, ତରାପୁର, ନୂଆସାହି ପାଟ ପ୍ରଭୃତିରେ ଧାନ ଫସଲର ବ୍ୟାପକ କ୍ଷତି ଘଟିଥିବା ଜଣାପଡିଛି । ଅନେକ ସ୍ଥାନରେ ଧାନ ଥୋଡ ହେଇ ପାଣିରେ ବୁଡିଥିବା ବେଳ ଅଳ୍ପ ଅଂଶ ଉପରକୁ ଦେଖାଯାଉଛି । ଫଳରେ ଧାନ ଗୁଡିକ ଅଗାଡି ହେବା ନିଶ୍ଚିନ୍ତ ହୋଇଯାଇଛି । ମଧୁସାଗର ଯୋର ପାଣି ନିଷ୍କାସିତ ହୋଇ ନପାରିବାରୁ ଚକ୍ରୋଡା ଠାରୁ ସେଣ୍ଟ ଜୋସେଫ ସ୍କୁଲ ପର୍ଯ୍ୟନ୍ତ ଥିବା ପାଟନାଳୀ ଅବରୋଧ ହୋଇଥିବା କାରଣରୁ ଉଦ୍‌ବୃତ ହେଉଥିବା ପାଣି ଗୋବରୀ ନଦୀକୁ ଯାଇପାରୁ ନାହିଁ । ଏହି ବ୍ୟାପକ ଅଂଚଳର ଧାନ ଫସଲର କ୍ଷୟକ୍ଷତିକୁ ଆକଳନ କରି ଚାଷୀମାନଙ୍କୁ କ୍ଷତିପୂରଣ ଦେବାକୁ ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର, ଅଞ୍ଜନ ପଲାଇ, କୃତିବାସ ଦାସ, ଆଦିକନ୍ଦ ବଳ, କମଳାକାନ୍ତ ମହାନ୍ତି, ରଂଜିତ୍ ସାମଲ ଓ ଦାମୋଦର ଜେନ ପ୍ରମୁଖ ଦାବି କରିଛନ୍ତି ।

# ରମାଦେବୀରେ ବୃତ୍ତିଗତ ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର, ୧୦/୧୧ (ନି.ପ୍ର): ବିମାନ ଚାଳନା କ୍ଷେତ୍ରରେ ମହିଳାମାନଙ୍କୁ ଅଧିକ ପ୍ରୋତ୍ସାହିତ କରାଯିବ । ବିମାନ ଚାଳନା କ୍ଷେତ୍ରରେ ୫୦ ପ୍ରତିଶତ ମହିଳାଙ୍କୁ ଅଂଶଗ୍ରହଣ କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି ବୋଲି ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ଜେନା ପ୍ରକାଶ କରିଛନ୍ତି । ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ବିମାନ ଚାଳନା କ୍ଷେତ୍ରରେ ମହିଳାଙ୍କ ପ୍ରବେଶ ନେଇ ଏକ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ଜେନା ଉପରୋକ୍ତ ମର୍ମରେ ରାଜ୍ୟରେ ବହୁସଂଖ୍ୟାରେ ମହିଳା ବୈମାନିକ ସୃଷ୍ଟି ହେବା ଉପରେ ଗୁରୁତ୍ୱ ଦେଇଛନ୍ତି। ବିଶ୍ୱବିଦ୍ୟାଳୟରେ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଓମେନ୍ ଇନ୍ ଆଭିଏସନ୍ ଇଣ୍ଡିଆ (ଡବ୍ଲୁ.ଏଆଇ) ସଂଗଠନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନେ ବିମାନ ଚାଳନା କ୍ଷେତ୍ରକୁ ବୃତ୍ତିଗତ ଭାବରେ ଆପଣାଇବା ପାଇଁ ଉତ୍ସାହିତ କରାଯାଇଥିଲା । ସେମାନଙ୍କୁ ବିମାନ ଚାଳନା କ୍ଷେତ୍ରରେ ଦକ୍ଷତା ବିକାଶ, କ୍ଷେତ୍ରୀୟ ଜ୍ଞାନ ଓ ଲିଙ୍ଗଗତ ବୈଷମ୍ୟ ଦୂରୀକରଣ ନେଇ ସଚେତନ କରାଯାଇଥିଲା । ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଏହି ଅବସରରେ ବୈମାନିକ ବୃତ୍ତି ପାଇଁ ନିର୍ଦ୍ଧାରିତ ଏକ ନିର୍ଦ୍ଦେଶ ପୁସ୍ତିକା ଉନ୍ମୋଚନ କରିବା ସଙ୍ଗେ କହିଥିଲେ ଯେ ବିମାନ ଚାଳନା ପାଇଁ ମହିଳାମାନଙ୍କ ସକାଶେ ଆକାଶ ସୀମିତ ନୁହେଁ, ବରଂ ଆରମ୍ଭ ମାତ୍ର । ପାରମ୍ପରିକ ଲିଙ୍ଗଗତ ବୈଷମ୍ୟ ଦୂର କରି ଏହି କ୍ଷେତ୍ରରେ ମହିଳାମାନଙ୍କ ଅଧିକ ପ୍ରବେଶ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀମତୀ ପାଢ଼ୀ ଉଲ୍ଲେଖ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମତୀ ରଶ୍ମିତା ପଣ୍ଡା ଡବ୍ଲୁ.ଏଆଇ ସଂଗଠନର ସଭାପତି ଶ୍ରୀମତୀ ରାଧା ଭାଟିଆଙ୍କ ସମେତ ସୋନା ମୁର୍ଦ୍ଦି, ଯସ୍ମିନ୍ ପରିଚ୍ଛା ଓ ସୋନିଆ କପିଳା ପ୍ରମୁଖ ବୈମାନିକ ବୃତ୍ତି ନିମନ୍ତେ ବିଭିନ୍ନ ପରାମର୍ଶ ଦେଇଥିଲେ । ଛାତ୍ରୀମାନଙ୍କ ମଧ୍ୟରେ ଏକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଢେଙ୍କାନାଳ ଜିଲ୍ଲା ବିରାଶାଳଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହେଉଥିଖବା ବିମାନ ଚାଳନା କେନ୍ଦ୍ରକୁ କ୍ରିୟାଶୀଳ କରିବା ଲକ୍ଷ୍ୟରେ ସେଠାରେ ବିସ୍ତୃତ ବିମାନ ଚାଳନା ତାଲିମ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ।

# ସୁରଭି ଗୋସେବା ଧାମରେ ଗୋପାଷ୍ଟମୀ ଉତ୍ସବ ପାଳନ

ବଲାଙ୍ଗୀର, ୧୦/୧୧ (ନି.ପ୍ର): ସୁରଭି ଗୋଷେବା ଧାମ ବିଚ୍ଛୁ ପାଲି ଠାରେ ଆଜି ଗୋପାଷ୍ଟମୀ ଉତ୍ସବ ପାଳନ ହୋଇଯାଉଛି। ମୁଖ୍ୟଅତିଥି ଗୋପାଳଜି ପାଣିଗ୍ରାହୀ, ମୁଖ୍ୟବକ୍ତା ସିଦ୍ଧେଶ୍ୱର ମିଶ୍ର, ସୌମେନ୍ଦ୍ର ମିଶ୍ର, ଶ୍ରୀ ସୁରଭି ଗୋ ସେବା ଧାମର ସଭାପତି ରାମଚନ୍ଦ୍ର ବିଶ୍ୱାଳ, ସମ୍ପାଦକ ତ୍ରିଲୋଚନ ମେହେର, ସହଯୋଗ କରିଥିଲେ। ଜଗନ୍ନାଥ ମାହାନା, ଅଶ୍ୱିନୀ କୁମାର ପଟେଲ, ସାଇ ସୁନ୍ଦର, ଖୁସିରାମ ମାଝୀ, ମଦନ, ଗାୟତ୍ରୀ ପରିବାର ବଲାଙ୍ଗୀର, ବିଶ୍ୱ ହିନ୍ଦୁ ପରିଷଦ ବଲାଙ୍ଗୀରର କର୍ମ କତା, ପବିତ୍ର ଦାସ, ଶ୍ରୀକର ପଧାନ, ବଜରଙ୍ଗ ଦଳ ବଲାଙ୍ଗୀରର ସଦସ୍ୟମାନେ. ସପୂର୍ଣ୍ଣା ଆନୁଷ୍ଠାନ, ଆଲଙ୍ଗୀର ଓ ବୁବେଲ ପଂଚାୟତ ଅନ୍ତର୍ଗତ ସମସ୍ତ ଗ୍ରାମର ଗୋଭକ୍ତ ପାଖାପାଖି ୫୦୦ ଜଣ ଗୋସେବକ ଗୋପ୍ରେମୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରଥମେ ଗୋପୁଜନରୁ ଆରମ୍ଭ ହୋଇଥିଲା, ଗାୟତ୍ରୀ ଯଜ୍ଞ, ତାପର ଗୋ କଥାରେ ଶ୍ରୀ ସିଦ୍ଧେଶ୍ୱର ମିଶ୍ର 'ଗୋମାତାଙ୍କ ଅବଦାନ ଆମ ସମାଜ ପାଇଁ କଣ କଣ ରହିଛି' ତା' ଉପରେ ଆଲୋକପାତ କରିଥିଲେ, ପରିଶେଷରେ ଛତିଶଗଡରୁ ଆସିଥିବା ପ୍ରଶିକ୍ଷକ ଶ୍ରୀ ମୋହନ ଚନ୍ଦ୍ର ସାହୁ ମହିଳାମାନଙ୍କୁ ସେମାନେ କିପରି ଭାବରେ ସ୍ୱାବଲମ୍ବନ ପଂଚଗବ୍ୟକୁ ନେଇ ହୋଇପାରିବେ ତା' ଉପରେ ପ୍ରଶିକ୍ଷଣ ଦେଇଥିଲେ ଏହାକୁ ଓ ସମ୍ପୂର୍ଣ୍ଣା ଅନୁଷ୍ଠାନ ତାଙ୍କୁ ସହଯୋଗ କରିଥିଲେ।

# ସୀମାନ୍ତରେ ଝାଡ଼ଖଣ୍ଡ ନିର୍ବାଚନ ପ୍ରଚାର: ମଙ୍ଗଧରିଛନ୍ତି ଓଡ଼ିଆ ଆଦିବାସୀ ନେତା




ରାଉରକେଲା, ୧୦/୧୧ (ନି.ପ୍ର): ଆସନ୍ତା ୧୩ ଓ ୨୦ରେ ହେବାକୁ ଯାଉଛି ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ। ସିମ୍‌ଡେଗା ଓ ମନୋହରପୁର ଦୁଇ ବିଧାନସଭା ନିର୍ବାଚନର ତାତି ସୁନ୍ଦରଗଡ଼ ସୀମାନ୍ତ ବ୍ଲକ୍ ନୂଆଗାଁ, ବିଶ୍ରା ଓ କୁଆରମୁଣ୍ଡା ଉପର ପଡ଼ିଛି। ତିନି ବ୍ଲକ୍‌ର ପ୍ରାୟ ୨୦ରୁ ଅଧିକ ପଞ୍ଚାୟତବାସିନ୍ଦାଙ୍କ ମଧ୍ୟରୁ ପ୍ରାୟ ୫୦% ଲୋକ ଏବେ ଉଭୟ ସିମ୍‌ଡେଗା ଓ ମନୋହରପୁର ବନ୍ଧୁ ଓ ସମ୍ପର୍କୀୟ ଘରେ ରହୁଛନ୍ତି। ଏମାନେ ଝାଡ଼ଖଣ୍ଡର ଭୋଟର ନହେଲେ ମଧ ନିର୍ବାଚନରେ ପ୍ରାର୍ଥୀଙ୍କ ପାଇଁ ନିର୍ଣ୍ଣାୟକ ଭୂମିକା ନେଇଛନ୍ତି। ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ଗାଁର ଆଦିବାସୀ ନେତାଙ୍କ ନେତୃତ୍ୱରେ ଗଠିତ ବିଭିନ୍ନ ସଙ୍ଗଠନରେ ଉଭୟ ରାଜ୍ୟର ଶତାଧିକ କାର୍ଯ୍ୟକର୍ତ୍ତା ଥିବାରୁ ଏମାନଙ୍କୁ ବିଜେପି ଓ ଜେଏମ୍‌ଏମ୍ ନେତାମାନେ ନିର୍ବାଚନୀ ଅସ୍ତ୍ର କରିଛନ୍ତି। ଯେଉଁମାନେ ଝାଡ଼ଖଣ୍ଡର ସିମ୍ ?ଡେଗା ଓ ମନୋହରପୁର ବିଧାନସଭା କ୍ଷେତ୍ରରେ ପ୍ରଚାରର ମଙ୍ଗ ଧରିଛନ୍ତି। ଦୁଇ ବିଧାନସଭା କ୍ଷେତ୍ରର ରାଜନୈତିକ ଦଳର ପ୍ରାର୍ଥୀମାନେ ରାତି ପାହିଲେ ଓଡ଼ିଆ ଆଦିବାସୀ ନେତାମାନଙ୍କୁ ଖୋଜୁଛନ୍ତି। କାରଣ ସୀମାନ୍ତଗାଁର ଭୋଟର ଏମାନଙ୍କ ହାତରେ ରହିଛି। ତେଣୁ ଜେଏମ୍‌ଏମ୍ ଓ ବିଜେପି ଦଳର ତୁଙ୍ଗ ନେତା ସୀମାନ୍ତ ଓଡ଼ିଶା ଗାଁରୁ ନେତା କୌଣସି ମୋତେ ଏମାନଙ୍କୁ ହାତଛଡ଼ା କରିବାକୁ ଚାହୁଁନାହାନ୍ତି। ବିଶ୍ରା ବ୍ଲକ୍ ଅନ୍ତର୍ଗତ ଜରେଇକେଲା, ମନ୍‌କୋ, ତୁଳସୀକାନି, ଭାଲୁଲତା, ଅଜୟକେଲା ଓ ଚିରୁବେଡ଼ା ଆଦି ଗାଁର ଶତାଧିକ ଆଦିବାସୀନେତା ଓ ସମ୍ପର୍କୀୟମାନେ ଝାଡ଼ଖଣ୍ଡର ମନୋହରପୁର ବାରାଡିହି, ଧନାପାଲି, ପଞ୍ଚପହିଆ, ଜମାଲ, ଦିଘା, ଥାଲ୍‌କୋବାଦ୍, ତିର୍ଲିପୋଷି, ମୀନାବଜାର ଆଦି ଗାଁରେ ଜେଏମ୍‌ଏମ୍, ବିଜେପି, ସ୍ୱାଧୀନ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି। ସକାଳେ ହେଲେ ଘରୁ ପ୍ରାୟ ୭ରୁ ୧୦ କି.ମି. ଝାଡ଼ଖଣ୍ଡର ଏସବୁ ଗାଁର ପ୍ରଚାରକୁ ବାହାରି ଯାଉଛନ୍ତି। ସଞ୍ଜ ହେଲେ ପୁଣି ଘରକୁ ଫେରି ଆସୁଛନ୍ତି। କିଛି ଲୋକ ବନ୍ଧୁପରିଜନଙ୍କ ଘରେ ରହିଯାଉଛନ୍ତି। ନୂଆଗାଁ ବ୍ଲକ୍ ଅନ୍ତର୍ଗତ ଚିତାପେଡି, ବଡ଼ଯୋଯୋଦା, ଲୁକୁମବେଡ଼ା, କରଡେଗା, କୋକେରମା, ପୁରୁଣାପାଣି, ସୋରଡା, ଉର୍ମେଇ ଆଦି ପଞ୍ଚାୟତର ବିଭିନ୍ନ ଆଦିବାସୀ ସଙ୍ଗଠନର ନେତା ଉଭୟ ସିମ୍‌ଡେଗା ଓ ମନୋହରପୁର ବିଧାନସଭାରେ ସୀମାନ୍ତ ଗାଁରେ ପ୍ରଚାର ମଙ୍ଗ ଧରିଛନ୍ତି। ସେମିତି ବୀରମିତ୍ରପୁର, କୁଆମୁଣ୍ଡା ବ୍ଲକ୍‌ର ପ୍ରତାପପୁର, ରାଏବଗା, ଅଣ୍ଡାଳି, ମଝାପଡ଼ା ଆଦି ପଞ୍ଚାୟତର ଆଦିବାସୀନେତା ଓ ବନ୍ଧୁପରିଜନ ଝାଡ଼ଖଣ୍ଡ ସିମ୍‌ଡେଗା ବିଧାନସଭା କ୍ଷେତ୍ରର ବାଉଁଶଜୋର, ତରଗା, ଭୁକୁମୁଣ୍ଡା, ଜାମପାଲି, ସିଆଲଜୋର ଆଦି ଅନେକ ପଞ୍ଚାୟତ ଓ ଗାଁରେ ସ୍ଥାନୀୟ ନେତାଙ୍କ ସହ ମିଶି ଦିନରାତି ପ୍ରଚାର କରୁଛନ୍ତି। ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ଜେଏମ୍‌ଏମ୍ ଓ ବିଜେପି ମଧ୍ୟରେ କଡ଼ା ଟକ୍କର ହେଉଥିବାରୁ ଝାଡ଼ଖଣ୍ଡ ସୀମାନ୍ତ ଓଡ଼ିଶା ଗାଁର ନେତା ଓ ବନ୍ଧୁପରିଜୟ ଉଭୟ ଦଳର ନେତାମାନେ ନିଜ ପ୍ରାର୍ଥୀଙ୍କ ପ୍ରଚାରରେ ଲଗାଇଛନ୍ତି।

# ଦୁର୍ଘଟଣାରେ ଜଣେ ମୃତ: ୩ ଆହତ

ଜୟପୁର, ୧୦/୧୧ (ନି.ପ୍ର): ବାଇକ ଦୁର୍ଘଟଣା ରେ ଜଣେ ମୃତ ହୋଇଥିବା ବେଳେ ୩ ଜଣ ଆହାତ ହୋଇଥିବା ଜଣାଯାଇଛି । ମୃତକ ଜଣକ ହେଉଛନ୍ତି ପଣସପୁଟ ବାଗ୍ରା ଗ୍ରାମର ମକର ହରିଜନ (୪୫) । ପୋଲିସ ସୂଚନା ଅନୁଯାଇ ପଣସପୁଟବାଗ୍ରା ଗ୍ରାମର ମକର ହରିଜନ ଏକ ବାଇକରେ ସ୍ତ୍ରୀ ଓ ମା କୁ ଧରି ଜୟପୁର ଅଭିମୁଖେ ଆସୁଥିବା ବେଳେ ଅନ୍ୟ ଏକ ବାଇକ ବୈପାରିଗୁଡା ଅଭିମୁଖେ ଯାଉଥିବା ବେଳେ ଜବାକନଡି ନିକଟରେ ବାଇକଟି ଓଵରଟେକ କରୁଥିବା ବେଳେ ଲାଗି ଯାଇଥିଲା । ଫଳରେ ରାସ୍ତା ପଡି ଗୁରୁତର ହୋଇପଡିଥିଲେ ମକର । ଗୁରୁତର ଅବସ୍ଥାରେ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ କୁ ଅଣାଯାଇଥିବା ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ ।

# ପୁରୀ ସହରରେ ଡିଜିଟାଲ ଜୀବନ ପ୍ରମାଣପତ୍ର ଅଭିଯାନ ଅନୁଷ୍ଠିତ

ଭୁବନେଶ୍ୱର, ୧୦/୧୧ (ନି.ପ୍ର): ପେନସନ ଓ ପେନସନଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ ପୁରୀ ସ୍ୱର୍ଗଦ୍ୱାର ବ୍ୟାଙ୍କ ଅଫ୍ ବରୋଦା ଶାଖା ଏବଂ କଟେରୀ ଛକ ସ୍ଥିତ ମୁଖ୍ୟ ଡାକଘରେ ଡିଜିଟାଲ ଜୀବନ ପ୍ରମାଣପତ୍ର (ଡିଏଲସି) ଅଭିଯାନ ୩.୦ ଅନୁଷ୍ଠିତ ହୋଇଯାଇଛି । ବିଭାଗର ବରିଷ୍ଠ ନିର୍ଦ୍ଦେଶକ (ଆଇଟି) ଅନୀଲ ବଂଶଲଙ୍କ ସମେତ ବ୍ୟାଙ୍କ ଅଫ୍ ବରୋଦା, ଡାକ ବିଭାଗ ଏବଂ ୟୁଆଇଡିଏଆଇର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ପେନସନଭୋଗୀଙ୍କୁ ଡିଏଲସି କରାଇବା ସହିତ ସେମାନଙ୍କୁ ଚେହେରା ପ୍ରମାଣୀକରଣ ପଦ୍ଧତିରେ ଜୀବନ ପ୍ରମାଣପତ୍ର ଦାଖଲ କରିବା ବିଷୟରେ ସଚେତନ କରାଇଥିଲେ। ଏହିସବୁ ଶିବିରରେ ବ୍ୟାପକ ପ୍ରଚାରପ୍ରସାର ଏବଂ ଏହାକୁ ଫଳପ୍ରଦ କରିବା ପାଇଁ ସମସ୍ତ ପ୍ରୟାସ କରାଯାଇଥିଲା। ସୂଚନାଯୋଗ୍ୟ, ପେନସନ ଓ ପେନସନଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ ୧ରୁ ୩୦ ନଭେମ୍ବର ପର୍ଯ୍ୟନ୍ତ ଡିଏଲସି ଅଭିଯାନ ୩.୦ ଅନୁଷ୍ଠିତ ହେଉଛି । ଏହି ଅଭିଯାନ ସାମଗ୍ରିକ ସରକାର ଆଭିମୁଖ୍ୟ ନେଇ ସାରା ଭାରତର ୮୦୦ ସହର/ଜିଲ୍ଲାରେ ଅନୁଷ୍ଠିତ ହେଉଛି ଏବଂ ଏଥିରେ ସବୁ ଅଂଶୀଦାର ଏକାଠି ହୋଇ ସହଯୋଗ କରୁଛନ୍ତି। କେନ୍ଦ୍ର ସରକାରୀ ପେନସନଭୋଗୀଙ୍କ ସହଜ ଜୀବନଧାରଣ ପାଇଁ ଚେହେରା ପ୍ରମାଣୀକରଣ ବା ଫେସ୍ ଅଥେଂଟିକେସନ୍ ପଦ୍ଧତିରେ ଡିଏଲସି ଦାଖଲ ପ୍ରକ୍ରିୟା ୨୦୨୧ରେ ଆରମ୍ଭ ହୋଇଥିଲା। ଏହି ଜ୍ଞାନକୌଶଳ ଦ୍ୱାରା ପେନସନଭୋଗୀମାନେ ଯେକୌଣସି ଆଣ୍ଡ୍ରଏଡ୍ ସ୍ମାର୍ଟଫୋନ୍ ବ୍ୟବହାର କରି ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ। ଏହା ବାହ୍ୟ ବାୟୋମେଟ୍ରିକ୍ ଡିଭାଇସ୍ ର ଆବଶ୍ୟକତା ହ୍ରାସ କରିଥାଏ ଏବଂ ଏହି ପ୍ରକ୍ରିୟାକୁ ଅଧିକ ଶସ୍ତା ଓ ସୁଲଭ କରିଥାଏ । ୨୦୨୨ ଅଭିଯାନରେ ୧.୪୧ କୋଟି ରୁ ଅଧିକ ଡିଏଲସି କରାଯାଇଥିଲା, ଏଥି ମଧ୍ୟରେ କେନ୍ଦ୍ର ସରକାରଙ୍କ ପେନସନଭୋଗୀଙ୍କ ଠାରୁ ୪୨ ଲକ୍ଷ ଦାଖଲ କରାଯାଇଥିଲା। ୨୦୨୩ରେ ୧୦୦ଟି ସ୍ଥାନରେ ହୋଇଥିବା ଏହି ଅଭିଯାନରେ ୧.୪୭ କୋଟିରୁ ଅଧିକ ଡିଏଲସି ହୋଇଥିବା ବେଳେ କେନ୍ଦ୍ର ସରକାରଙ୍କ ପେନସନଭୋଗୀଙ୍କ ଠାରୁ ୪୫ ଲକ୍ଷ ଟଙ୍କା ମିଳିଥିଲା। ବିଭିନ୍ନ ବ୍ୟାଙ୍କ, ଇଣ୍ଡିଆ ପୋଷ୍ଟ ପେମେଂଟ ବ୍ୟାଙ୍କ, ପେନସନର୍ସ ଆସୋସିଏସନ, ୟୁଆଇଡିଏଆଇ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରଣାଳୟ, ପ୍ରତିରକ୍ଷା ମନ୍ତ୍ରଣାଳୟ, ରେଳ ମନ୍ତ୍ରଣାଳୟ ଏବଂ ଡିଓଟିର ମିଳିତ ସହଯୋଗରେ ଏହି ଅଭିଯାନ ଆୟୋଜିତ ହେଉଛି । ଏହାର ଲକ୍ଷ୍ୟ ହେଉଛି ପେନସନଭୋଗୀ, ବିଶେଷକରି ଅତିବରିଷ୍ଠ ନାଗରିକ ଏବଂ ଭିନ୍ନକ୍ଷମ ବ୍ୟକ୍ତିମାନେ ସହଜରେ ସେମାନଙ୍କ ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ । ଦେଶବ୍ୟାପୀ ଡିଏଲସି ଶିବିର ପ୍ରତିଷ୍ଠା କରାଯାଇଛି ଏବଂ ସ୍ମାର୍ଟଫୋନ୍ ଧରିଥିବା କର୍ମଚାରୀମାନେ ଶିବିରଗୁଡ଼ିକରେ ପେନସନଭୋଗୀଙ୍କୁ ସାହାଯ୍ୟ କରୁଛନ୍ତି।

# ଗୋଚାଲାଣକାରଙ୍କ ବିରୁଦ୍ଧରେ ହେବ କଠୋର କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ

ଭୁବନେଶ୍ୱର, ୧୦/୧୧ (ନି.ପ୍ର): ଗୋଚାଲାଣକାରୀ ଓ ଗୋହତ୍ୟାରେ ସାମିଲ ଥିବା ଲୋକ ମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ପଶୁ ମତ୍ସ୍ୟ ସମ୍ପଦ ବିଭାଗର ମନ୍ତ୍ରୀ ଗୋକୁଳନନ୍ଦ ମଲ୍ଲିକ। ସେ କହିଛନ୍ତି ଯେ ରାଜ୍ୟ ସରକାର ଗୋଧନର ସଂରକ୍ଷଣ ଓ ସମ୍ବର୍ଦ୍ଧନ କରିବାକୁ ସଂକଳ୍ପବଦ୍ଧ । ସେ କହିଛନ୍ତି ଯେ କାମଧେନୁ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରା ଯାଉଛି । ଗୋ ରକ୍ଷା, ଗୋ ସୁରକ୍ଷା, ଗୋ ବଂଶ ବୃଦ୍ଧି, ଦୁଗ୍ଧ ଉତ୍ପାଦନ ବୃଦ୍ଧି, ଏହା ସହ ଜୈବିକ ସାର ଆଦିର ଉତ୍ପାଦନ ଉପରେ ଧ୍ୟାନ ଦିଆଯିବ। ଏଥିଲାଗି ଉପମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଛି । ଏଥିରେ ୫ ଜଣ ମନ୍ତ୍ରୀ ଓ ସଚିବ ମଧ ରହିଛନ୍ତି। ରାସ୍ତାଘାଟର ହେଉଥିବା ଗାଇଗୋରୁଙ୍କ ଦୁର୍ଘଟଣାକୁ ରୋକିବା ସହ ଥଇଥାନ ଓ ସୁରକ୍ଷାକୁ ଗୁରୁତର ସହ ପଦକ୍ଷେପ ନେବେ। ସେ କହିଛନ୍ତି ଯେ ପ୍ରତି ବ୍ଲକରେ ହେବ ଓଙ୍ଗେଡ ଷ୍ଟଲ ହେବ। ଜିଲ୍ଲାର ସବୁ ବଡ଼ ବଡ଼ ମନ୍ଦିରରେ ଓଙ୍ଗେଡ ଘିଆର ବ୍ୟବହାର କରିବାକୁ ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ କୁହାଯାଇଛି । ସେ ଆହୁରି କହିଛନ୍ତି, ପ୍ରତି ବ୍ଲକରେ କାମଧେନୁ ଯୋଜନା ଅନୁସାରେ ୮ ଟି ବିନ୍ଦୁରେ କାର୍ଯ୍ୟକାରୀ ହେବ। ୧୪୨୩ କୋଟି ଟଙ୍କା ବ୍ୟୟରେ ଏହି କାମଧେନୁ ଯୋଜନା ହେବ। ଦୁଗ୍ଧ ଉତ୍ପାଦନ ବୃଦ୍ଧିକୁ ଗୁରୁତ୍ୱ ଦିଆଯିବ। ମାଈ ବାଛୁରୀଙ୍କ ଖାଦ୍ୟ ପାଇଁ ସବସିଡି ଦିଆଯିବ। ଓଙ୍ଗେଡଗୁଡ଼ିକର ପୁନର୍ଗଠନ କରାଯିବ। ପ୍ରତି ଗାଁ ରେ ଗୋପନ କ୍ଷେତ୍ରରେ ସବସିଡି ବ୍ୟବସ୍ଥା କରିବାକୁ ଯୋଜନା ହୋଇଛି। ଗାଁ ଗହଳିରେ ଓଙ୍ଗେଡର ଚାହିଦା ବଢୁଛି। ତେଣୁ ପ୍ରତି ଗାଁରେ ଏହି ଓଙ୍ଗେଡ ଷ୍ଟଲ୍ ଖୋଲିବାକୁ ବ୍ୟବସ୍ଥା କରିବୁ ବୋଲି ସେ କହିଛନ୍ତି ।

# ଗର୍ଭାବସ୍ଥାରେ ଜଣ୍ଡିସ୍

ରକ୍ତରେ ସିରମ୍ ବିଲରୁବିନ୍ ମାତ୍ରା ଶତକଡ଼ା ୨ମିଲିଗ୍ରାମରୁ ଅଧିକ ହେଲେ ଏହାକୁ ଜଣ୍ଡିସ୍ କୁହାଯାଏ । ଗର୍ଭାବସ୍ଥାରେ ଜଣ୍ଡିସ୍ ଆକ୍ରାନ୍ତ କରିବା ସାଂଘାତିକ । ଭାରତରେ ପ୍ରାୟ ହଜାରକରେ ଜଣଙ୍କୁ ଗର୍ଭାବସ୍ଥାରେ ଜଣ୍ଡିସ୍ ହେଉଥିବା ବେଳେ କେତେକ କ୍ଷେତ୍ରରେ ଏହା ଶିଶୁ ଓ ମାତୃ ମୃତ୍ୟୁର କାରଣ ହୋଇଥାଏ । ଗର୍ଭାବସ୍ଥାରେ ଜଣ୍ଡିସ୍ ହେବାର କାରଣଗୁଡ଼ିକ ହେଲା- ଉଚ୍ଚରକ୍ତଚାପ, ଗୋଡ଼ ଫୁଲି ବାତ ମାରିବା ଅବସ୍ଥା ଗର୍ଭର ଆଦ୍ୟାବସ୍ଥାରେ ବାନ୍ତି ହୋଇ ଅତ୍ୟନ୍ତ ଦୁର୍ବଳ ହେବା ଯୋଗୁ ଗର୍ଭାବସ୍ଥାର ଦ୍ୱିତୀୟାର୍ଦ୍ଧରେ ଯକୃତରେ ପିତ୍ତ ବୃଦ୍ଧି ହୋଇ ଜମାହେବା ଯକୃତରେ ଚର୍ବି ଜମିବା ଇତ୍ୟାଦି । ଭାଇରାଲ ହେପାଟାଇଟିସ୍ ସଂକ୍ରାମକ ରୋଗ । ହେପାଟାଇଟିସ୍ ଏଓ ଇ ଖାଦ୍ୟ- ପାନୀୟ ଦ୍ୱାରା ଏବଂ ବି,ସି ଓ ଡି ଇଞ୍ଜେକସନ୍, ରକ୍ତ ସଞ୍ଚାରଣ ଓ ଶାରୀରିକ ସମ୍ପର୍କ ମାଧ୍ୟମରେ ସଂକ୍ରମିତ ହୋଇଥାଏ । ଗର୍ଭାବସ୍ଥାରେ ଏପରି ଜଣ୍ଡିସ୍ମାତ ଓ ଶିଶୁ ମୃତ୍ୟୁହାର ବଢ଼ାଏ ।



କେତେକ ମହିଳା ଜଟିଳ ଯକୃତ ରୋଗରେ ଆକ୍ରାନ୍ତ ଥିବା ବେଳେ ଗର୍ଭବତୀ ହୋଇଥାନ୍ତି । ଏହି ରୋଗଗୁଡ଼ିକ ହେଲେ- ସିରୋସିସ୍ ଅଫ୍ ଲିଭର, ବିଲିଆରି ସିରୋସିସ୍, ପିତ୍ତକୋଷରେ ପଥର, ମଦପାନ ଜନିତ ଯକୃତ ପ୍ରଦାହ ଯକୃତ ଶିରା ବନ୍ଦ ହୋଇ ଜଳ ଉଦରି ଏବଂ ଅନ୍ୟାନ୍ୟ ସବୁ ପ୍ରକାର ଜଟିଳ ଯକୃତ ରୋଗ । ଏମାନେ ଗର୍ଭରୋଗ ବିଶେଷଜ୍ଞ ଏବଂ ଯକୃତ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ ପୂର୍ବକ ଜଣ୍ଡିସ୍ ଚିକିତ୍ସା କରିବା ଉଚିତ ।

ରୋଗୀର ଲକ୍ଷଣ ଆବଶ୍ୟକ ସ୍ଥଳେ ଅଲଟ୍ରାସାଉଣ୍ଡ, ଏଣ୍ଡୋସ୍କୋପି ଓ ସିଟିସ୍କାନ୍ କରି ରୋଗ ନିରୂପଣ କରାଯାଏ । ଗର୍ଭାବସ୍ଥାରେ ଅଧିକ ଭାଇରାଲ ହେପାଟାଇଟିସ୍ ରୋଗ ହୋଇଥାଏ । ଏହି ଭୂତାଣୁମାନେ ଯକୃତରେ ରହି ବଢିବଢ଼ି ଯକୃତକୁ କ୍ଷତାକ୍ତ କରିଥାନ୍ତି । ହେପାଟାଇଟିସ୍ ଏ ଗର୍ଭାବସ୍ଥାରେ ସାଂଘାତିକ ହୋଇ ଲିଭର ଫେଲୁଅର ହେବାର ଆଶଙ୍କା ଅଧିକ । ଏଥିରୁ ରକ୍ଷା ପାଇବ । ଲାଗି ଟୀକା ବାହାରିଲାଣି । ଏହା ସହ ସୁଷମ ଖାଦ୍ୟ ଖାଇବା ଏବଂ ଶୁଦ୍ଧ ପାଣି ପିଇବା ଦରକାର । ସେହିପରି ହେପାଟାଇଟିସ୍ ବିଓ ଡି ପାଇଁ ମଧ ଟିକା ଥିବା ବେଳେସିଓଇପାଇଁ ପ୍ରତିଷେଧକ ଏଯାବତ୍ ବାହାରିନାହିଁ ।



ଜଣ୍ଡିସ୍ ସମୟରେ ଗୁଣି ଗାରେଡି, ଝଡ଼ାଫୁଙ୍କା, ପରି ଅନାବଶ୍ୟକ ଚିକିତ୍ସା ମାରାତ୍ମକ ହୋଇପାରେ ।

# ନିରାଶାରୁ ବର୍ତ୍ତିବାର ଉପାୟ



ଜୀବନରେ ଯଦି କେବେ ନିରାଶା ଆସେ ତେବେ ଧୈର୍ଯ୍ୟ ହରାନ୍ତୁ ନାହିଁ ବରହ ସେତିକିବେଳେ ଏମିତି ଏକ କ୍ଷଣକୁ ମନେ ପକାନ୍ତୁ ଯେତେବେଳେ ଆପଣ କିଛି ବଡ଼ କାମ କରିଥିଲେ । ଯାହା ଅନ୍ୟର ମଙ୍ଗଳ ପାଇଁ କାମରେ ଲାଗିଥିଲା ଏବଂ ଏଥିପାଇଁ ଆପଣଙ୍କୁ ମିଳିଥିଲା ଅନେକ ପ୍ରଂଶସା । କାରଣ ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଏମିତି ଏକ ସମୟ ଆସିଥାଏ ଯାହାକୁ ନେଇ ସେ ସବୁଠାରୁ ଅଧିକ ଖୁସି ହୋଇଥାଏ । ଏମିତି କ୍ଷଣକୁ ମନେ ପକାଇବା ଦ୍ୱାରା ମନ-ମସ୍ତିଷ୍କରୁ କଷ୍ଟଦାୟକ ବୋଝ ହାଲ୍କା ହୋଇ ଯାଇଥାଏ । ଏହା ସମ୍ମୁଖରେ ଥିବା ବଡ଼ ସମସ୍ୟାକୁ ଲଢ଼ିବାରେ ସହାୟ ହୋଇଥାଏ । ଯଦି ଏସବୁ ସତ୍ୱେ ମଧ୍ୟ ମନ ନିରାଶାରେ ଛାଇ ରହିଥାଏ, ତେବେ କୌଣସି ନୂତନ ରାସ୍ତାର ସନ୍ଧାନରେ ଲାଗି ପଡନ୍ତୁ । ଯଦି ଏହି ସମୟରେ ଖାଲି ବସିପଡନ୍ତି, ତେବେ ମନ ଅଧିକ ବୋଝ ଲଦିହେଲା ପରି ମନେ ହୁଏ । ଏଥିପାଇଁ ନିଜକୁ କୌଣସି ନା କୌଣସି ଛୋଟ ବଡ଼ କାମରେ ନିମଗ୍ନ ରଖନ୍ତୁ । ତେଣୁ ପ୍ରତିଦିନ ପ୍ରାତଃ ସମୟରେ ଉଠି ବ୍ୟାୟାମ କରିବାର ଅଭ୍ୟାସ କରନ୍ତୁ । ଏହାଦ୍ୱାରା କେବଳ ସ୍ୱାସ୍ଥ୍ୟ ଭଲ ରହେ ତାହା ନୁହେଁ ବରଂ ମାନସିକ ସ୍ତରରେ ବେଶ୍ ଆରାମ ଅନୁଭୂତ ହୁଏ । ଚାହିଁଲେ ଭଲ ସାହିତ୍ୟ ପୁସ୍ତକ, କବତା, ଗଳ୍ପ କମ୍ବା ଉପନ୍ୟାସ ପଢ଼ିପାରିବେ । ଆଶା ଏବଂ ନିରାଶା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ମଣିଷ ପରି ପଶୁ ମନରେ ବି ନିରାଶ ପଣ ଦେଖିବାକୁ ମିଳେ । ହେଲେ ମଣିଷ ଏବଂ ପଶୁ ମଧ୍ୟରେ ଥାଏ ଗୋଟିଏ ତଫାତ୍ । ପଶୁ ନିରାଶା ହେଲେ କିଛି ନ କର ବସିପଡେ କିମ୍ବା ଶୋଇପଡେ । ହେଲେ ମନୁଷ୍ୟ, ନିରାଶରେ ଆଗକୁ ବଢ଼ିବାର ସାହସ ସଂଚୟ କରେ । ଏହାର ପରିଣାମ ସ୍ୱରୂପ ଆଜ ମନୁଷ୍ୟ ସମସ୍ତ ଜୀବଜନ୍ତୁ ପ୍ରାଣୀକୁ ନିଜ ବଶରେ କରିବାର କ୍ଷମତା ରଖିଛି ।



ତେଣୁ ଜୀବନରେ ଅନେକ ବଡ଼ ବଡ଼ ଦୁର୍ଘଟଣା ବା ସମସ୍ୟା ଆସି ଠିଆ ହେବ । ତା' ମାନେ ନୁହେଁ କି ତାକୁ ଡରି ପଛଘୁଞ୍ଚା ଦେବା । ବରଂ ଚେଷ୍ଟା ଦ୍ୱାରା ତାକୁ ଲଢ଼ିବା ଶିଖିବା ଦରକାର । ଯଦି ଏଥିରେ ଅସଫଳ ହେଉଛନ୍ତି, ତେବେ ଭାଙ୍ଗିନପଡ଼ି ସେହି ନିରାଶା ମଧ୍ୟରେ ଆଶାର ସଞ୍ଚାର କରନ୍ତୁ ।

# ପିଲାଙ୍କ ପାଇଁ ମିନି ଲାଇବ୍ରେରୀ

ଦିନକୁ ଦିନକୁ ଦିନ ବିଷୟ ବସ୍ତୁରେ ପରିବର୍ତ୍ତନ, ଜ୍ଞାନକୌଶଳ ଓ ମାନସିକ ତଥା ଶାରୀରିକ ବିଷୟବସ୍ତୁ ଯୋଗୁ ପିଲାଙ୍କ ଉପରେ ବହିର ବୋଝ ବଢ଼ିଚାଲିଛି । ଏହା ସହିତ ଏହି ପୁସ୍ତକ ଓ ଅନ୍ୟାନ୍ୟ ଶୈକ୍ଷିକ ସାମଗ୍ରୀ ରଖିବା ପାଇଁ ଅଧିକ ଷ୍ଟଡ଼ିରୁମ୍, ଆଲମୀରା, ଥାକର ଆବଶ୍ୟକ ପଡ଼ିଥାଏ । ପିଲାଙ୍କର ଏହି ଆବଶ୍ୟକତାକୁ ଅନେକ ଅଭିଭାବକ ଗୁରୁତ୍ୱର ସହିତ ନେଇ ଏସବୁ ଯୋଗାଇ ଦେଇଥାନ୍ତି । ତେବେ ସେମାନଙ୍କ ଷ୍ଟିଡ଼ିରୁମ୍କୁ ଗଲାବେଳେ ଦେଖିବାକୁ ମିଳିଥାଏ ଯେ, ଘରର ବିଭିନ୍ନ ସ୍ଥାନ, ସେଲ୍ଫ, ଆଲମୀରାରେ ସେମାନଙ୍କର ଏସବୁ ଜିନିଷ ଛିନ୍ନଛତ୍ର ହୋଇପଡ଼ିଥାଏ । ଫଳ ଏୟା ହୋଇଥାଏ ଯେ, ପ୍ରତିଦିନ ସ୍କୁଲ ଯିବାବେଳକୁ ବହିପତ୍ର ଓ ନୋଟ୍ସ ଖୋଜି ଖୋଜି ପିଲାଟି ନୟାନ୍ତ ହୋଇଯାଏ । ବେଳେବେଳେ ଆବଶ୍ୟକ ବହି ବା ନୋଟ୍ସ ନ ନେଇ ସ୍କୁଲ ଯିବାକୁ ହୋଇଥାଏ । ଏହାର ପ୍ରଭାବ ପଢ଼ା ଉପରେ ପଡ଼େ । କେବେ ଶିକ୍ଷକଙ୍କ ଠାରୁ ତ କେବେ ବାପା ମାଙ୍କ ଠାରୁ ଗାଳି ଶୁଣିବାକୁ ପଡ଼ିଥାଏ ।

ପିଲାମାନଙ୍କୁ ଏଥିରୁ ରକ୍ଷା କରିବା ପାଇଁ ଛୋଟ ଲାଇବ୍ରେରୀଟିଏ ବନାଇଲେ କିପରି ହୁଅନ୍ତା ? ଏହାଦ୍ୱାରା ପିଲାଟି ନିଜ ଜିନିଷକୁ ଠିକ୍ ସ୍ଥାନରେ ରଖିପାରିବ ଓ ଖୋଜିଲା ବେଳେ ପରିଶ୍ରମ କରିବାକୁ ପଡ଼ିବନି । ଏହା ଅନ୍ୟମାନଙ୍କୁ ମଧ୍ୟ ଆନନ୍ଦ ଦେବ ?

ଆପଣଙ୍କର ଯଦି ବହୁତ ଘର ଅଛି ତାହେଲେ ଏଥିପାଇଁ ଏକ ସ୍ୱତନ୍ତର କୋଠାରୀ ନେଇପାରିବେ । ଅନ୍ୟଥା ନିଜ ଷ୍ଟଡ଼ି ରୁମର ଗୋଟିଏ ପାଖକୁ ଏଥିପାଇଁ ବ୍ୟବହାର କରିପାରିବେ । ଏହି ସ୍ଥାନରେ ଆପଣ ସେଲଫ ବା ଖୋଲା ଆଲମୀରା ରଖି କରିପାରିବେ ଆପଣଙ୍କ ମିନି ଲାଇବ୍ରେରୀ ।

ନିଜ ଲାଇବ୍ରେରୀ କରିବା ସମୟରେ ଘରକୁ ପ୍ରଥମେ ଭଲ ଭାବେ ପରିଷ୍କାର ପରିଚ୍ଛନ୍ନ କରିବ ।

ଆବଶ୍ୟକ ପଡ଼ିଲେ ସେହି ଘରକୁ ନିଜ ପସନ୍ଦର ରଙ୍ଗ ଦେଇପାରିବେ ।



ପିଲାମାନଙ୍କ ପାଠପଢ଼ା ସହିତ ସେମାନଙ୍କ ପାଇଁ ଏକ ମିନି ଲାଇବ୍ରେରୀର ଆବଶ୍ୟକତା ମଧ୍ୟ ରହିଛି । ମିନି ଲାଇବ୍ରେରୀଟିଏ ପିଲାମାନଙ୍କ ସ୍କୁଲ ଓ ଟ୍ୟୁସନରେ ବ୍ୟବହୃତ ସାମଗ୍ରୀ ଇଆଡ଼େ ସିଆଡ଼େ ବିଛାଡ଼ି ହୋଇ ପଡ଼ିବନି ।

ସେହି ରଙ୍ଗ ଉପରେ ସଂଖ୍ୟା, ଅକ୍ଷର ଓ ବର୍ଣ୍ଣମାଳା ଭଲ ଭାବେ ଲେଖିନିଅନ୍ତୁ ।

ସାମଗ୍ରୀ ରଖିବା ପୂର୍ବରୁ ସେଲଫରେ ପେପର ବା ଅନ୍ୟ କୌଣସି ମୋଟା ଜିନିଷ ବିଛାଇବାକୁ ଯେପରି ନଭୁଲ ।

॥ କିପରି କରିବେ ପ୍ରସ୍ତୁତି ॥

ବଜାରରୁ ବିଭିନ୍ନ ସାମଗ୍ରୀ ସତ ବର୍ଣ୍ଣମାଳା, ସଂଖ୍ୟା, ଅକ୍ଷର ଚାର୍ଟ କିଣି କରି ନେଇଆସ । ସେସବୁ କାନ୍ଥରେ ନିଜ ପସନ୍ଦର ସ୍ଥାନରେ ଟାଙ୍ଗି ଦିଅ ।

ଯେଉଁ ସେଲଫ୍ ବା ଆଲମୀରାରେ ଯେଉଁ ଜିନିଷ ରଖିବ ବୋଲି ଚିନ୍ତା କରିଛି ତାହାର ଏକ ସୂଚୀ ପ୍ରସ୍ତୁତ କର ।

ମୋଟା କାଗଜରେ ନିଜ ଇଚ୍ଛାରେ ପେନସିଲ ବକ୍ସ ତିଆରି କରି ତା ଉପରେ ରଙ୍ଗୀନ କାଗଜ ଦେଇ ଆକର୍ଷଣୀୟ କରି ସଜାଇ ପାରିବେ ।

ଗିଫ୍ଟରେ ପାଇଥିବା ସାମଗ୍ରୀ ସହିତ ପୁସ୍ତକକୁ ମଧ ରଖ । ଲାଇବ୍ରେରୀରେ ନିଜ ପଢ଼ିବା ପାଇଁ ମେଜ ଓ ଚୌକି ରଖିବା ସହିତ ଆଉ ଏକ ମେଜ ଓ ଚୌକ ।

# କିସମିସ୍ ପାଣି ପିଇଲେ ହ୍ରାସପାଏ ଓଜନ ?

ବର୍ତ୍ତମାନ ସମୟରେ ଡ୍ରାଏ ଫ୍ରୁଟ୍ସର ଚାହିଦା ଅନେକ । ବିଭିନ୍ନ ଡ୍ରାଏ ଫ୍ରୁଟ୍ସକୁ ଭିଜାଇ ପାଣି ପିଇବା ଦ୍ୱାରା ଅନେକ ଲାଭ ମିଳିଥାଏ ବୋଲି ବିଶ୍ୱାସ କରାଯାଏ । ଏହି ସବୁ ଡ୍ରାଏ ଫ୍ରୁଟ୍ସ ମଧରୁ କିସମିସ୍ ଅନ୍ୟତମ । ଏଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଥାଏ । କିସମିସ୍ ପାଣି ପିଇବା ଦ୍ୱାରା ମଧ ଅନେକ ଉପକାରିତା ମିଳିଥାଏ ବୋଲି ବିଶ୍ୱାସ କରାଯାଏ ।

ବାସ୍ତବରେ କିସମିସ ପାଣିରେ ଉପକାରୀ ଗୁଣ ରହିଛି, କିନ୍ତୁ ବେଳେବେଳେ ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ । କିସମିସ୍ ପାଣିରି କି କି ଉପକାରୀ ଓ ଅପକାରୀ ଗୁଣ ରହିଛି, ଜାଣନ୍ତୁ...



## କିସମିସ୍ ପାଣିର ଉପକାରିତା:

ଓଜନ ହ୍ରାସ କରିବାରେ ସହାୟକ ହୁଏ: କିସମିସ୍ ପାଣିରେ କମ୍ ପରିମାଣର ପ୍ରାକୃତିକ ଶର୍କରା ରହିଥାଏ, ଯାହା ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ ।

ଅନ୍ତନଳୀକୁ ସଫା ରଖେ: କିସମିସରେ ଫାଇବର ଥାଏ, ଯାହା ଅନ୍ତନଳୀକୁ ସଫା ଏବଂ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ।

ଶରୀରକୁ ଶକ୍ତି ଯୋଗାଏ: କିସମିସରେ ଥିବା ପ୍ରାକୃତିକ ଶର୍କରା ଶରୀରକୁ ଶକ୍ତି ଯୋଗାଇଥାଏ । ଏହି ଡ୍ରାଏ ଫ୍ରୁଟ୍ସ ଖାଇବା ଦ୍ୱାରା ଦୁର୍ବଳତା ଦୂର ହୋଇଥାଏ ।

## କିସମିସ୍ ପାଣିର ଅପକାରିତା:

ଅତ୍ୟଧିକ କ୍ୟାଲୋରୀ: କିସମିସରେ ଶର୍କରା ସହିତ ଅଧିକ ପରିମାଣର କ୍ୟାଲୋରୀ ଥାଏ । ତେଣୁ ଆବଶ୍ୟକତାଠାରୁ ଅଧିକ କିସମିସ୍ ପାଣି ପିଇଲେ କ୍ୟାଲୋରୀ ସ୍ତର ବୃଦ୍ଧି ପାଇପାରେ । ଯାହା ଫଳରେ ମେଦବହୁଳତା ସମସ୍ୟା ଦେଖାଯିବାର ଆଶଙ୍କା ଅଧିକ ।

ଉଚ୍ଚ ଗ୍ଲାଇସେମିକ୍ ଇଣ୍ଡେକ୍ସ: କିସମିସ୍ ପାଣିରେ ଅଧିକ ଗ୍ଲାଇସେମିକ୍ ଇଣ୍ଡେକ୍ସ ରହିଛି, ଯାହା ମଧୁମେହ ରୋଗୀଙ୍କ ପାଇଁ ପରିଚାଳନା କରିବା କଷ୍ଟକର ହୋଇପାରେ । ତେଣୁ ମଧୁମେହ ରୋଗୀ କିସମିସ୍ ପାଣି ପିଇବାରେ ସତର୍କତା ଅବଲମ୍ବନ କରିବା ଉଚିତ୍ ।



# ଘରେ ତିଆରି କରନ୍ତୁ ମୁଢ଼ିର ଏହି ରେସିପି



ଆବଶ୍ୟକ ସାମଗ୍ରୀ: ମୁଢ଼ି, ଗାଜର, କ୍ୟାପିସମ,ପିଆଜ,ଲୁଣ, ହଳଦୀ , ବେସନ, ଧଳା ରାଶି, କଟା କଞ୍ଚା ଲଙ୍କା, ଧନିଆ ପତ୍ର, ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ମୁଢ଼ିକୁ ଏକ ପାତ୍ରରେ ନେଇ ତାକୁ କିଛି ସମୟ ପାଇଁ ଭିଜାଇ ରଖନ୍ତୁ । ଏହା ଭିଜିଗଲା ପରେ ତାକୁ ଭଲ ଭାବରେ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ପରେ ସେଥିରେ କଟା ଗାଜର, କ୍ୟାପିସମ ଓ ପିଆଜ ମିଶାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ । ପରେ ସେଥିରେ ଆବଶ୍ୟକ ଅନୁସାରେ ଲୁଣ, ହଳଦୀ , ବେସନ, ଧଳା ରାଶି, କଟା କଞ୍ଚା ଲଙ୍କା ଓ ଧନିଆ ପତ୍ର ପକାଇ ଗୋଳାଇ ଦିଅନ୍ତୁ । ପରେ କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହେବାପରେ ଗୋଳାଇ ରଖିଥିବା ମିଶ୍ରଣ ପକୁଡି ଆକାରରେ ଛାଣନ୍ତୁ । ପକୁଡିର ଦୁଇ ପାର୍ଶ୍ୱ ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ମୁଢ଼ି ପକୁଡି । ଏହାକୁ ଟମାଟୋ ଚଟଣି ଓପୁଦିନା ଚଟଣି ସହ ଖାଇପାରିବେ ।

# ଦିନ ବେଳା ଶୁଅନ୍ତୁ ନାହିଁ

ଗବେଷକଗଣ ବିଭିନ୍ନ ବର୍ଗର ଓ ପ୍ରାନ୍ତର ୩ଲକ୍ଷ ବ୍ୟକ୍ତିଙ୍କୁ ନେଇ ୨ବର୍ଷ ଗବେଷଣା କରିବା ପରେ ଏକ ଜରୁରୀ ତଥ୍ୟ ପ୍ରକାଶ କରିଛନ୍ତି । ସେମାନଙ୍କ ତଥ୍ୟରୁ ପ୍ରକାଶିତ ଯେ ଦିନବେଳା ଲୋକେ ଶୋଇବା ସ୍ୱାସ୍ଥ୍ୟ ପାଇଁ ସମ୍ପୂର୍ଣ୍ଣ କ୍ଷତିକାରକ । ଯଦିଓ ବୟସ୍କ ଲୋକଙ୍କୁ ଥକାପଣ ଲାଗୁଛି କିମ୍ବା ନିଦ ଦିନେବେଳା ଅଧିକ ଲାଗୁଛି, ତେବେ ସେମାନେ ପୁସ୍ତକ ପଢ଼ିବା ଉଚିତ ନଚେତ ଅନ୍ୟ କୌଣସି କାମରେ ନିଜକୁ ବ୍ୟସ୍ତ ରଖିବା ଆବଶ୍ୟକ । କାରଣ ଦିନବେଳା ଶୋଉଥିବା ବ୍ୟକ୍ତିଙ୍କୁ ମଧୁମେହ ଆକ୍ରାନ୍ତ ହେବାର ସମ୍ଭାବନା ସର୍ବାଧିକ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବିଶ୍ୱ ରୂପାନ୍ତରଣରେ ପ୍ରାଚୀନ ଭାରତର ସ୍ୱର୍ଣ୍ଣିମ ଅବଦାନ

ଶୀତ ଆସନ୍ନ ପ୍ରାୟ। ଖ୍ରୀ.ପୂ ୬୪୪। ସିନ୍ଧୁ ନଦୀ କୂଳରେ ଜଣେ ବୌଦ୍ଧଧର୍ମାବଲମ୍ବୀ ଏବଂ ଉଜ୍ଜ୍ୱଳତନୁ ବ୍ୟକ୍ତି ହାତୀ ପିଠିରୁ ଓହ୍ଲାଇ ସିନ୍ଧୁ ନଦୀକୁ ସମ୍ମାନ ଜଣାଇଲେ ଏବଂ ନଦୀକୂଳରେ ଗୁଡ଼ିଟିଏ ଉଡ଼ଇବା ନିଷ୍ପତ୍ତି ନେଲେ। ସନ୍ଧ୍ୟା ପୂର୍ବରୁ ହଠାତ୍ କଳାହାଣ୍ଡିଆ ମେଘ ଘୋଟି ମୂଷଳଧାରାରେ ବର୍ଷା ହେଲା ଏବଂ ନଦୀରେ ପ୍ରଚଣ୍ଡ ବନ୍ୟା ଆସି କୂଳ ଲଂଘିଲା। ବନ୍ୟାରେ ସେହି ବ୍ୟକ୍ତିଙ୍କ କିଛି ଜିନିଷପତ୍ର ଭାସିଗଲା। ଭାସିଯାଇଥିବା ସାମଗ୍ରୀ ଭିତରେ ଥିଲା କିଛି ବହି ଓ ହାତଲେଖା ପାଣ୍ଡୁଲିପି। ବ୍ୟକ୍ତିଙ୍କ ଆଖିରେ ଲୁହ ଜକେଇ ଆସିଲା। କାରଣ ବହୁ କଷ୍ଟ ସ୍ୱୀକାର କରି ସେ ପାଣ୍ଡୁଲିପିମାନ ପ୍ରସ୍ତୁତ କରିଥିଲେ। ବୌଦ୍ଧଧର୍ମାବଲମ୍ବୀ ଜଣକ ପଛକୁ ଚାହିଁଲେ। ଯେଉଁଠାରୁ ଆସୁଥିଲେ ସେଇ ଭୂମିକୁ ଦେଖି ସଶ୍ରଦ୍ଧ ସମ୍ମାନ ସହ କୃତଜ୍ଞତା ଜଣେଇଲେ। ବିଧିର ବିଧାନ ବିଚିତ୍ର। ଯଦି ସିନ୍ଧୁ ନଦୀରେ ସେଦିନ ବନ୍ୟା ଆସି ନଥା'ନ୍ତା ତେବେ ସମୃଦ୍ଧ ଭାରତର ଗୌରବଗାଥା ଆହୁରି ବିଶ୍ୱବିଦିତ ହୋଇପାରିଥା'ନ୍ତା। ସେ ବୌଦ୍ଧଧର୍ମାବଲମ୍ବୀ ଜଣକ ଥିଲେ ଚୀନ୍‌ରୁ ଆସିଥିବା ଜ୍ଞାନପିପାସୁ ପରିବ୍ରାଜକ ହୁଏନସାଂ। ୧୬ ବର୍ଷ କାଳ ଜ୍ଞାନ ଓ ଚେତନାର ଭୂଇଁ ଭାରତରେ ବିତେଇଥିଲେ। ସେଥିମଧ୍ୟରୁ ଦୀର୍ଘସମୟ ରହିଥିଲେ ନାଳନ୍ଦାରେ। ସେଠାରେ ଅଧ୍ୟୟନ କରିଥିଲେ ବିଜ୍ଞାନ, ଦର୍ଶନ, ତର୍କଶାସ୍ତ୍ର, ଚିକିତ୍ସା ଶାସ୍ତ୍ର, ଅର୍ଥନୀତି ଏବଂ ଅନ୍ୟାନ୍ୟ ଶାସ୍ତ୍ର। ସେତେବେଳେ ନାଳନ୍ଦାଠାରେ ଥିବା ବହୁମୂଲ୍ୟ ଓ ବହୁ ପୁରାତନ ଶାସ୍ତ୍ରମାନଙ୍କର ପ୍ରତିଲିପି ନିଜ ହାତରେ ତିଆରି କରିଥିଲେ। ସେ ସବୁକୁ ଧରି ନିଜ ଦେଶ ଚୀନ୍‌କୁ ଫେରିଲା ବେଳେ ସିନ୍ଧୁ ନଦୀରେ ଅଚାନକ ବନ୍ୟା ଆସି ସେ ଦୁର୍ଲଭ ପ୍ରତିଲିପି ସବୁ ଭାସି ଯାଇଥିଲା। ହୁଏନ୍‌ସାଂ ଭାରତରୁ ଚୀନ୍ ପ୍ରତ୍ୟାବର୍ତ୍ତନ କଲାବେଳେ ସାଙ୍ଗରେ ରଖିଥିଲେ ୬୫୭ ଖଣ୍ଡ ମୂଲ୍ୟବାନ ବହି, କିଛି ପ୍ରତିମୂର୍ତ୍ତି, କିଛି ଔଷଧୀୟ ବୃକ୍ଷର ବିହନ, ପତ୍ର, ଫୁଲ ଏବଂ ଡାଳ ଇତ୍ୟାଦି। ହାତରେ ଥିଲା ତତ୍କାଳୀନ ସମ୍ରାଟ୍ ହର୍ଷଙ୍କ ଏକ ସନନ୍ଦ, ଯାହା ଅନ୍ୟ ରାଜାମାନଙ୍କ ଉଦ୍ଦେଶ୍ୟରେ ଲେଖାଯାଇଥିଲା। ସେଇ ସନନ୍ଦକୁ ହୁଏନ୍‌ସାଂ ନିଜ ଯାତ୍ରା କାଳରେ ଆସୁଥିବା ରାଜ୍ୟର ଶାସନ ମୁଖ୍ୟମାନଙ୍କୁ ଦେଖାଇ ସସମ୍ମାନେ ସେଇ ରାଜ୍ୟମାନଙ୍କୁ ଅତିକ୍ରମ କରୁଥିଲେ। ସାଙ୍ଗରେ ଥିଲେ ସମ୍ରାଟ୍ ହର୍ଷଙ୍କ ୪ଜଣ ଅଧିକାରୀ, ୭୨ ଘୋଡ଼ା, ଶତାଧିକ ସହାୟକ। ସମ୍ରାଟ୍ ହର୍ଷ ଖୋଦ୍ ନିଜେ ହୁଏନ୍‌ସାଂ ସହ ଚର୍ଚ୍ଚା କରିଥିଲେ। ଅନେକ ମୂଲ୍ୟବାନ ଉପହାର ସହ ହୁଏନ୍‌ସାଂଙ୍କୁ ସକୁଶଳେ ଓ ସସମ୍ମାନେ ଚୀନ୍‌ରେ ପହଞ୍ଚାଇବାର ସୁବ୍ୟବସ୍ଥା କରେଇଥିଲେ ସମ୍ରାଟ୍ ହର୍ଷ। ହୁଏନ୍‌ସାଂ ଭାରତୀୟ ଜ୍ଞାନର ବିସ୍ତାରିତ ରୂପ ତଥା ଗଭୀରତାକୁ ସ୍ୱଚକ୍ଷୁରେ ଏବଂ ପ୍ରତ୍ୟକ୍ଷ ରୂପେ ଅନୁଭବ କରିଥିଲେ ତାଙ୍କର ଭାରତବର୍ଷ ପ୍ରବାସରେ। ମନ ଏବଂ ହୃଦୟରେ କୃତଜ୍ଞତା ଭାବ ଭରିଯାଇଥିଲା ହୁଏନ୍‌ସାଂଙ୍କର। କିନ୍ତୁ ତା'ଠାରୁ ବେଶୀ ପ୍ରଭାବିତ ହୋଇଥିଲେ ହୁଏନ୍‌ସାଂ ଭାରତୀୟ ସମ୍ରାଟ୍ ହର୍ଷଙ୍କ ବଳିଷ୍ଠ ନେତୃତ୍ୱ, ଉଦାରଚେତା ତଥା ଆତିଥେୟତା ଦ୍ୱାରା। ସର୍ବୋପରି ହୁଏନ୍‌ସାଂଙ୍କୁ ବିଶେଷ ପ୍ରଭାବିତ କରିଥିଲା, ସାଧାରଣ ଭାରତୀୟ ଜନଜୀବନରେ ସାଧୁତା, ନ୍ୟାୟ ପରାୟଣତା, ଉଦାରତା, ଅତିଥି ଚର୍ଚ୍ଚା ଏବଂ ଜ୍ଞାନ ଚର୍ଚ୍ଚା ଇତ୍ୟାଦି। ୮ ଫେବ୍ରୁଆରୀ ୬୪୫ ଖ୍ରୀ.ପୂରେ ଚୀନ ପହଞ୍ଚିବାର ଦୁଇ ସପ୍ତାହ ପରେ ହୁଏନ୍‌ସାଂ ନିମନ୍ତ୍ରିତ ହୋଇଥିଲେ ଚୀନ୍‌ର ତତ୍କାଳୀନ ସମ୍ରାଟ୍ ତାଇଜୋଙ୍ଗଙ୍କ ଦ୍ୱାରା। ସେହି ଅନୁରୂପ ଚୀନ୍‌ରେ ଗୋଟିଏ ବିଶାଳ ପ୍ରାସାଦ ନିର୍ମାଣ ପାଇଁ ହୁଏନ୍‌ସାଂ ଚୀନ୍‌ର ତତ୍କାଳୀନ ସମ୍ରାଟଙ୍କଠାରୁ ଅନୁମତି ଏବଂ ସାହାଯ୍ୟ ଆଣିଥିଲେ। ଫଳସ୍ୱରୂପ ଚୀନ୍‌ରେ ନିର୍ମିତ ହୋଇଥିଲା ୨୧୦ ଫୁଟ୍ ଉଚ୍ଚତାର ଭବ୍ୟ 'ସୂତ୍ର ଗ୍ରନ୍ଥାଗାର' ଯାହା 'ଜ୍ୟାଣ୍ଟ ୱାଇଲ୍ଡ ଗୁଜ୍ ପାଗୋଡ଼ା' ନାମରେ ସମଗ୍ର ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିଲା। ସେହି ଭବ୍ୟ ସୂତ୍ର ଗ୍ରନ୍ଥାଗାରରେ ହୁଏନ୍‌ସାଂ ଭାରତରୁ ଆଣିଥିବା ଦୁର୍ମୂଲ୍ୟ ପୋଥି ଏବଂ ବହିମାନଙ୍କର ପ୍ରତିଲିପିକୁ ସଯତ୍ନେ ରଖିଥିଲେ। ଭାରତରୁ ଚୀନ୍ ଫେରିବା ପରେ ହୁଏନ୍‌ସାଂ ଭାରତ-ଚୀନ ଦ୍ୱିପାକ୍ଷିକ ସମ୍ବନ୍ଧକୁ ସୁଦୃଢ଼ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଚୀନ୍‌ର ତତ୍କାଳୀନ ସମ୍ରାଟ୍ ମଧ୍ୟ ହୁଏନ୍‌ସାଂଙ୍କ ଏହି ସଦ୍ ଉଦ୍ୟମକୁ ସମର୍ଥନ ଏବଂ ସହଯୋଗ ଦେଇଥିଲେ। ନାଳନ୍ଦା ଅନ୍ତଃରାଷ୍ଟ୍ରୀୟ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ପାଇଁ ସୁଯୋଗ ଏତେ ସହଜସାଧ୍ୟ ନଥିଲା। ପ୍ରବେଶ ପାଇବା ପାଇଁ ବିଶେଷ ପରୀକ୍ଷା ଦେବାକୁ ପଡୁଥିଲା। ନାଳନ୍ଦାଠାରେ ସେ ସମୟର ସର୍ବଶ୍ରେଷ୍ଠ ଅଧ୍ୟାପକ ଶୀଳଭଦ୍ରଙ୍କଠାରୁ ବୌଦ୍ଧ ଦର୍ଶନ ଓ ଭାରତୀୟ ଦର୍ଶନ ଶିକ୍ଷା ପାଇବା ପାଇଁ ହୁଏନ୍‌ସାଂ ଯୋଗ୍ୟ ବିବେଚିତ ହୋଇଥିଲେ। ପ୍ରଥମ ଦର୍ଶନରେ ଶୀଳଭଦ୍ରଙ୍କୁ ସାଷ୍ଟାଙ୍ଗ ପ୍ରଣାମ କଲା ସମୟରେ ହୁଏନ୍‌ସାଂ ଦେଖିଥିଲେ ଶୀଳଭଦ୍ରଙ୍କ ଆଖିରେ ଅଶ୍ରୁ। ବହୁଦିନ ପରେ ହୁଏନ୍‌ସାଂ ଜାଣିଥିଲେ ସେହି ଅଶ୍ରୁର କାରଣ। ହୁଏନ୍‌ସାଂଙ୍କ ଆଗମନ ପୂର୍ବରୁ ଶୀଳଭଦ୍ରଙ୍କ ସ୍ୱପ୍ନରେ ଆସିଥିଲେ ତିନିଜଣ ଆଧ୍ୟାତ୍ମିକ ବ୍ୟକ୍ତି। ସେମାନେ ଥିଲେ ବୋଧିସତ୍ତ୍ୱ ଅବଲୋକିତେଶ୍ୱର, ମୈତ୍ରେୟ ଏବଂ ମଞ୍ଜୁଶ୍ରୀ। ସେମାନେ ଚୀନ୍‌ରୁ ଜଣେ ଜ୍ଞାନପିପାସୁ ଏବଂ ବୌଦ୍ଧଧର୍ମରେ ପ୍ରଚଣ୍ଡ ବିଶ୍ୱାସ ଏବଂ ଆନୁଗତ୍ୟ ରଖୁଥିବା ବ୍ୟକ୍ତି ଆସନ୍ନ ଆଗମନ ବିଷୟରେ ଶୀଳଭଦ୍ରଙ୍କୁ ସୂଚାଇ ଦେଇଥିଲେ। ହୁଏନ୍‌ସାଂ ନାଳନ୍ଦାଠାରେ ପହଞ୍ଚିଲା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ହୁଏନ୍‌ସାଂ ଥିଲେ ଜଣେ ଉଚ୍ଚ ମର୍ଯ୍ୟାଦାପ୍ରାପ୍ତ ଅତିଥି, ଗବେଷକ ଓ ଜ୍ଞାନପିପାସୁ। ତେଣୁ ତାଙ୍କୁ ଦୁଇଜଣ ସେବକ ଏବଂ ଗୋଟିଏ ହାତୀ ଦିଆଯାଇଥିଲା। ପୁନଶ୍ଚ ପ୍ରତିଦିନ ହୁଏନ୍‌ସାଂଙ୍କୁ ନିଃଶୁଳ୍କ ଭାବରେ କୋଡ଼ିଏଟି ପାନପତ୍ର, ସମପରିମାଣର ଗୁଆ, ବହୁ ପରିମାଣର ଉତ୍କୃଷ୍ଟ ଚାଉଳର ଭାତ, କ୍ଷୀର ଓ ଲହୁଣୀ ଯୋଗାଇ ଦିଆଯାଉଥିଲା। ହୁଏନ୍‌ସାଂ ନାଳନ୍ଦାର ପ୍ରଶସ୍ତ ପରିସର, ଉତ୍କୃଷ୍ଟ ଶିକ୍ଷା ପରିସରକୁ ସବୁ ବାବଦରେ ଲିପିବଦ୍ଧ କରିଥିଲେ। ହୁଏନ୍‌ସାଂ ବେଶୀ ଚମତ୍କୃତ ହୋଇଥିଲେ ନାଳନ୍ଦା ଅନ୍ତଃରାଷ୍ଟ୍ରୀୟ ବିଶ୍ୱବିଦ୍ୟାଳୟ ପରିସରର କେନ୍ଦ୍ରରେ ଥିବା 'ନାଳନ୍ଦା ସୂତ୍ର ଗ୍ରନ୍ଥାଗାର' ଯାହା 'ଧର୍ମଗଞ୍ଜ' ନାମରେ ପ୍ରସିଦ୍ଧି ଲାଭ କରିଥିଲା। ଏହା ଥିଲା ନଅ ମହଲାବିଶିଷ୍ଟ ବିଶାଳ ଅଟ୍ଟାଳିକା, ଯାହା ତିନି ଭାଗରେ ବିଭକ୍ତ ହୋଇଥିଲା।

# ସ୍ୱାଧୀନ ଭାରତର ଶିକ୍ଷାର ସ୍ଥପତି: ମୌଲାନ ଆଜାଦ୍



### ଶ୍ରୀବତ୍ସ ନାୟକ



ଭାରତକୁ ଇଂରେଜମାନଙ୍କ ଶାସନରୁ ମୁକ୍ତ କରି ସ୍ୱାଧୀନତା ଦେବା ପାଇଁ ସ୍ୱାଧୀନତା ସଂଗ୍ରାମରେ ସାମିଲ ହେବା ଏବଂ ସ୍ୱାଧୀନତା ଲାଭ କରିବା ପରେ ସ୍ୱାଧୀନ ଭାରତର ବିକାଶ ପାଇଁ ଶିକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରି ଶିକ୍ଷା ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟୀତ୍ୱକୁ ସୁଚାରୁ ରୂପେ ସମ୍ପାଦିତ କରି ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ନୂତନ ରୂପରେଖ ଦେବାରେ ତାଙ୍କର ଅବଦାନ ଅବିସ୍ମରଣୀୟ । ସେ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସାମ୍ବାଦିକ, ଓକିଲ, ସମାଜ ସଂସ୍କାରକ ଏବଂ ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ଭାବେ ସର୍ବଜନବିଦିତ । ଉନ୍ନତ ରାଷ୍ଟ୍ର ତଥା ସୁସ୍ଥ ସମାଜ ଗଠନ ନିମନ୍ତେ ଶିକ୍ଷା ଅପରିହାର୍ଯ୍ୟ ବୋଲି ଅନୁଭବ କରି ସେ ଶିକ୍ଷା ବ୍ୟବସ୍ଥାରେ ଯେଉଁ କ୍ରାନ୍ତିକାରୀ ସଂସ୍କାର ଆଣିଥିଲେ ତାହା ଏକ ପ୍ରକାରେ ଭାରତକୁ ବିଶ୍ୱଗୁରୁ ଆଡ଼କୁ ଅଗ୍ରସର କରିପାରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏ ସବୁର କର୍ଣ୍ଣଧାର ହେଉଛନ୍ତି ଅବୁଲ କଲାମ ଆଜାଦ।

ମୌଲାନ ସୟଦୀ ଅବୁଲ୍ କାଲାମ ଗୁଲାମ ମୁହିୟୁଦ୍ଦିନ୍ ଆଜାଦ୍ ୧୮୮୮ ମସିହା ନଭେମ୍ବର ମାସ ୧୧ ତାରିଖରେ ମକ୍କାଠାରେ ଜନ୍ମ ଗ୍ରହଣ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୮୯୦ ମସିହାରେ କଲିକତାକୁ ଫେରି ସେଠାରେ ନିଜ ପରିବାର ସହିତ ବସବାସ କରୁଥିଲେ। ତାଙ୍କର ମାତା ଓ ପିତା ଉଭୟ ବିଦ୍ୱାନ ଥିବାରୁ ଖୁବ୍ କମ୍ ବୟସରେ ହିନ୍ଦୀ, ପାର୍ସୀ, ବଙ୍ଗାଳୀ, ଆରବୀ ଏବଂ ଇଂଲିଶ ଭାଷାରେ ପାରଦର୍ଶିତା ଲାଭ କରିବା ସହିତ ଜଣେ ମେଧାବୀ ଭାବେ ସେ ସୁ-ପରିଚିତ ଥିଲେ । ଏହା ଛଡା ଘରୋଇ ଶିକ୍ଷକଙ୍କ ସହାୟତାରେ ସେ ବିଶ୍ୱ ଇତିହାସ, ବିଜ୍ଞାନ, ଦର୍ଶନ ଓ ଗଣିତ ଭଳି ଅନେକ ବିଦ୍ୟା ମଧ୍ୟ ଶିକ୍ଷା କରିଥିଲେ । ମାତ୍ର ୧୨ ବର୍ଷ ବୟସରେ ସେ ଜଣେ ମେଧାବୀ ଛାତ୍ର ଭାବେ ଉଭା ହୋଇଥିଲେ। ସେ ନିଜ ଘରେ ଏକ ପାଠାଗାର ଏବଂ ଏକ ଡିବେଟିଂ ସୋସାଇଟି ଚଳାଇବା ସହ 'ମଖଜାନ' ନାମକ ସାହିତ୍ୟ ପତ୍ରିକାରେ ନିଜର ଲେଖା ପ୍ରକାଶ କରୁଥିଲେ । କେବଳ ସେତିକି ନୁହେଁ ନିଜ ଘରେ ସେ ଏଭଳି ଅନେକ ଛାତ୍ରଙ୍କୁ ପାଠ ପଢ଼ାଉଥିଲେ ଯେଉଁମାନଙ୍କ ବୟସ ମୌଲାନଙ୍କ ବୟସର ଦୁଇଗୁଣ ଥିଲା । ଯୁବକ ସମୟରୁ ସେ କବିତା ରଚନା କରିବା ତଥା ଧର୍ମ ଏବଂ ଦର୍ଶନ ସମ୍ବନ୍ଧୀୟ ଗ୍ରନ୍ଥ ରଚନା କରିବାରେ ସିଦ୍ଧହସ୍ତ ଥିଲେ । ମାତ୍ର ୧୬ ବର୍ଷ ବୟସରେ ସେ ପାରମ୍ପରିକ ଶିକ୍ଷା ସମାପ୍ତ କରି ଜଣେ ସାମ୍ବାଦିକ ଭାବେ ବ୍ରିଟିଶ ରାଜ ସମୟର ମହତ୍ତ୍ୱପୂର୍ଣ୍ଣ ଘଟଣା ସବୁର ସମୀକ୍ଷା କରିବା ସହ ଭାରତୀୟଙ୍କ ମନରେ ଜାତୀୟତା ଭାବ ଉଦ୍ରେକ କରିବାରେ ତାଙ୍କର ଅନେକ ଲେଖା ତତ୍କାଳୀନ ସମୟରେ ବହୁ ବିଜ୍ଞ ବ୍ୟକ୍ତିଙ୍କ ଦ୍ୱାରା ଆଦୃତ ହେବା ସହ ତାଙ୍କର ପ୍ରଚଣ୍ଡ ବୁଦ୍ଧିମତ୍ତାର ପରିଚୟ ପ୍ରଦାନ କରିଥିଲା । ଏସବୁ ସତ୍ତ୍ୱେ ମଧ ପରାଧିନ ଭାରତର ଅବସ୍ଥାକୁ ଅନୁଭବ କରି ସେ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିଲେ। ବଙ୍ଗ ବିଭାଜନ ସମୟରେ ଅରବିନ୍ଦ ଘୋଷଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ୧୯୦୫ ମସିହାରେ ଆନ୍ଦୋଳନରେ ସକ୍ରିୟ ଭାଗ ନେଇଥିଲେ । ବୃତ୍ତିରେ ଜଣେ ସାମ୍ବାଦିକ ଥିବା ମୌଲାନ ସମାଜ ସଂସ୍କାର ତଥା ଭାରତ ସ୍ୱାଧୀନତା ପ୍ରାପ୍ତି ନିମନ୍ତେ ବ୍ରିଟିଶ ଶାସନର ତୀବ୍ର ସମାଲୋଚନା କରି ନିଜର ଲେଖନୀ ମୁନରେ ଯେଉଁ ଜାତୀୟତା ଭାବ ପ୍ରକାଶ କରୁଥିଲେ ତାହା ସ୍ୱାଧୀନତା ନିମନ୍ତେ ପ୍ରତ୍ୟେକଟି ଭାରତୀୟଙ୍କ ପିଣ୍ଡରେ ପ୍ରାଣ ସଂଚାର କରୁଥିଲା ଯାହାକୁ ଇଂରେଜମାନେ ସହ୍ୟ କରିପାରୁନଥିଲେ । ତେଣୁ ବ୍ରିଟିଶମାନଙ୍କର ଚକ୍ରାନ୍ତରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ତାଙ୍କର ଖବର କାଗଜଟିକୁ ବନ୍ଦ କରି ଦିଆଯାଇଥିଲା ଯାହା ତାଙ୍କୁ ଗଭୀର ଆଘାତ ଦେଇଥିଲା। ଅନେକ ଘାତ ପ୍ରତିଘାତ ସତ୍ତ୍ୱେ ମଧ ଦେଶର ସବୁ ଲୋକଙ୍କୁ ଏକତ୍ରିତ କରି ବ୍ରିଟିଶ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ନିମନ୍ତେ ସେ ସଦା ଚେଷ୍ଟିତ ଥିଲେ । ସେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଅସହଯୋଗ ଆନ୍ଦୋଳନ ଏବଂ ଅହିଂସା ଆନ୍ଦୋଳନରେ ଯୋଗ ଦେଇଥିଲେ ଏବଂ ପରବର୍ତ୍ତୀ ସମୟରେ ନିଜର ଦକ୍ଷତା ଯୋଗୁଁ ଖିଲାଫତ୍ ଆନ୍ଦୋଳନର ନେତୃତ୍ୱ ନେଇ ଇଂରେଜ ଶାସନ ବିରୁଦ୍ଧରେ ଲଢେଇ କରିଥିଲେ । ଖିଲାଫତ ଆନ୍ଦୋଳନର ନେତୃତ୍ୱ ନେବାବେଳେ ସେ ମହାତ୍ମା ଗାନ୍ଧୀଙ୍କ ନିକଟ ସଂସ୍ପର୍ଶରେ ଆସିଥିଲେ । ଏହାପରେ ସେ ଗାନ୍ଧୀଙ୍କ ଅହିଂସା ତତ୍ତ୍ୱର ଏକ ଉତ୍ସାହୀ ସମର୍ଥକ ପାଲଟିଯାଇଥିଲେ ଏବଂ ସ୍ୱଦେଶୀ ଓ ସ୍ୱରାଜ ସମ୍ବନ୍ଧରେ ଗାନ୍ଧୀଙ୍କ ବିଚାରଧାରା ପ୍ରଚାର କରିବାରେ ନିଜର ପ୍ରତିବଦ୍ଧତା ପରିପ୍ରକାଶ କରିଥିଲେ। ଚୌରିଚୌରା ହତ୍ୟାକାଣ୍ଡ ଯୋଗୁଁ ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନ ବନ୍ଦ ହୋଇଯିବାରୁ ୧୯୨୨ ମସିହାରେ ମୌଲାନ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ଗାନ୍ଧିଜୀଙ୍କ ନେତୃତ୍ୱକୁ ଆଗକୁ ନେବା ପାଇଁ ସମଗ୍ର ଭାରତବାସୀଙ୍କୁ ପ୍ରବର୍ତ୍ତାଇଥିଲେ । ନିଜେ ସନ୍ୟାସୀ ଜୀବନ ଯାପନ କରିବା ସହ ଖଦୀ ବସ୍ତ୍ର ପରିଧାନ କଲେ ଏବଂ ସୂତା କାଟିଲେ । ୧୯୨୩ ମସିହାରେ ଅର୍ଥାତ୍ ମାତ୍ର ୩୫ ବର୍ଷ ବୟସରେ ସେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ପଦ ଅଳଂକୃତ କରି ନିଜର ଦକ୍ଷତା ପ୍ରତିପାଦନ କରିପାରିଥିଲେ । କେବଳ ସେତିକି ନୁହେଁ ବରଂ ନିଜର ସଂଗ୍ରାମୀ ଜୀବନରେ ୧୯୨୭ ମସିହାରେ ସାଇମନ କମିଶନଙ୍କୁ ବିରୋଧ କରିବା, ୧୯୩୦ରେ ଲବଣ ସତ୍ୟାଗ୍ରହରେ ଯୋଗଦାନ କରିବା, ୧୯୩୯ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମୌଲାନ କଂଗ୍ରେସ ଦଳର ମୁଖ୍ୟ ପୁରୋଧା ସାଜି ଭାରତ ଛାଡ଼ ଆନ୍ଦୋଳନ ଆଦିରେ ଯୋଗଦେଇ ବହୁବାର ଜେଲ୍ ମଧ ଯାଇଛନ୍ତି ।

ଦୀର୍ଘ ବର୍ଷ ଆପ୍ରାଣ ଉଦ୍ୟମ ପରେ ୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖରେ ଭାରତ ସ୍ୱାଧିନତା ପ୍ରାପ୍ତି ହେଲା ସତ କିନ୍ତୁ ତାଙ୍କର ସଂଗ୍ରାମ ସରିନଥିଲା । ସ୍ୱାଧୀନ ଭାରତରେ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କ ପ୍ରଧାନମନ୍ତ୍ରିତ୍ୱରେ ଗଣତନ୍ତ୍ର ବ୍ୟବସ୍ଥାରେ ପ୍ରଥମ ମନ୍ତ୍ରୀମଣ୍ଡଳରେ ଭାରତର ପ୍ରଥମ କ୍ୟାବିନେଟ୍ ଶିକ୍ଷାମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ମୌଲାନ । ସେ ୧୯୪୭ ଫେବୃଆରୀ ୨୨ ତାରିଖରୁ ୧୯୫୮ ମସିହା ପର୍ଯ୍ୟନ୍ତ ସ୍ୱାଧୀନ ଭାରତରେ ପ୍ରଥମ ଶିକ୍ଷା ମନ୍ତ୍ରୀ ଭାବରେ କାର୍ଯ୍ୟ କରିବା ସମୟରେ ସୁସ୍ଥ ସମାଜ ଓ ଉନ୍ନତ ରାଷ୍ଟ୍ର ଗଠନ କ୍ଷେତ୍ରରେ ଶିକ୍ଷାର ଭୂମିକାକୁ ଅଙ୍ଗେ ନିଭେଇଥିଲେ ଓ ଶିକ୍ଷା ମାଧ୍ୟମରେ ଏକ ଦେଶ ଗଠନ ପାଇଁ ପ୍ରତିଶ୍ରୁତିବଦ୍ଧ ଥିଲେ । ୱାନ ମ୍ୟାନ ଆର୍ମି ଭଳି ଏକାକୀ ନିରନ୍ତର ପ୍ରୟାସ ଜାରି ରଖି ସ୍ୱାଧୀନ ଭାରତର ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ସହ ଅନେକ ବିପ୍ଳବାତ୍ମକ ପରିବର୍ତ୍ତନ କରିଥିଲେ । ନିଜର ଦୀର୍ଘ ୧୧ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଗୁଣାତ୍ମକ ଶିକ୍ଷାର ପ୍ରସାର ନିମନ୍ତେ ଅନେକ ପଦକ୍ଷେପ ନେଇଥିଲେ । ଗ୍ରାମାଞ୍ଚଳରେ ଗରିବ ଏବଂ ବାଳିକାମାନଙ୍କୁ ଶିକ୍ଷା ଦେବା, ବୟସ୍କମାନଙ୍କୁ ସାକ୍ଷରତା କରିବା, ୬ ରୁ ୧୪ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କ ପାଇଁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବା, ସର୍ବ ଭାରତୀୟ ପ୍ରାଥମିକ ଶିକ୍ଷା, ମାଧ୍ୟମିକ ଶିକ୍ଷା, ଧନ୍ଦାମୂଳକ ତାଲିମର ବିବିଧତା ଉପରେ ଗୁରୁତ୍ୱାରୋପ କରିଥିଲେ । କେବଳ ସେତିକି ନୁହେଁ ବରଂ ଚିତ୍ରକଳାର ବିକାଶ ପାଇଁ ମୌଲାନ ସାହିତ୍ୟ ଏକାଡେମୀ, ସଙ୍ଗୀତ ନାଟକ ଏକାଡେମୀ, ଲଳିତ କଳା ଏକାଡେମୀ ଏବଂ ଭାରତୀୟ ସାଂସ୍କୃତିକ ପରିଷଦ ଭଳି ଅନେକ ଅନୁଷ୍ଠାନ ଗଠନ କରିଥିଲେ । ସ୍ୱାଧୀନ ଭାରତର ସ୍ଥପତି ଭାବେ ପରିଗଣିତ ହେଉଥିବା ଆଜାଦ ତାଙ୍କ କାର୍ଯ୍ୟକାଳ ମଧ୍ୟରେ କିଛି ଗୁରୁତ୍ୱପୂର୍ଣ୍ଣ ବୋର୍ଡ, କମିଶନ ଗଠନ କରିଥିଲେ ଯେଉଁଥିରେ ୧୯୫୪ ମସିହାରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି), ବୈଷୟିକ ଶିକ୍ଷା ପାଇଁ ଅଲ୍ ଇଣ୍ଡିଆ କାଉନସିଲ ଫର୍ ଟେକ୍ନିକାଲ ଏଜୁକେଶନ (ଏଆଇସିଟିଇ), ମାଧ୍ୟମିକ ଶିକ୍ଷା ଆୟୋଗ ପ୍ରତିଷ୍ଠା କରିଥିଲେ । ୧୯୫୧ ମସିହାରେ ଆଇଆଇଟି, ଖଡ଼ଗପୁର, ଆଇ ସି ସି ଆର, ସି ଏସ ଆଇ ଆର.ଆଇ ଆଇ ଏସ ସି, ବାଙ୍ଗାଲୋର, ଦିଲ୍ଲୀ ସେଣ୍ଟ୍ରାଲ ଇନିଷ୍ଟ୍ୟୁଟ ଅଫ ଏଯୁକେଶନ (ବର୍ତ୍ତମାନର ଦିଲ୍ଲୀ ବିଶ୍ୱବିଦ୍ୟାଳୟ), ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟ, ସ୍କୁଲ ଅଫ୍ ଆର୍କିଟେକଚର ଆଣ୍ଡ ପ୍ଲାନିଂ, ଭଳି ଜାତୀୟସ୍ତରରେ ଅନେକ ଉଚ୍ଚ ଓ ଗବେଷଣଧର୍ମୀ ଶିକ୍ଷାନୁଷ୍ଠାନ ମାନ ସ୍ଥାପନା କରି ନିଜ ବଳିଷ୍ଠ କାର୍ଯ୍ୟ ଦକ୍ଷତାର ପ୍ରମାଣ ଦେଇଥିଲେ । ଏହି ଅନୁଷ୍ଠାନଗୁଡିକର ଏକାଡେମୀକ୍ ଉତ୍କର୍ଷତା ନିମନ୍ତେ ଅଧୁନା ଏହା ଗବେଷଣା, ସାହିତ୍ୟ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ବିଶ୍ୱସ୍ତରୀୟ ଅନୁଷ୍ଠାନରେ ପରିଣତ ହୋଇପାରିଛି। ଅକ୍ଟୋବର ୧୯୨୦ରେ ମୌଲାନା ଆବୁଲ କାଲାମ ଆଜାଦ ଆଲିଗଡରେ ପ୍ରସ୍ତାବିତ ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟର ଫାଉଣ୍ଡେସନ କମିଟିର ସଦସ୍ୟ ହେଲେ । ତତ୍କାଳୀନ ବ୍ରିଟିଶ କଲୋନିଆଲ ସରକାରଙ୍କ କୌଣସି ସାହାଯ୍ୟ ବିନା ଏହି ଅନୁଷ୍ଠାନ ଗଢିବା ଏବଂ ପରବର୍ତ୍ତୀ ସମୟରେ ଏହାକୁ ଆଲିଗଡରୁ ଦିଲ୍ଲୀକୁ ସ୍ଥାନାନ୍ତର କରାଇବାରେ ତାଙ୍କର ଭୂମିକା ପ୍ରଶଂସନୀୟ । ଶିକ୍ଷା ବ୍ୟତୀତ ସେ ଜଣେ ସମାଜ ସଂସ୍କାରକ ଭାବରେ ହିନ୍ଦୁ ଓ ମୁସଲିମ ସଂପ୍ରଦାୟ ମଧ୍ୟରେ ସଦ୍‌ଭାବନା ସୃଷ୍ଟି କରିବା ପାଇଁ ତାଙ୍କଦ୍ୱାରା ପ୍ରକାଶିତ ଏକ ଖବର କାଗଜ 'ଅଲ୍-ହିଲାଲ' ମାଧ୍ୟମରେ ସେ ନିରନ୍ତର ଉଦ୍ୟମ ଜାରି ରଖିଥିଲେ । ଭାରତରେ ଶିକ୍ଷା ଏବଂ ସାମାଜିକ ଉନ୍ନତି କ୍ଷେତ୍ରରେ ତାଙ୍କର କାର୍ଯ୍ୟ ତାଙ୍କୁ ଭାରତର ଆର୍ଥିକ ତଥା ସାମାଜିକ ବିକାଶର ମାର୍ଗଦର୍ଶକ ସଜାଇ ଥିଲା ।

ନୂତନ ଭାରତର ସ୍ଥପତି ବା ବିନ୍ଧାଣୀ ସାଜି ସେ ଯେଉଁ ଅଦମନୀୟ କାର୍ଯ୍ୟ କରିଯାଇଛନ୍ତି ତାହା ଆଜି ତାଙ୍କୁ ଅମର କରି ରଖିଛି ।

ନିଜେ ସ୍ୱାଧୀନତା ପାଇଁ ଲଢ଼ିବା ଏବଂ ସ୍ୱାଧୀନତା ପ୍ରାପ୍ତି ପରେ ଶିକ୍ଷା ବ୍ୟବସ୍ଥାର ଦାୟିତ୍ୱକୁ ନିଜେ ବହନ କରି ଉନ୍ନତ ରାଷ୍ଟ୍ର ଗଠନ କରିବା ଏହିଭଳି ବିରଳ ବ୍ୟକ୍ତିତ୍ୱ କେବଳ ଆଜାଦ ହିଁ ହୋଇପାରନ୍ତି । ୧୯୫୮ ଫେବୃଆରୀ ୨୨ରେ ଦିଲ୍ଲୀରେ ହୃଦଘାତରେ ତାଙ୍କର ଦେହାନ୍ତ ହୋଇଥିଲା ସତ କିନ୍ତୁ ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ତାଙ୍କର ଅବଦାନ ତାଙ୍କୁ ଚିର କାଳକୁ ଅମର କରି ରଖିଥିଲା । ତାଙ୍କର କାର୍ଯ୍ୟକାଳ ମଧ୍ୟରେ ଶିକ୍ଷାକୁ ଉନ୍ନତ ଓ ସୁଲଭ କରାଇବାରେ ତାଙ୍କର ପଦକ୍ଷେପ ଗୁଡ଼ିକ ଖୁବ୍ ପ୍ରଶଂସନୀୟ ଓ ସମ୍ମାନସ୍ପଦ।

ରାଷ୍ଟ୍ର ପାଇଁ ତାଙ୍କର ଏହି ଅମୂଲ୍ୟ ଅବଦାନ ସଦୃଶ ତାଙ୍କ ଅବର୍ତ୍ତମାନରେ ତାଙ୍କୁ ଭାରତର ସର୍ବୋଚ୍ଚ ବେସାମରିକ ଉପାଧୀ ଭାରତ ରତ୍ନ ଉପାଧିରେ ଭୂଷିତ କରାଯିବା ସହିତ ୨୦୦୮ ମସିହାରୁ ତାଙ୍କର ଜନ୍ମ ଦିବସକୁ ଭାରତରେ ଜାତୀୟ ଶିକ୍ଷା ଦିବସ ରୂପେ ପାଳନ କରାଯାଉଛି । ପ୍ରକୃତରେ ସେ ଥିଲେ ନୂତନ ଭାରତର ବିନ୍ଧାଣୀ ଯାହାଙ୍କର ଆଦର୍ଶରେ ଆମେ ସମସ୍ତେ ଅନୁପ୍ରାଣୀତ ହେବା ସହ ଦେଶର ବିକାଶରେ ନିଜକୁ ସାମିଲ କରିବା ଉଚିତ୍।


ଅଧ୍ୟାପକ,ବାଣିଜ୍ୟ ବିଭାଗ,
ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ ।
ମୋ:୯୪୩୮୦୭୦୮୪୯


# ଆମ ଜିଲ୍ଲା କେତେଦିନ ନାହିଁ ନାହିଁ ଏବଂ ଇନଚାର୍ଜରେ ଚାଲିବ ?



### ସୁବ୍ରତ କର

> ଦୁଃଖର କଥା ସପ୍ତାହ ତଳେ ୧୬ଟି ଜିଲ୍ଲାର ମୁଖ୍ୟ ଚିକିତ୍ସକଙ୍କ ପଦ ପୂରଣ କରାହେଲା ଏବଂ ସ୍ୱାସ୍ଥ୍ୟ ବିଭାଗକୁ ଜଣାଥିଲା ଜିଲ୍ଲାର ମୁଖ୍ୟ ଚିକିତ୍ସକ ଗତ ମାସ ୩୧ ତାରିଖରେ ଅବସର ଗ୍ରହଣ କରିବେ ତଥାପି ପଦବୀକୁ ପୂରଣ ନକରି ଇନଚାର୍ଯ୍ୟ ଡାକ୍ତରଙ୍କୁ ପଦବୀରେ ବସେଇଦେଲେ । ସେହିପରି ଗତ ଦୁଇମାସ ହେଲା ଶିକ୍ଷା ବିଭାଗ ଜିଲ୍ଲାର ଦାୟିତ୍ୱର ଅଛନ୍ତି ଇନଚାର୍ଯ୍ୟ ଡିଇଓ। ଏ ପଦବିରେ କେବେ ରେଗୁଲାର ଡିଇଓ ବସିବେ କାହାକୁ ଜଣା ନାହିଁ ।

ରାଜ୍ୟର ଆମ ଜିଲ୍ଲା (ବାଲେଶ୍ୱର) ଅତି ପୁରୁଣା ଏବଂ ତାଲିକାରେ କଟକ, ପୁରୀ ପରେ । ଏବେକାର ଜିଲ୍ଲା ଲୋକସଂଖ୍ୟା ପାଖାପାଖି ୨୫ ଲକ୍ଷ । ଶିକ୍ଷିତରେ ଏକ ନମ୍ବର ଏବଂ ଏହାକୁ ଧାନ, ମୀନ ଏବଂ ପାନର ଜିଲ୍ଲା ବୋଲି କୁହାଯାଏ। ଏ ଜିଲ୍ଲା ସବୁ କିଛିରେ ଭରପୁର। ସମୁଦ୍ର ସୈକତ କହନ୍ତୁ ବା ପାହାଡ଼ ପର୍ବତ, ମନ୍ଦିରର ଜିଲ୍ଲା । ସବୁ କିଛି ରହିଲା ପରେ ମଧ ଏ ଜିଲ୍ଲାକୁ କାହିଁକି ସରକାର ଅଣଦେଖା କରୁଛନ୍ତି ? ଆଗ ସରକାର ବହୁତ କିଛି କରିବେ ବୋଲି କହି ବିଶେଷ କିଛି କରି ନ ଥିଲେ । ଏ ପରିକି ପୂର୍ବତନ ମୁଖ୍ୟମନ୍ତ୍ରୀ କହିଥିଲେ, ବାଲେଶ୍ୱର ମୋର ଜିଲ୍ଲା ଏବଂ ମୁଁ ତାର ଦାୟିତ୍ୱ କିନ୍ତୁ କି ପ୍ରକାରର ଦାୟିତ୍ୱ ନେଲେ ବାଲେଶ୍ୱର ବାସୀ ଜାଣି ପାରିଲେ ନାହିଁ। ଏକମାତ୍ର ନୋଟ ଛପାଇବା କାରଖାନାଟି (ରେମୁଣାରେ) ହେବ ବୋଲି କହିଥିଲେ କିନ୍ତୁ ଏ ପର୍ଯ୍ୟନ୍ତ ସେମିତି କିଛି ଜଣା ପଡ଼ିନାହିଁ। ଏ ସରକାର ଦେବା ଆରମ୍ଭ କରିଛନ୍ତି ଏବଂ ଏବେ ଏବେ ୩୩୫୩ କୋଟି ବିଶେଷକୁ ସ୍ୱୀକୃତି ଦେଲେ କିନ୍ତୁ ବାଲେଶ୍ୱର ବାସୀଙ୍କ ଭାଗରେ କିଛି ପଡ଼ିଲା ନାହିଁ । କିନ୍ତୁ ଆମେ ପ୍ରସ୍ତୁତ ଅଛୁ ଅପେକ୍ଷା କରିବା ପାଇଁ । ଏବେ କଥା ହେବା ଜିଲ୍ଲାର ସ୍ୱାସ୍ଥ୍ୟ ଏବଂ ଶିକ୍ଷାକୁ ନେଇ। ଜିଲ୍ଲାରେ ଏବଂ ଅତିରିକ୍ତ ଜିଲ୍ଲା ପ୍ରଶାସକ (ରେଭିନିଉ) ଖାଲି ପଡ଼ିଛି ମୁଖ୍ୟ ଜିଲ୍ଲା ଚିକିତ୍ସକ ପଦ ମଧ ଇନଚାର୍ଯ୍ୟରେ ଚାଲିଛି। ଦୁଃଖର କଥା ସପ୍ତାହ ତଳେ ୧୬ଟି ଜିଲ୍ଲାର ମୁଖ୍ୟ ଚିକିତ୍ସକଙ୍କ ପଦ ପୂରଣ କରାହେଲା ଏବଂ ସ୍ୱାସ୍ଥ୍ୟ ବିଭାଗକୁ ଜଣାଥିଲା ଜିଲ୍ଲାର ମୁଖ୍ୟ ଚିକିତ୍ସକ ଗତ ମାସ ୩୧ ତାରିଖରେ ଅବସର ଗ୍ରହଣ କରିବେ ତଥାପି ପଦବୀକୁ ପୂରଣ ନକରି ଇନଚାର୍ଯ୍ୟ ଡାକ୍ତରଙ୍କୁ ପଦବୀରେ ବସେଇଦେଲେ ।

ସେହିପରି ଗତ ଦୁଇମାସ ହେଲା ଶିକ୍ଷା ବିଭାଗ ଜିଲ୍ଲାର ଦାୟିତ୍ୱର ଅଛନ୍ତି ଇନଚାର୍ଯ୍ୟ ଡିଇଓ। ଏ ପଦବିରେ କେବେ ରେଗୁଲାର ଡିଇଓ ବସିବେ କାହାକୁ ଜଣା ନାହିଁ । ସେହିପରି ବାଲେଶ୍ୱର ମ୍ୟୁନିସିପାଲଟିରେ ଏକସ୍‌ଜିକ୍ୟୁଟିଭ ଅଫିସର ପଦବୀ ମଧ୍ୟ ସବ କଲେକ୍ଟର ସହ ନିଜର ୯ଟି ବ୍ଲକୁ ସମ୍ଭାଳିବେ ନା ମ୍ୟୁନିସିପାଲଟି ସମ୍ଭାଳିବେ ? ତଥାପି ବାଲେଶ୍ୱରବାସୀ ଆଶାରେ ଅଛନ୍ତି ମ୍ୟୁନିସିପାଲଟି କେବେ କରପୋରେସନ୍‌ରେ ପରିଣତ ହେବ ଏବଂ ସହରଟି ବଡ଼ ସହର ହେବ । ଉପରୋକ୍ତ ପଦବୀ ଗୁଡ଼ିକୁ ସରକାର ଏବଂ ଆମର ଜନପ୍ରତିନିଧିମାନେ ଦୃଷ୍ଟି ପକେଇପାରିଲେ ଭଲ ହୁଅନ୍ତା କାରଣ ମୁଁ ଏହିଠାରେ ଦୁଇଟି ଉଦାହରଣ ରଖିବି । ଗୋଟାଏ ହେଲା ଏବେ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗରେ ୩୭୭ ଡାକ୍ତର ଏବଂ ୩୫୨ ନର୍ସ ଖାଲି ପଡ଼ିଛି । ରହିବା କଥା ୬୪୩ ଡାକ୍ତର କିନ୍ତୁ ଏବେ ଅଛନ୍ତି ୨୭୭ ଜଣ, ସେହିପରି ଆବଶ୍ୟକ ନର୍ସ ୮୭୦ ଥିବାବେଳେ ଏବେ ଅଛନ୍ତି ୫୧୮ । ଏଥିରୁ ବୁଝାପଡୁଛି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଅବସ୍ଥା । ଠିକ୍ ସେହିଭଳି ଗୋଟାଏ ପୁରୁଣା କଲେଜର କଥା କହିବି ସେଇଟା ହେଲା ଜଳେଶ୍ୱରରେ ଥିବା ୧୯୬୪ ମସିହାର ଦୀନକୃଷ୍ଣ ମହାବିଦ୍ୟାଳୟ । ଯୁକ୍ତ ଦୁଇରେ କେହି ଅଧ୍ୟାପକ ନାହାନ୍ତି ଏବଂ ଯୁକ୍ତ ତିନିରେ ୪୭ ରୁ ୧୭ ଅଧ୍ୟାପକ ପଦ ଖାଲି । ଏହି ବିଦ୍ୟାଳୟରେ ପ୍ରାୟ ୨୦୦୦ ପିଲା ଶିକ୍ଷା ଲାଭ କରୁଛନ୍ତି । ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ କଥା ନ କହିଲେ ଭଲ। ଏମିତି କେତେଦିନ ଚାଲିବ ? ସରକାର ଏବଂ ଜନପ୍ରତିନିଧିମାନେ ଦୟାକରି ଦୃଷ୍ଟି ଦେଲେ ଭଲ ହୁଅନ୍ତା ।




## ଛାତ୍ର ଜୀବନ

### ସୁନୀତା ସାହୁ



ଛାତ୍ର ଜୀବନରେ ଛାତ୍ରୀ ଟିଏ ଥିଲି
ଶିକ୍ଷକଙ୍କ କଥା ମାନି,
ଛାତ୍ରୀ କର୍ତବ୍ୟକୁ ପାଳନ କରି ମୁଁ
ସ୍କୁଲ ନିୟମ କୁ ଥିଲି ମାନି।।

ଗୁରୁଜୀ ଗୁରୁମା ଥିଲେ ମୋର ପୂଜ୍ୟ
ମୁଁ ତାଙ୍କ ପୂଜାରିଣୀ,
ଆଜି ଏତେ ବାଟ ଆସି ମୁଁ ପାରିଛି
ଉପଦେଶ ତାଙ୍କ ମାନି ।।

ସ୍ନେହ ଶ୍ରଦ୍ଧା ଦେଇ ବତାଇ ଶିଖାଇ
କହୁଥିଲେ କେତେ କଥା,
ସେହି କଥାର ଯେ କେତେ ମୂଲ୍ୟ ଥିଲା
ଭାବେ ଆଜି ବସି ଏକା ।।

ଖେଳ କୁଦ ସାଥେ ସାଙ୍ଗ ସାଥି ମେଳେ
କାଟି ଯାଉଥିଲା ଦିନ,
କେତେ ମଜା ସେଇ ବଗିଚା ସଫେଇ
ପୁଣି ଆସନ୍ତା କି ସେଇ ଦିନ ।।

ଛାତ୍ର ଜୀବନରୁ କଲେଜ ଜୀବନଟା
ହୋଇଲା ଯେବେ ଆରମ୍ଭ,
ମନ ବଦଳିଲା ପଢା ବଦଳିଲା
ବଦଳିଲା ନୀତି ନିୟମ ।।

ବିଦ୍ୟାଳୟ ପଢା ଦସ ରୁ ଚାରିଟା
ବେଗ ଭର୍ତି ହୋଇ ଥିବ
ତିନି ଘଣ୍ଟିଆ ଯେ କଲେଜ ପଢା
ହାତେ ରଫ ଖାତା ଟିଏ ଥିବା ।।


+ଗ୍ରାମ-ଧୂସର ବହାଲ
ଜିଲ୍ଲା -ବରଗଡ଼


## ପୁଣ୍ୟ କାର୍ତ୍ତିକ ମାସ

### ଦୀପକ କୁମାର ନାଏକ



ଏ କାର୍ତ୍ତିକ ମାସ ପୁଣ୍ୟର ମାସ
ଜାଣିଛି ଦୁନିଆଁ ଯାକ
ପ୍ରାତଃ ସ୍ନାନ କରି ମନ୍ଦିର ଯାଆନ୍ତି
ହୋଇ ସବୁ ଡାକ ହାକ !!

ବରଷକ ପରେ ଆସିଅଛି ଆମ
ପୁଣ୍ୟ ଏ କାର୍ତ୍ତିକ ମାସ
ଏ ମାସେ ସାଧବ ବଣିଜ ପାଇଁକି
ଯାଉଥିଲେ ଦିନେ ବିଦେଶ !!

ହବିଷ୍ୟାଳୀ ମାନେ ଦିନ ଗଣୁଥିଲେ
କରିବା ପାଇଁକି ହବିଷ
ବାରମାସ ମଧ ଶ୍ରେଷ୍ଠ ବିବେଚିତ
ହୋଇଛି ପରାଏ କାର୍ତ୍ତିକ !!

ବଡବଡୁଆଙ୍କୁ କେତେ ସରାଗରେ
ଡାକି ସଂପର୍କୀୟ ମାନ
ପିତୃ ପୁରୁଷଙ୍କ ସନ୍ତୁଷ୍ଟି ପାଇଁକି
କରିଥାନ୍ତି ପିଣ୍ଡ ଦାନ !!

ଆଲୋକର ପର୍ବ ଦୀପାବଳୀ ପଡେ
ପୁଣ୍ୟ ଏଇ କାର୍ତ୍ତିକରେ
ବାଣକୁ ଫୁଟାଇ ପିଠା ପଣା ଖାଇ
ପାଳିଥାନ୍ତି ଆନନ୍ଦରେ !!

ଦୂରେଇ ରୁହନ୍ତି ଏ କାର୍ତ୍ତିକ ମାସେ
ଆମିଷ ଠାରୁ ଯେ ସବୁ
ଏ ମାସଟି ଭାବଭକ୍ତିରେ ସଭିଙ୍କୁ
କରିନେଇଥାଏ କାବୁ !!

ରାସ ପୂର୍ଣ୍ଣିମାରେ ଡଙ୍ଗା ଭସାଇଣ
ପାଳନ୍ତି କାର୍ତ୍ତିକ ବ୍ରତ
ଭକତଟି ପୁଣ୍ୟ ଅର୍ଜନ ଆଶାରେ
ଖାତିରି କରେନି ଶୀତ
ଖାତିରି କରେନି ଶୀତ !!


+ ଯୁବ ସାମ୍ବାଦିକ
ଗ୍ରାମ -ଗଣ୍ଡାନାଳୀ, ବ୍ଲକ୍-ହିନ୍ଦୋଳ
ଜିଲ୍ଲା -ଢେଙ୍କାନାଳ
ମୋ: ୮୬୩୭୨୬୧୮୨୮

୫

# ଗଳ୍ପ ମାଳା

ସାପ୍ତାହିକ ଗଳ୍ପ ଫର୍ଦ୍ଦ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
୧୧ ନଭେମ୍ବର, ସୋମବାର, ୨୦୨୪

## ଦୃଶ୍ୟ ଅଦୃଶ୍ୟ





ଘନଶ୍ୟାମ ପଲେଇ

ମୋ ନଜରରେ ପଡିଲା... ଛୋଟିଆ ଷଣ୍ଢଟେ । ଘରଣୀ ରୁଟି ଖଣ୍ଡେ ଦେଉଥିଲେ । ଷଣ୍ଢଟି ଫଁ.. ଫଁ.. କରୁଥାଏ ତାଙ୍କୁ ମାରିବାକୁ । ମୁଁ ପାଟି କଲି ଘରଣୀ ଉଦ୍ଦେଶ୍ୟରେ --- ପଶୁଟା ସାଙ୍ଗରେ କାଇଁ ଲାଗିଛ କହିଲ... ସେମାନେ କ'ଣ ବୁଝନ୍ତି.. ? ଦେଖୁନ ଖାଇବାକୁ ଦେଲେ ବି ତମକୁ ଓଲଟି ମାରିବାକୁ ଫଁ.. ଫଁ.. ହେଉଛି ।

ଘରଣୀ କହିଲେ --- ଓହଃ.. ଖାଇଦେଲେ ଦୁଇଟା କ'ଣ ସରିଯାଉଛି... ବଳିଥିବା ବାସିଭାତ, ତୋରଣୀ, ରୁଟି କି ପରିବା ଚୋପା ଗଣ୍ଡେ ତ ଦେଉଛି... ।

ମୁଁ ଆଉ ଶୁଣିବା ମୋଡ୍‌ରେ ନଥିଲି । ବାଡିଟେ ଧରି... ହେସ୍... ହେସ୍ କରି ମାରିବାକୁ ଘଉଡେଇଲି ।

ମୋ ସ୍ତ୍ରୀ କିନ୍ତୁ ଭାରି ଦୟାଳୁ... ମୋର ଓଲଟା... । ଷଣ୍ଢକୁ ଦେଖିଲେ ମୋର ନାହି ଡେଇଁଲା ଜାଣ । ବଡ ବିରକ୍ତ ଲାଗେ... କିନ୍ତୁ ତାଙ୍କ କାମ ଖାଇବାକୁ ଦେବା, ସ୍ନେହ କରିବା...

ଦିନେ ସଂନ୍ଧ୍ୟାରେ ଡ୍ୟୁଟିରୁ ଫେରିଲା ବେଳେ କଲୋନୀ ମୁଣ୍ଡରେ ଥିବା ଜଳଖିଆ ଦୋକାନୀଟି କହିଲା--- ଭାଇନା ! ଜାଇଁଲନି..ନା ତମର ସେଇ ଛୁଆ ଷଣ୍ଢଟାକୁ... ଆଜି ଗାଡିଟେ ବାଡେଇଦେଲା ତା'ପଛ ଗୋଡକୁ । ବିଚରାର ଗୋଡରୁ ରକ୍ତ ଝରୁଥିଲା । ଛୋଟେଇ ଛୋଟେଇ ତମ ଘରକୁ ଆଗ ଗଲା... ତା'ପରେ କୁଆଡେ ଗଲା କେଜାଣି ?

ସବୁଦିନ ବିରକ୍ତ ହେଉଥିବା ଷଣ୍ଢଟି ପ୍ରତି ଏତେଟା ଦରଦ ନ ଥିଲା ମୋର... କିନ୍ତୁ ଯେତେବେଳେ ଶୁଣିଲି ଦୁର୍ଘଟଣା ପରେ ପ୍ରଥମେ ମୋ ଘରକୁ ଯାଇଥିଲା । ମନଟା ତରଳିଗଲା... କିମିତି... କିମିତି... ଲାଗିଲା । ଦରଦରେ ଭରିଗଲା...ଆଖି ଦୁଇଟା ବାଷ୍ପେୟୀଉଠିଲା ।

ଘରକୁ ଯାଇ ସବୁ କଥା କହିଲି ଘରଣୀକୁ । ପଚାରିଲି --- ଷଣ୍ଢଟି ଛୋଟେଇ ଛୋଟେଇ ଆସିଥିବାର ଦେଖିଥିଲ କି.. ?

ଘରଣୀ ମନା କରିବା ସହ ଦୁଃଖ ପ୍ରକାଶ କଲେ । ମୋ ପ୍ରକୃତି ଜାଣି...ଖୋଜିବା କଥା ନ କହି.... ଖାଲି ଆହାଃ... ଚୁ..ଚୁ... ହେଲେ । ମୋତେ ବି କାହିଁକି ଦୋଷୀ ଦୋଷୀ ଲାଗିଲା । ଟର୍ଚ୍ଚ ଖଣ୍ଡେ ଧରି ଗେଟ୍ ପାଖକୁ ବାହାରି ଗଲି । ରକ୍ତ ଠୋପା... ପଡିଥିବାର ଦେଖିଲି । ଆଉ କାଳ ବିଳମ୍ୱ ନ କରି ରକ୍ତ ବିନ୍ଦୁକୁ ଅନୁସରଣ କରି ଆଗକୁ ବଢିଲି... ଖୋଜିଲି ଅନ୍ଧାରରେ । ଆବିଷ୍କାର କଲି ପଡିଆ କଡରେ ଥିବା ଗଛଟା ମୂଳେ ଗୋଡ ଲମ୍ୱେଇ ପଡିଛି । ଟର୍ଚ୍ଚ ଆଲୁଅରେ ଦେଖିଲି... ତା'ଆଖିକି... ଲୁହ ଡବ ଡବ ଆଖିରେ ମୋତେ ଅନେଇଚି... କିଛି କହିବାକୁ ଚାହୁଁଛି...

ମୋତେ ବୁଝିବାକୁ ଆଉ ବିଳମ୍ୱ ହେଲା ନାହିଁ । କଲୋନୀର କେତେଟା ପିଲା ସାହାଯ୍ୟରେ କ୍ଲବ ବାରାଣ୍ଡାକୁ ତାକୁ ଟେକିନେଲୁ... ଗୋଡକୁ ଭଲ ଭାବରେ ଡେଟୋଲ୍ ପାଣିରେ ଧୋଇ... ଔଷଧ ଟିକିଏ ଲଗେଇ ଦେଲୁ । ସେଇଦିନଠୁ ମୋର ତା'ର...ଏକ ପ୍ରକାର ଭାବ ବଢିଲା । ମୋର କାମ ହେଲା ପ୍ରତିଦିନ ସକାଳେ ସନ୍ଧ୍ୟାରେ... ତା'ପାଇଁ ଖାଇବା ଘରୁନେଇ ଦେବା । ଖାଇଲା ବେଳେ ଆଉଁସି ଦିଏ । ଚିହ୍ନି ଗଲାଣି... ମୋତେ ଦେଖି ଏଣିକି ଆଉ କରୁନି ଫଁ... ଫଁ... ।

ସମ୍ପୂର୍ଣ୍ଣ ସୁସ୍ଥହେବାକୁ ତାକୁ ଲାଗିଲା ପ୍ରାୟ ମାସେ କାଳ... ଏଣିକି ସେ ଚଲାବୁଲା କଲାଣି ।

ସକାଳ ହେଲେ କଲୋନୀରେ ପ୍ରଥମେ ଆମ ଘରକୁ ଯିବ । ହମା ରଡିଟେ ଛାଡିବ... ସେଇଠୁ ଖାଇବା ଆରମ୍ଭ କଲା ପରେ ଯାଇ ଆଗକୁ ବଢିବ । ଏଇ ଭିତରେ ଚାହୁଁ ଚାହୁଁ ପାଞ୍ଚ ବର୍ଷ ବିତିଗଲାଣି । ସିଏ ଏଣିକି ଆମ ଘରର ଜଣେ ସଦସ୍ୟ । ଗୋଟିଏ ପଶୁବି ସ୍ନେହ କାଙ୍ଗାଳ ବୋଲି... ଅନୁଭବ କରିପାରୁଥିଲି ମୁଁ ।

ଦିନ ଚାରିଟା ହେବ । ଅଦିନିଆ ବର୍ଷାଟା କେଉଁଠି ଥିଲା ନାଦିଲା... ବସ୍ତି ସ୍କୁଲର ପାଞ୍ଚଟି ଛୁଆ... ସ୍କୁଲ ବେଗ ଧରି ଘରକୁ ଫେରୁଥିଲେ । ହଠାତ ବର୍ଷାରେ କୁଆଡେ ଯିବେ ବୁଝି ନ ପାରି... ରାସ୍ତା କଡରେ ଥିବା ଝଙ୍କାଳିଆ ଆମ୍ବ ଗଛଟା ମୂଳେ ଛିଡାହେଲେ । ସେଇ ରାସ୍ତା ଦେଇ ଷଣ୍ଢଟା ଯାଉଥିଲା । କ'ଣ ହେଲା କେଜାଣି ପିଲାଗୁଡାକୁ ଦେଖି ... ରାଗିଗଲା... ଫଁ..ଫଁ.. କରି ଜୋରରେ ଦୌଡଡେଇ ଆଣିଲା ଗଛ ଆଡିକି । ଆଉ ପିଲାଏ ଅଛନ୍ତି... ମାଆଲୋ... ବୋପାଲୋ... ହେଇ ଦୌଡଡିଲେ ଘରମୁହାଁ । ପିଲାଗୁଡା କିଛିବାଟ ହେଇଛନ୍ତି ତ... ଚଟକିଲନା ବିଜୁଳି ଆଲୁଅ ଖେଳିଗଲା । ପିଲାମାନେ କାନ ଜାକି ପକେଇଲେ.... ଘୁଡୁମ୍...ଘାଡ୍ ?... ତା'ପରେ ତ ସବୁ ଶେଷ... ।

କିଛି ସମୟପରେ ବର୍ଷା ଛାଡିଲା । ମୁଁ ବି ଡ୍ୟୁଟିରୁ ଫେରୁଥାଏ । ଲୋକଙ୍କ ଭିଡ ଦେଖି ଅଟକିଲି... କିଏ କହିଲା --- ଧର... ଧର... ପିଲାଗୁଡାକୁ ଆଗ ମେଡିକାଲ ନେବା ।

ପିଲାମାନଙ୍କର କିନ୍ତୁ କିଛି ହେଇ ନ ଥିଲା । ଖାଲି ଥରୁଥିଲେ ଡରରେ । ସେମାନଙ୍କ ଭିତରୁ ବଡ ପିଲାଟି ଟିକିଏ ସାଷ୍ଟାଙ୍ଗ ହେଇ ଗଛ ମୂଳେ ଥିବା ଷଣ୍ଢକୁ ଆଙ୍ଗୁଠି ଦେଖେଇ କହିଲା --- ମହାଦେବ...ମହାଦେବ...ଦେଖ.... ନିଜେ ମରି... ଆମକୁ ବଞ୍ଚେଇ ଦେଲା ।

ମୋ ମନ ଭାରାକ୍ରାନ୍ତ ହେଇଗଲା । ମରି ପଡିଥିବା ମୋ ପ୍ରିୟ ଷଣ୍ଢର ମୁଣ୍ଡକୁ ଆଉଁସୁ ଆଉଁସୁ ମୋର ଆଖି ଓଦା ହେଇଯାଉଥିଲା... ଲୁହଗୁଡା ଖସ୍ ଖସ୍ ଖସି ପଡୁଥିଲା ତା'ମୁଣ୍ଡ ଉପରେ ।

+ବଡ-ଆମୁଁଣି, ଝୁମ୍ପୁରା, କେନ୍ଦୁଝର-୩୧

## ଏକ ସମୟର ଅନ୍ତରାଳ



ଲଳିତ ମୋହନ ମିଶ୍ର

ଏକ ଅନ୍ଧକାରପୂର୍ଣ୍ଣ ରାତ୍ରୀ । ବାହାରେ ମୂଷଳ ଧାରରେ ବର୍ଷା ଚାଲିଛି ତୁହାକୁ ତୁହା । କିଛି ସମୟ ଅନ୍ତରାଳରେ ଘଡଘଡି । ବିଜୁଳିର ଝଲକରେ କ୍ଷଣିକ ପାଇଁ ଆଲୋକ ଦେଖାଦେଇ ପୁଣି ଉଭେଇ ଯାଉଛି ଅନନ୍ତ ଗଗନ ଭିତରେ । ଆଜି ମନେ ପଡୁଛି ସେଦିନର କଥା... ସେଦିନ... ଆଉ ଆଜିର ଦିନ ମଧ୍ୟରେ କେତେ ଫରକ୍...

ସେଦିନର ମନଟି ସମ୍ପୂର୍ଣ୍ଣ ଅସ୍ଥିର । କେଉଁ ଏକ ଅଜଣା ନିଆଁର ଝାସରେ.... ଝାଉଁଳି ପଡିଛି ଗୋଲାପ ଫୁଲ ପରି ପ୍ରସ୍ଫୁଟିତ ହୃଦୟଟି । ବେଳେବେଳେ ଲାଗୁଅଛି ଅଲୋଡା ଓ ଅଖୋଜା । ସବୁ ଥାଇ କିଛି ନାହିଁ । ମୁହଁରେ ହସ... ମାତ୍ର ମନଟି ଭାଙ୍ଗି ପଡ଼ିଛି ଯେମିତି କାହାର କୁଠାରାଘାତରେ । ବୁଝି ହେଉନାହିଁ ବର୍ତ୍ତମାନକୁ... ମନ ଅଛି କିନ୍ତୁ କାହିଁକି ସେ ଭାବନାରେ ଫରକ୍ , ସାମାନ୍ୟ ଭାବନାରେ ମନଟି ବିଚଳିତ ହୋଇ ଉଠୁଛି, ଅନ୍ତରରେ କାହିଁକି ସୃଷ୍ଟି ହେଉଛି ଅସରନ୍ତି କୋହ ?

ହସ୍ପିଟାଲରୁ ଫେରୁ ଫେରୁ ରାତି ସାଢ଼େ ଦଶ । ଆଖିକୁ ନିଦ ନାହିଁ, ନିଜକୁ ନିଜେ ଅନେକ ପ୍ରଶ୍ନ ପଚାରିଛୁ ? ସମୟକୁ ଗୁରୁତ୍ୱ ଦେଉଥିବା ମୋ ପରି ଜଣେ ଡାକ୍ତର... ଏଇ ଦିନ କେଇଟା ଭିତରେ ଅନ୍ୟମନସ୍କ... ଖାଇ ସାରି ବିଛଣାକୁ ଯିବା ପୂର୍ବରୁ କାକିନୀର ଫୋନ କଲ୍‌ରେ... ବିଭୋର । କାକିନୀର ସେଇ... କେଇ ପଦ କଥା ଶୁଣିବା ପାଇଁ ସନ୍ଧ୍ୟା ବେଳରୁ ଚାହିଁ ରହିଥିଲି । ସନ୍ଧ୍ୟାରୁ ଏ ଭିତରେ ମାତ୍ର କେଇ ଘଣ୍ଟା... ହେଲେ, ମୋ ପାଇଁ କେଇଟା ଯୁଗ ପାଲଟି ଗଲା ।

କଲେଜ ଜୀବନରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଅନେକ ଝିଅଙ୍କୁ ଦେଖିଛି, ହେଲେ କାହାକୁ ଜୀବନ ସାଥୀ କରିବାର ସ୍ୱପ୍ନ ଦେଖି ନାହିଁ । ଆଜି ବି ସେଇ ଏକା । ବୋଉ ମୋ ବାହାଘର ପାଇଁ କେତେ ବ୍ୟସ୍ତ ନ ହୋଇଛି ସତେ.... ବୋଉର ରାଗ ଅଭିମାନ ସଦାସର୍ବଦା ମୋ ଉପରେ । ଆଜି ବୋଉ ତ ମୋ ପାଖରେ ଆଉ ନାହିଁ... କି ବାହାଘରର ବୟସ ମଧ୍ୟ ଆଉ ନାହିଁ । ପଇଁତିରିଶଟି ବସନ୍ତ ଅତିକ୍ରାନ୍ତ ପରେ ପ୍ରେମର ଗୁଞ୍ଜରଣ... କାହିଁକି ମନକୁ ଆନ୍ଦୋଳିତ କରୁଛି ? ମନ ଭିତରେ ଏକ ଅଜଣା ରୋମାଞ୍ଚ.. ଅସ୍ଥିରତା.. ବ୍ୟାକୁଳତା.. । ବୟସ ବଦଳି ଗଲେ ପ୍ରେମ ବଦଳି ଯାଏନା ଉଜ୍ଜୀବିତ ହୁଏ ଜାଣି ହୁଏ ନାହିଁ । ଦେହ ମନରେ ବୟସର ଛାପ... ତଥାପି କିଛି ନା କିଛି ରହିଯାଇଛି । ପ୍ରେମ ସୀମାହୀନ ସାଗର, ପ୍ରେମ ହୃଦୟର ସନ୍ଧ୍ୟାକାଶରେ ସୁନ୍ଦରୀ ଚାନ୍ଦିନୀଠୁ ଅଧିକ ସୁନ୍ଦର । ପ୍ରେମ ଗୋଟିଏ ଅଢେଇ ଅକ୍ଷରର ଅବୋଲକରା ଆବେଗ । ଯାହାକୁ ଅନୁଭବ ତ କରିହୁଏ, ହେଲେ ଦେଖି ହୁଏନି କି ଦେଖେଇ ହୁଏନି । ତେବେ ପ୍ରେମ କାହାକୁ ବି ହେଇପାରେ, କେତେବେଳେ ବି ହେଇପାରେ, କେମିତି ବି ହେଇପାରେ । ପ୍ରେମର ହିସାବ କିତାବ ନାହିଁ... କି ପ୍ରେମରେ କାରଣା ଖୋଜାପଡେନା । ପ୍ରେମିକା ଆଖିର ଚାହାଣୀ... ପ୍ରେମର ପୁସ୍ତକରେ ଗୋଟିଏ ଗୋଟିଏ ମଧୁର ପୃଷ୍ଠା ।

ବିଶ୍ୱାସ କରି ହେଉନାହିଁ, ଦିନ କେଇଟା ଭିତରେ ନିଜ ଉପରୁ ଆତ୍ମବିଶ୍ୱାସ ହରେଇ ବସିଛି, ଯେବେଠାରୁ କାକିନୀ ମହାନ୍ତିକୁ ଦେଖିଛି । କାକିନୀର ସହିତ ଦୁଇ ଦିନ ପୂର୍ବରୁ ଦେଖାସାକ୍ଷାତ । ସେଦିନ ରାତିରେ ଜରୁରୀ କାଳୀନ ବିଭାଗରେ ହଠାତ୍ ଜଣେ ରୋଗୀ ଆସି ପହଞ୍ଚିଲା । ଅବସ୍ଥା ଗୁରୁତର । ସଙ୍ଗେ ସଙ୍ଗେ ଆଇସିୟୁକୁ ନେଇ ଯିବାକୁ କହିଲି । ଅବସ୍ଥା ଅଧିକ ଗୁରୁତର ହେବାରୁ ଆଇସିୟୁର ଭେଣ୍ଟିଲେଟରକୁ ନେବାକୁ ହେଲା । ବାହାରକୁ ବାହାରିବା ବେଳକୁ କାକିନୀ ମୋତେ ନେହୁରା ହୋଇ କହିଲା, ଯେମିତି ହେଉ ନା କାହିଁକି ବାପାଙ୍କ ଜୀବନ ରକ୍ଷା.. ମୋର କର୍ତ୍ତବ୍ୟ । ବାପାଙ୍କ ଜୀବନ କେତେ ମୂଲ୍ୟବାନ... ସେକଥା ତାର ଆଖିର ଲୁହରୁ ବୁଝି ହୋଇ ଯାଉଥାଏ...

ଡାକ୍ତର ଭାବରେ ମୁଁ ମୋର ସବୁ ଚେଷ୍ଟା କରୁଛି । ପ୍ରତ୍ୟେକ ଜୀବନ ଆମ ପାଇଁ ମୂଲ୍ୟବାନ । ଆପଣ ଭଗବାନଙ୍କ ଉପରେ ଭରସା ରଖନ୍ତୁ ସବୁ କିଛି ଠିକ୍ ହୋଇ ଯିବ । ଏତିକି କହି ଚାଲି ଆସିଲି ।

ଗୋଟେ ଦିନ ପରେ ଅବସ୍ଥାରେ ସେମିତି କିଛି ପରିବର୍ତ୍ତନ ନ ଥିଲା । ଅଧିକ ଚିକିତ୍ସା ପାଇଁ ଭଲ ହସ୍ପିଟାଲକୁ ନେବାକୁ କହିଲି । କାକିନୀ ବ୍ୟସ୍ତ ହେବାରୁ ଅଳ୍ପ ଖର୍ଚ୍ଚରେ ମୋ ନିଜ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର ପାଇଁ ପରାମର୍ଶ ଦେଲି ।

ବାସ୍ ସନ୍ଧ୍ୟା ବେଳରୁ କାକିନୀର ଫୋନ କଲ୍‌କୁ ଅପେକ୍ଷା କରି ରହିଥିଲି । ଘରୋଇ ହସ୍ପିଟାଲକୁ ଆଣିବା ପାଇଁ କାକିନୀ ରାଜି ହେବା ପରେ ମୋର ଆଖିକୁ ଆଉ ନିଦ ନାହିଁ । ଏଇ ଦିନ କେଇଟା ହେବ ମୋର କାକିନୀ ସହ ଦେଖା ସାକ୍ଷାତ । ମୁଁ ଜଣେ ଡାକ୍ତର... ଆଉ ସେ ଜଣେ ରୋଗୀର ସହାୟିକା । ମଥାରେ ସିନ୍ଦୁର । ହାତରେ ଶଙ୍ଖା । ଜଣେ ସୁନ୍ଦରୀ ବିବାହିତା ନାରୀ... ଏଥିରୁ ଅଛପା ନାହିଁ । ସେ ଜଣେ ପର ପୁରୁଷର ସ୍ତ୍ରୀ । ତଥାପି ମୁଁ ଏତେ ଖୁସି ହେବାର କାରଣ କଣ ? ମୁଁ କଣ କାକିନୀର ପ୍ରେମରେ ପଡି ଯାଇଛି ......

ଦୁଇ ଦିନ ବିତିଯିବା ପରେ ଘରୋଇ ହସ୍ପିଟାଲରେ ଏବେ ଟିକେ ସୁସ୍ଥ ହେଲେଣି କାକିନୀର ବାପା । ଖୁସିରେ ଗୋଡ ତଳେ ଲାଗୁନି କାକିନୀର । ଚାମ୍ବରରେ ବସାଇ କାକିନୀର ସହିତ କଥାବାର୍ତ୍ତା ହୁଏ, ଭଲ ମନ୍ଦ ପଚାରି ବୁଝେ... କିନ୍ତୁ ସ୍ୱାମୀଙ୍କର କଥା ପଚାରିବାକୁ ସାହସ କରେ ନାହିଁ । ତାର ଶୁଖିଲା ମୁହଁକୁ ଦେଖି ହସେଇବା ପାଇଁ



ଅନେକ ମଜା ମଜା କଥା କହେ । ମନକୁ ହାଲକା କରିବାକୁ ନିଜ କାର୍ ରେ ମନ୍ଦିରକୁ ନେଇଯାଏ । ମନ୍ଦିରରେ ଘିଅ ଦୀପ ଜାଳି ବାପାଙ୍କ ଜୀବନ ରକ୍ଷା ପାଇଁ ଗୁହାରି କରିବା ସହିତ ମାନସିକ କରେ । ଦିନକୁ ଦିନ ଅଧିକ ଜାଣିବା ପାଇଁ ଚେଷ୍ଟା କରେ କାକିନୀ ବିଷୟରେ । ଘଣ୍ଟା ଘଣ୍ଟା ତା ସହିତ ସମୟ ବିତେଇବା ପାଇଁ ଇଚ୍ଛା ହୁଏ ।

ପ୍ରେମ ପଲକରେ କାକିନୀକୁ ଦେଖେ । ପାତ୍ର-ଅପାତ୍ର, ଜ୍ଞାନ-ଅଜ୍ଞାନ ପ୍ରେମରେ ନାହିଁ । ପାପ-ପୁଣ୍ୟାତ୍ମାର ଭେଦ ଭାବ ନାହିଁ । ମାନବ ଥରେ ମାତ୍ର ଚକ୍ଷୁ ଫିଟାଇ ଦେଖିଲେ... ପ୍ରେମ ଦର୍ଶନରେ ତାର ପ୍ରାଣ କାନ୍ଦି ଉଠେ... ସର୍ବସ୍ୱ ଛାଡ଼ି ସେହି ପ୍ରେମର ଚରଣରେ ଲୋଟିବାକୁ ପ୍ରାଣ-ମନ ଅସ୍ଥିର ହୁଏ । ସଂସାରର ଭୟ, ନିନ୍ଦା, ଅପମାନ ଏସବୁକୁ ମୁହୂର୍ତ୍ତକ ମଧ୍ୟରେ ତିରୋହିତ କରିଦିଏ । ପଲକେ ପଲକେ କେତେ ପ୍ରେମ... ତାହାର କଳନା ନାହିଁ । ସେ ଭାବେ.. ତାର ସମଗ୍ର ପ୍ରେମ ତାଙ୍କରି ଠାରେ ଉତ୍ସର୍ଗ କରିବ - ଏଥିରେ ଯୁକ୍ତି ନାହିଁ, ତର୍କ ନାହିଁ, ଫଳାଫଳର ଚିନ୍ତା ନାହିଁ ।

ଘରକୁ ଫେରି ଆସିବା ପରେ ମନ ସେଇ ହସ୍ପିଟାଲରେ ରହିଯାଏ । ବିଛଣାରେ ପଡ଼ି ରହେ, ହେଲେ ନିଦ ହୁଏ ନାହିଁ । ଉଠି ଚାଲି ଆସେ ଡ୍ରଇଂ ରୁମକୁ । ପ୍ରେମ କବିତା ନ ହେଲେ ରୋମାଣ୍ଟିକ ଗପ ବହି ପଢେ । ଗପ ବହି ଭିତରେ ନିଜକୁ ହଜେଇ ଦିଏ । କାକିନୀକୁ ନେଇ ମନ ଭିତରେ ଅନେକ ସୁନ୍ଦର ସୁନ୍ଦର ଛବି ଆଙ୍କେ ଆଉ ସ୍ୱପ୍ନ ଦେଖେ । ପ୍ରେମରେ ପାଗଳ ହୋଇ ଭୁଲି ଯାଏ ନିଜକୁ ଓ ନିଜର ପେଶାକୁ । ଡାକ୍ତର ଭାବରେ ବର୍ଷ ବର୍ଷ ଧରି ସାଉଁଟି ଥିବା ପ୍ରଶଂସା... ନିମିଶକେ ମଧ୍ୟରେ ହରାଇ ଦିଏ କାକିନୀ ପାଖରେ... ତାକୁ ଆଦରି ନେବାକୁ ଇଚ୍ଛା ହୁଏ । ଭାବେ ଅନେକ...

ସେଦିନ କଥା ପ୍ରସଙ୍ଗରେ ପଚାରି ଦେଲା.. ସ୍ୱାମୀ ଶାଶୁ ଶ୍ୱଶୁରଙ୍କ କଥା । କାକିନୀ ନିଜକୁ ଅସହଜ ବୋଧ କଲା । ତଥାପି କହିଲା ବାପା ହିଁ ମୋର ସର୍ବସ୍ୱ । ମାଆ ଦୁଇବର୍ଷ ତଳେ ହଠାତ୍ ହୃଦ୍ ରୋଗରେ ଆମ ସମସ୍ତଙ୍କୁ ଛାଡି ଚାଲିଗଲେ । ସେତେବେଳେ ମୋ ବିବାହର ପାଞ୍ଚ ଛଅ ମାସ ହୋଇଥିଲା । ମୁଁ ବାପା ମାଆଙ୍କର ଏକେଇରି ବଳା... ମାଆର ଶୁଦ୍ଧ କ୍ରିୟା ଏବଂ ବାପାଙ୍କୁ ଏହି ସମୟରେ ଏକା ଛାଡି ଯିବାକୁ ପସନ୍ଦ କଲି ନାହିଁ । ବାପାଙ୍କର ସାହାର ହୋଇ... ଧୈର୍ଯ୍ୟ ଶକ୍ତି ଯୋଗାଇଲି । ନିଜେ ନିଜକୁ ସମ୍ଭାଳି ବାପାଙ୍କୁ ସାହସ ଓ ଧୈର୍ଯ୍ୟ ଦେଲି । ଏହି ସମୟରେ ଶୁଭ୍ରାଂଶୁଙ୍କୁ ମିଳିଲା ଅପୂର୍ବ ସୁଯୋଗ । ମୋର ଅନୁପସ୍ଥିତିରେ ତାଙ୍କ ଅଫିସ୍ ରେ ମିତାଳି ମ୍ୟାଡାମ୍‌ଙ୍କ ସହିତ ପ୍ରେମରେ ଉବୁଟୁବୁ ହେଲେ । ଆଉ ସେହି ପ୍ରେମର ଡୋରି ବେଳକୁ ବେଳ ମଜବୁତ୍ ହେଲା । ଏପଟେ ମୋତେ ବୁଲେଇ ବଙ୍କେଇ ଭୁଲେଇ ଅନେକ ମନମୋହିତ କଥା କୁହନ୍ତି । ସେପଟେ ଦୁଇଜଣଙ୍କର ବୁଲା ଚଲା ଖାଇବା ପିଇବାରେ ସମୟ ଅତିବାହିତ କଲେ । ମୁଁ ଜାଣିଲା ବେଳକୁ ଲେଡି କୁଡ କହୁଣୀକୁ ବୋହି ଯାଇଛି । ଅନ୍ୟୋନ୍ୟ ଉପାୟ ନ ପାଇ କୋର୍ଟ ରେ ବିବାହ ବିଚ୍ଛେଦର କେସ୍ ଫାଇଲ କଲି ଦୁଇବର୍ଷ ହେଲାଣି, ସେ କଥା ଛିଣ୍ଡୁନାହିଁ ।

ଶୁଭ୍ରାଂଶୁ ଏବେ ଜନକ । ତେଣୁ ମୋର ଆଉ କିଏ ସାହାରା ? ବାପା ହିଁ ମୋର ସବୁ କିଛି । ଏଠି ଖାଲି ପେନ୍ଥା ପେନ୍ଥା ସବୁଜ ସ୍ମୃତି । ଆଉ ତାକୁ ଘେରିଥିବା ସମ୍ପର୍କର ଲାଲ ପ୍ରାଚୀର । କଥା କହୁ କହୁ ସେ ଦେଖୁଥିଲେ ପଞ୍ଜୁରୀରେ ଥିବା ଦୁଇଟି ଶୁଆ ସାରୀର ମୂର୍ତ୍ତିକୁ । ମୁଁ ଦେଖୁଥିଲି କାକିନୀକୁ, ମଥାରୁ କେତୋଟି ଚୂର୍ଣ୍ଣ କୁନ୍ତଳ ଆସି ଗାଲରେ ତାର ଲାଖି ଯାଇଛନ୍ତି । ଅନୁଢ଼ାରୁ ପ୍ରୌଢ଼ା ହେବର ଉପକ୍ରମରେ । ବୟସର କୃଷ୍ଣଚୂଡା ଏବେ ସମ୍ପୂର୍ଣ୍ଣ ପାଖୁଡା ମେଲି ଠିଆ ହୋଇଛି ମୋ ସାମ୍ନାରେ । କୈଶୋରର ସେ ଲାଜକୁଳୀ ଲତା ପରି ଆଉ ନୁହେଁ, ସେ ଏବେ ନିରେଖି ଦେଖୁଛି । ଖୋଜୁଛି କଳ୍ପନା ଆଉ ବାସ୍ତବତାର ସୀମାରେଖାକୁ । ବାସ୍ତବତାର ବେଳାଭୂମିରୁ କଳ୍ପନାର ସାଗର କେତେ ବିସ୍ମୟକର ନୁହେଁ ? ତାର ଅଧା ଲୁଚା ଅଧା ଦେଖା ଲହଡି ସବୁ ଜଣେ ଜଣେ ଚପଳଛନ୍ଦା ସତେ ! ସେ ଦେଖୁଥିଲା ନା ପଢୁଥିଲା ସେ ମୂର୍ତ୍ତିକୁ ସେ ହିଁ ଜାଣେ । ହଠାତ୍ , କହି ଉଠିଲେ, 'ଆରେ , କାକିନୀ... ତୁମେ ଏତେ ଭାଙ୍ଗି ପଡୁଛ ?

ଯଦି କିଛି ନ ଭାବିବ ଏବେ ବି ମୁଁ ଏକା ଅଛି । ଆମେ ସାଥି ହୋଇ ରହିବାରେ କୋଣସି ପ୍ରତିବନ୍ଧକ ନାହିଁ । ଏତକ କଥା ଶୁଣି କାକିନୀର... ଆଖିର ଲୁହ ସବୁ ମୁକ୍ତା ହୋଇ ଝରିଗଲା.. ସେ ଜୋରରେ ଭିଡି ଧରିଲା... ମୋତେ ତା ଛାତିରେ, ଆଉ ମୁଁ ତାକୁ ଲୁଚେଇ ଦେଲି ମୋ ଭିତରେ । ମନ ଅଭିମାନ ସବୁ ହସି ହସି ଚାଲିଯାଉଥିଲା... ଆମକୁ ଏକା କରି... ମୂର୍ତ୍ତିରେ ଥିବା ପଞ୍ଜୁରୀର ସୁଆ ସାରୀ ଏବେ ଓହ୍ଲେଇ ଆସିଛନ୍ତି ମାଟିକୁ । ଖୁବ ନିବିଡ଼ ଭାବେ ବାନ୍ଧି ହୋଇଛନ୍ତି ବାହୁ ବନ୍ଧନରେ । ଆଉ ପି ଚାଲିଛନ୍ତି ଆଞ୍ଜୁଳା ଆଞ୍ଜୁଳା ଲୁହ...

ଦୁହିଁଙ୍କ ହୃତସ୍ପନ୍ଦନ ଅନୁଭବ କରି ପାରୁନଥାନ୍ତି ଦୁହେଁ । ନିଃଶ୍ୱାସର ବେଗ ଆଉ ଉଷ୍ମତା ଧୀରେ ଧୀର ବଢିବାକୁ ଲାଗିଥାଏ । ଆଉ ଅଳ୍ପକେ ବୋଧ ହୁଏ ଲାଜର ବନ୍ଧ ବାଡ଼ ଭାଙ୍ଗି ଦୁଇ ଶରୀର ଏକ ହୋଇ ଚାଲିଯିବେ... ଆମାନିଆ ହୋଇ ବହି ଯାଉଥାନ୍ତି ଦୁହେଁ ଦୁହିଁ ଙ୍କ ଭିତରେ.... ମିଶିଯିବେ ହଜିଯିବେ ଆଉ ଭିଜିଯିବେ । ରଜନୀଗନ୍ଧାର ମାଳ ଆଉ ସେ ଫୁଲ ଗୁଡିକ କ୍ଷୀନ ଭିନ୍ ହେଇ ବିଞ୍ଚି ହୋଇ ପଡୁଥିଲା... ଏ ଦୁଇ ଶରୀର ଉପରେ... ଯିଏ ସବୁ ଦିନ ପାଇଁ ଏକ ହେଇଯିବାରେ ମାତିଥିଲେ..... ।

+ଅରବିନ୍ଦ ନଗର, ନୟାଗଡ଼,
ମୋ: ୯୪୩୭୯୮୫୮୬୬

## ମଙ୍ଗଳ ସୂତ୍ର

ସତ୍ୟନାରାୟଣ ପ୍ରଧାନ



ରାତି ସାରା ତୁହାକୁ ତୁହା ବର୍ଷା ସକାଳକୁ ବନ୍ଦ ହେବାର ଅନୁମାନ ପୁରା ଫିକା ପଡି ଯାଇଥିଲା । ସ୍ତ୍ରୀ ଲୋକଟି ରାତିରେ ବାହାନା କରି ପିଲାମାନଙ୍କୁ ସକାଳ ହେଲେ ଖାଇବାକୁ ଦେବ କହିଥିଲା । ପ୍ରକୃତରେ ଘରେ ତାର ଦୁଇ ଦିନ ହେବ ଚୁଲି ଜଳି ନ ଥିଲା । ସ୍ୱାମୀ ତାର ନିଶା ଖାଇ ଗୁଡ଼ାଏ ଦିନ ତଳୁ ତାକୁ ଅସୁନ୍ଦରୀ କହି ଘର ମାଟି ମାଡୁ ନ ଥିଲା । ଦିନରେ ମୂଲ ମଜୁରୀ ଖଟି ଯାହା କିଛି ରୋଜଗାର କରୁଥିଲା ପର ଘରେ ସାଙ୍ଗ ସାଥୀରେ ଉଡ଼ାଇ ସ୍ତ୍ରୀ ପିଲାଛୁଆଙ୍କ କଥା ସଂପୂର୍ଣ୍ଣ ରୂପେ ଭୁଲି ଯାଇଥିଲା ।

ବିଚରା ସ୍ତ୍ରୀ ଲୋକଟି ଘରେ ଚୁଲି ଜଳିବା ପାଇଁ ସଉଦା କି ପନିପରିବା ନ ଥିବାରୁ ପିଲାମାନଙ୍କ ପେଟର ଭୋକକୁ ସହ୍ୟ କରି ନପାରି ହାତରେ ଭଙ୍ଗା ଛତାକୁ ଧରି କାହାଠାରୁ କହି ପୋଛି ବାକି ଆଣିବାକୁ ବାହାରି ପଡ଼ିଲା । ପୁର୍ବରୁ ଦୋକାନୀ ତା ସ୍ୱାମୀ ବିଷୟରେ ଭଲ ମନ୍ଦ ଜାଣି ଥିବାରୁ ସେ ସରଳତାର ସୁଯୋଗ ନେଇ ଜିନିଷ ଦେବା ବଦଳରେ ଅଶ୍ଳୀଳ ଇଙ୍ଗିତ କରିବା ପାଇଁ ମୋଟେ ପଛେଇ ନ ଥିଲା । ସ୍ତ୍ରୀ ଲୋକଟି ଜଣେ ପତିବ୍ରତା ନାରୀ ହୋଇଥିବାରୁ ଅଭାବ ଅସୁବିଧା ଭିତରେ ଥିଲେ ବି ନିଜ ସମ୍ମାନ ନ ହରାଇ ସେଠାରୁ ଫେରି ଆସିଲା ।

ବାଟରେ ଘରକୁ ଫେରିଲା ବେଳେ ପିଲା ମାନଙ୍କର ଭୋକିଲା ବିକଳ ମୁହଁ ଗୁଡାକ ଆଖି ଆଗରେ ତାର ନାଚି ଯାଉଥିଲା । ଏପରି ଖରାପ ସମୟରେ କାହାଠାରୁ ହାତ ପାତି ମାଗିବା ବଦଳରେ ନିଜ ବେକରେ ପିନ୍ଧିଥିବା ମଙ୍ଗଳ ସୁତ୍ରକୁ ବିକି ସେ ଟଙ୍କାରେ ଜିନିଷ କିଣି ଫେରିବାକୁ କର୍ତ୍ତବ୍ୟ ମନେ କରିଥିଲା । ତା ହାତରେ ଏତେ ଗୁଡ଼ାଏ ଜିନିଷ ପିଲାମାନେ ଦେଖି ଖୁସିରେ ଚାରି ପାଖ ରୁଣ୍ଡ ହୋଇ ଯାଇଥିଲେ ।

ଯାହାର ନିଜ ମନ ପସନ୍ଦ ଜିନିଷ ହାତରେ ଧରି କ୍ଷଣିକ ମଧ୍ୟରେ ଆନନ୍ଦ ଉଲ୍ଲାସ ଫେରି ଆସିଥିଲା । ମାଆ ତାର ଖାଲି ବେକ କାନ୍ଥରେ ପିଟା ଯାଇଥିବା ଆଇନା ଦେଖି ନିଜକୁ ସମ୍ଭାଳି ନପାରି ଭୋ ଭୋ କରି କାନ୍ଦୁଥିଲା । ସେ ଯାହା କରିଛି ଠିକ୍ କରିଛି ବୋଲି ଛାତି ତଳେ ଲୁଚି ରହିଥିବା ବିବେକ ତାକୁ ବାରମ୍ବାର ବୁଝାଇ କହୁଥିଲା । ସେ ପିଲାମାନଙ୍କ ପୁରିଲା ମୁହଁକୁ ଦେଖି ଆଖିରୁ ବହି ଯାଉଥିବା ଲୁହକୁ ପୋଛି ଆନନ୍ଦ ଅନୁଭବ କରିବାର ସୁଯୋଗକୁ ମୋତେ ହାତଛଡ଼ା କରି ନ ଥିଲା ।

ସ୍ତ୍ରୀ ଲୋକଟିର ସ୍ୱାମୀର ଦେହ ଠିକ୍ ଭାବେ ଖିଆ ପିଆ ନ ରହିବାରୁ ଖରାପ ହେବାରେ ଲାଗି ପଡିଲା । ଆଗ ଭଳିଆ କେହି ଭଲ ନ ପାଇ ଘୃଣା କରିବା ଆରମ୍ଭ କରି ଦେଇଥିଲେ । ସେ ସ୍ତ୍ରୀ ପିଲାଛୁଆଙ୍କ ପ୍ରତି ଅନ୍ୟାୟ କରିଛନ୍ତି ବୁଝିପାରି ଫେରି ଆସିଲେ । ସ୍ତ୍ରୀ ବେକରେ ମଙ୍ଗଳ ସୂତ୍ର ନ ଥିବାର ଦେଖି ପ୍ରକୃତ ଘଟଣା ତାଙ୍କଠାରୁ ଶୁଣି ନିଜକୁ ଛୋଟ ମନେ କରି ପାଦ ତଳେ ପଡି ଯାଇଥିଲା । ସେ ସ୍ୱାମୀଙ୍କୁ ଏ କ'ଣ କରୁଛ ?

କହି ତଳୁ ଉଠାଇ ତୁମେ ମୋ ପାଖରେ ଥିଲେ ମଙ୍ଗଳ ସୂତ୍ର କିଛି ଦରକାର ନାହିଁ ଗୋଟେ ସ୍ତ୍ରୀ ପାଇଁ ପ୍ରକୃତରେ ତା ସ୍ୱାମୀ ହେଉଛି ବଡ଼ ସମ୍ପତ୍ତି ହସି କରି କହୁଥିଲା । ପିଲାମାନେ ବାପାକୁ ଦେଖି କିଏ କାଖ ହେବାକୁ କହୁଥିଲା ତ ଆଉ କିଏ ଚାନ୍ଦୁ ହେବାକୁ ଅଝଟ କରୁଥିଲା ।

+ଅଣ୍ଡିଆ, ଜେନାପୁର, ଯାଜପୁର
ପିନ୍ - ୭୫୫୦୨୩
ମୋ ୯୧୭୮୩୧୩୬୪୪

# ଆବର୍ଜନାମୟ ପୋଖରୀ ଗୁଡିକର ପୁନଃରୁଦ୍ଧାର ଓ ବ୍ୟବହାର ଉପଯୋଗୀ କରିବାକୁ ଦାବି

ଘଟଗାଁ, ୧୦/୧୧ (ନି.ପ୍ର): ସହର ଓ ଏହାର ଆଖପାଖ ଅଂଚଳରେ ଥିବା ପୋଖରୀ ଗୁଡିକର ସୁରକ୍ଷା ଓ ସଫେଇ ଉପରେ ଦୃଷ୍ଟି ଦିଆଯାଉ ନଥିବାରୁ ପୋଖରୀ ଗୁଡିକ ଆବର୍ଜନାମୟ ହୋଇ ବ୍ୟବହାର ଅନୁପଯୋଗୀ ହୋଇପଡିଛି, ଯାହାଫଳରେ ନିକଟସ୍ଥ ଅଂଚଳର ଲୋକମାନେ ସେମାନଙ୍କର ନିତ୍ୟ ବ୍ୟବହାର୍ଯ୍ୟ ଜଳ ପାଇଁ ଦହଗଞ୍ଜ ହେଉଥିବାର ଦେଖାଯାଇଛି । ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ, ପ୍ରତି ଅଂଚଳରେ ବସବାସ କରୁଥିବା ଗରିବ, ମଧବିତ ଶ୍ରେଣୀ ଲୋକମାନେ ସାଧାରଣତଃ ନିଜ ନିଜର ପ୍ରତିଦିନ ଆବଶ୍ୟକ ପଡୁଥିବା ବାହ୍ୟବ୍ୟବହୃତ ପାଇଁ ଜଳ ଯଥା -ସ୍ନାନ, ଲୁଗାପଟା ଓ ଅନ୍ୟ ଆସବାବ ସାମଗ୍ରୀ ଧୋଇବା, ଯାନ ଧୋଇବା, ଘର ନିର୍ମାଣରେ ଆବଶ୍ୟକ ଜଳ, ପଶୁ ପକ୍ଷୀ, ସ୍ନାନ, ପ୍ରଭୃତି ସାଙ୍ଗକୁ ଶୁଦ୍ଧି କାର୍ଯ୍ୟ ପ୍ରଭୃତି ପାଇଁ ଏହି ପୋଖରୀ ଗୁଡିକର ଜଳ ବେଶ ସାହାଯ୍ୟ କରିଥାଏ, ହେଲେ ପୋଖରୀ ଗୁଡିକର ସୁରକ୍ଷା, ମରାମତି ତଥା ପୁନଃଉଦ୍ଧାର ଉପରେ ଗୁରୁତ୍ୱ ଦିଆଯାଉନଥିବାରୁ ପୋଖରୀ ଗୁଡିକ ଆବର୍ଜନାମୟ ହୋଇ ବ୍ୟବହାର ଅନୁପଯୋଗୀ ହୋଇପଡିଛି ଏବଂ ଲୋକ ମାନେ ବାଧ ହୋଇ ନିଜ ନିଜର ବାହ୍ୟବ୍ୟବହୃତ ଜଳର ଆବଶ୍ୟକତା ନିମନ୍ତେ ପାନୀୟ ଜଳକୁ ବ୍ୟବହାର କରୁଛନ୍ତି । ଯାହାଫଳରେ ଜିଲ୍ଲାରେ ପାନୀୟ ଜଳର ସମସ୍ୟା ମଧ ଦେଖାଯାଉଛି । ତେଣୁ ଯଦି ପ୍ରତି ଅଂଚଳରେ ପରିତ୍ୟକ୍ତ ହୋଇ ପଡ଼ିଥିବା ପୋଖରୀ ଗୁଡିକର ପୁନଃରୁଦ୍ଧାର କରାଯାଇ ବ୍ୟବହାର ଉପଯୋଗୀ କରାଯିବା ଉପରେ ଗୁରୁତ୍ୱ ଦିଆଗଲେ ପାନୀୟ ଜଳର ଅପବ୍ୟବହାର ବହୁଳ ଭାବେ ହ୍ରାସ ପାଇ ପାରନ୍ତା ବୋଲି ବୁଦ୍ଧିଜୀବି ଓ ଜନସାଧାରଣରେ ଦାବୀ ହୋଇଛି ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ୨୫ ଜଣ ଡାକ୍ତରଙ୍କୁ ନୋଟିସ

ଜୟପୁର, ୧୦/୧୧ (ନି.ପ୍ର): ଜଣେ କି ଦୁଇ ଜଣ ନୁହଁ ପ୍ରାୟ ୨୫ ଡାକ୍ତରଙ୍କୁ ନୋଟିସ ଜାରି କରାଯାଇଛି । ଏପରି ଘଟଣା ଦେଖିବାକୁ ମେଳିଛି କୋରାପୁଟ ଜିଲା ଜୟପୁର ରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ର ଘଟଣା । ସୂଚନା ଅନୁଯାଇ ଗତ ନଭେମ୍ବର ୬ ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରି ଙ୍କ ସମିକ୍ଷା ବୈଠକ ଥିଲା । ହେଲେ ଏହି ବୈଠକରେ ଅନେକ ଡାକ୍ତର ଯୋଗ ଦେଇନଥିଲେ ।

# କ୍ୟୁଏସ୍ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତାରେ ଚମକିଲା ଭାରତ: ଏସିଆ (୨୦୨୫)

ନୂଆଦିଲ୍ଲୀ, ୧୦/୧୧ (ନି.ପ୍ର): କ୍ୟୁଏସ୍ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତା : ଏସିଆ ୨୦୨୫ ସମଗ୍ର ମହାଦେଶରେ ଉଚ୍ଚଶିକ୍ଷାର ଗତିଶୀଳ ଦୃଶ୍ୟକୁ ପ୍ରତିଫଳିତ କରେ, ଯେଉଁଥିରେ ଶିକ୍ଷା ଓ ଗବେଷଣା ଏବଂ ଉଦ୍ଭାବନରେ ଉତ୍କୃଷ୍ଟ ଶୀର୍ଷ ଅନୁଷ୍ଠାନଗୁଡିକ ଉପରେ ଆଲୋକପାତ କରାଯାଇଛି । ଚଳିତ ବର୍ଷର ମାନ୍ୟତା ଏସୀୟ ବିଶ୍ୱବିଦ୍ୟାଳୟମାନଙ୍କ ମଧ୍ୟରେ ବଢୁଥିବା ପ୍ରତିଯୋଗିତା ଉପରେ ଗୁରୁତ୍ୱାରୋପ କରିଥାଏ ଏବଂ ବିଶ୍ୱସ୍ତରୀୟ ଶିକ୍ଷାଗତ ମାନକୁ ଆଗକୁ ବଢ଼ାଇବା ପାଇଁ ଏହି ଅଂଚଳର ପ୍ରତିବଦ୍ଧତାକୁ ଦର୍ଶାଇଥାଏ । ଏହି ସଂସ୍କରଣ ସମଗ୍ର ମହାଦେଶରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଭାରତର ପ୍ରଭାବଶାଳୀ ଉନ୍ନତିକୁ ଆଲୋକପାତ କରିଛି । କ୍ୟୁଏସ୍ ଏସିଆ ରାଙ୍କିଙ୍ଗ୍ ୨୦୨୫ର ଶ୍ରେଷ୍ଠ ୫୦ ମଧ୍ୟରେ ଦୁଇଟି ଏବଂ ଶ୍ରେଷ୍ଠ ୧୦୦ ମଧ୍ୟରେ ୭ଟି ଅନୁଷ୍ଠାନ ରହିଥିବା ବେଳେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଦିଲ୍ଲୀ (ଆଇଆଇଟିଡି) ୪୪ତମ ସ୍ଥାନରେ ରହିଛି । ପେଟ୍ରୋଲିୟମ ଏବଂ ଶକ୍ତି ଅଧ୍ୟୟନ ବିଶ୍ୱବିଦ୍ୟାଳୟ (ୟୁପିଇଏସ୍) ଭାରତୀୟ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ହାସଲ କରିଛି, ବିଶେଷକରି ଅନ୍ତର୍ଜାତୀୟ ଗବେଷଣା ନେଟୱାର୍କ, ପେପର ପିଛା ଉଦାହରଣ ଏବଂ ପେପର୍ସ ପ୍ରତି ଅଧ୍ୟାପକ ୧୧ଟି ମାନ୍ୟତା ମେଟ୍ରିକ୍ସ ମଧ୍ୟରୁ ୯ଟିରେ ଉଲ୍ଲେଖନୀୟ ଉନ୍ନତି ଯୋଗୁଁ ୭୦ ଟି ସ୍ଥାନ ଉପରକୁ ଉଠି ୧୪୮ତମ ସ୍ଥାନରେ ପହଂଚିଛି । ଭାରତର ସବୁଠାରୁ ଶକ୍ତିଶାଳୀ ହାରାହାରି ସୂଚକ ସ୍କୋର ପିଏଚଡି ଥିବା ଅଧ୍ୟାପକ ଏବଂ କର୍ମଚାରୀ ପିଛା ପେପରରେ ରହିଛି । କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ରାଙ୍କିଙ୍ଗର ପ୍ରମୁଖ ସୂଚନା: ଏସିଆ ୨୦୨୫ ପୂର୍ବ, ଦକ୍ଷିଣ, ଦକ୍ଷିଣ-ପୂର୍ବ ଏବଂ ମଧ୍ୟ ଏସିଆର ୨୫ଟି ଦେଶକୁ ଅନ୍ତର୍ଭୁକ୍ତ କରୁଥିବା ୯୮୪ଟି ଅନୁଷ୍ଠାନର ମୂଲ୍ୟାଙ୍କନ ଏହି ମାନ୍ୟତାରେ କରାଯାଇଛି । କ୍ୟୁଏସ୍ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତା : ଏସିଆ ୨୦୨୫ ଶିକ୍ଷାନୁଷ୍ଠାନ ଏବଂ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଅଂଚଳରେ ଅନୁଷ୍ଠାନିକ କାର୍ଯ୍ୟଦକ୍ଷତା ଉପରେ ସିଧାସଳଖ ତୁଳନା କରିବାକୁ ଅନୁମତି ଦେଇଥାଏ, ଯେଉଁଥିରେ ମେଟ୍ରିକ୍ସ ପ୍ରତି ଅଧିକ ଦାନାଦାର ଆଭିମୁଖ୍ୟ ରହିଛି ।

# ଉନ୍ନତ ଫଳ ଚାଷ ଉପରେ ପ୍ରଶିକ୍ଷଣ ଅନୁଷ୍ଠିତ

ଗଞ୍ଜାମ, ୧୦/୧୧ (ନି.ପ୍ର): କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ଛତ୍ରପୁର ଉଦ୍ୟାନ ବିଭାଗ ସହଯୋଗରେ ସ୍ଥାନୀୟ ବ୍ଲକ୍ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଦୁଇଦିନ ଧରି ଉନ୍ନତ ବୈଜ୍ଞାନିକ ପ୍ରଣାଳୀରେ ବିଭିନ୍ନ ଫଳଚାଷ ଉପରେ ଦୁଇ ଦିନିଆ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । କୃଷି ବିଜ୍ଞାନର ମୁଖ୍ୟ ବୈଜ୍ଞାନିକ ଡ. ସୁଜିତ କୁମାର ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ପ୍ରଥମ ଦିନରେ ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ପଣ୍ଡା, ଜିଲ୍ଲା ଉଦ୍ୟାନ ଉପ ନିର୍ଦ୍ଦେଶକ କନ୍ଦ ଜେନା, ଜିଲ୍ଲା ଲିଡ୍ ବ୍ୟାଙ୍କ ପରିଚାଳକ ସୀମାଚଂଳ ସାହୁ , ଜିଲ୍ଲା କ୍ଷୁଦ୍ର ଜଳ ସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗ ଦେଇ କୃଷକଙ୍କର ଆୟ ବଢାଇବା ପାଇଁ ବୈଜ୍ଞାନିକ ଜ୍ଞାନ କୌଶଳର ପ୍ରୟୋଗ ନିହାତି ଜରୁରୀ ବୋଲି ପ୍ରକାଶ କରିଥିଲେ । ବିଭିନ୍ନ ବିଭାଗ ଦ୍ୱାରା ଦିଆ ଯାଇଥିବା ସରକାରୀ ସୁବିଧା ଉପରେ ବିଭିନ୍ନ ଅଧିକାରୀ ଆଲୋକପାତ କରିଥିଲେ । ଡ. ନାଥ ଚିତ୍ର ପ୍ରଦର୍ଶନ ମାଧ୍ୟମରେ ଆମ୍ବ, କଦଳୀ, ଲେମ୍ବୁ , ଆପଲବେର, ଅମୃତଭଣ୍ଡା, ପିଜୁଳି, ଆଦି ଫସଲରେ ବିଭିନ୍ନ ଜ୍ଞାନ କୌଶଳର ପ୍ରୟୋଗ ଉପରେ ତଥ୍ୟ ସବୁ କୃଷକ ମାନଙ୍କ ଆଗରେ ଉପସ୍ଥାପନ କରିଥିଲେ । ଦ୍ୱିତୀୟ ଦିନରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ବରିଷ୍ଠ ବୈଜ୍ଞାନିକ ତଥା କୃଷି ଶିକ୍ଷା ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଡ. ବିପିନ୍ ପ୍ରଧାନ ବିଭିନ୍ନ ଫଳ ଚାଷର ଉତ୍ପାଦକତା ପ୍ରଣାଳୀ ଓ ରୋଗ ପୋକ ନିୟନ୍ତ୍ରଣ ଉପରେ ସବିଶେଷ ଆଲୋଚନା କରିଥିଲେ । କୃଷି ଜିଲ୍ଲା ଅଧିକାରୀ ଛତ୍ରପୁର କୁଳମଣୀ ବାରିକ ଓ ଛତ୍ରପୁର ସହକାରୀ ନାର୍ଦ୍ଦେଶକ ପ୍ରତା ଚନ୍ଦ୍ର ପଣ୍ଡା , ଛତ୍ରପୁର ଅଂଚଳର ପାଣିପାଗ ଓ ଜଳବାୟୁ ଅନୁସାରେ ବିଭିନ୍ନ ଫଳଚାଷ , ତା ମଧ୍ୟରେ ଅନ୍ତଃ ଚାଷ ଓ ସରକାରୀ ସୁବିଧା ଉପରେ ସମ୍ୟକ୍ ଆଲୋଚନା କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ମୃତିକା ବୈଜ୍ଞାନିକ ଡ. ଦେବାଶିଷ ଷଡଙ୍ଗୀ ଫଳଚାଷ ପାଇଁ ମୃତିକାପରିଚାଳନା ଓ ବୈଜ୍ଞାନିକ ସନ୍ଦୀପ ମହାନ୍ତି ରୋଗପୋକ ନିୟନ୍ତ୍ରଣ ଉପରେ ସବିଶେଷ ବର୍ଣ୍ଣନା କରିଥିଲେ । ଅତିଥି ମାନଙ୍କ ଦ୍ୱାରା ଡ୍ରାଗନ୍ ଫଳ ଚାଷୀ ବିପୁଲିଙ୍ଗୀ ଗ୍ରାମର ଅନିମେଷା ଦାଶ ଓ ଉନ୍ନତ ଉଦ୍ୟାନ ଚାଷୀ ସୁନ୍ଦରପୁର ଗ୍ରାମର ଶରତ ମହାଙ୍କୁଡଙ୍କୁ ଶାଲ୍ ଓ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା । ଛତ୍ରପୁର ବ୍ଲକ୍ ଉଦ୍ୟାନ ଅଧିକାରୀ ସନ୍ଦିପ୍ ଛାଟୋଇ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ସମବାୟବିତ୍ ପଦ୍ମଚରଣ ନାୟକଙ୍କ ନବମ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦ୍ରାପଡ଼ା, ୧୦/୧୧ (ନି.ପ୍ର): ବିଶିଷ୍ଟ ସମବାୟବିତ୍ ତଥା ରାଜନେତା ସ୍ୱର୍ଗତ ପଦ୍ମଚରଣ ନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା ଗୁଲନଗର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଶ୍ରଦ୍ଧାଞ୍ଜଳି ସଭାରେ ପଦ୍ମଚରଣ ନାୟକ ସ୍ମୃତି କମିଟିର ସଭାପତି ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ବାମପନ୍ଥି ନେତା ରମଣୀ ରଞ୍ଜନ ରାଉତରାୟ, ଶିକ୍ଷାବିତ୍ ଅଜୟ ସାମଲ, ଅନୁଷ୍ଠାନର ସମ୍ପାଦକ ବରିଷ୍ଠ ଆଇନଜୀବୀ ସରୋଜରାଜ ସିଂ, ପୂର୍ବତନ ଅଧ୍ୟକ୍ଷ ନନ୍ଦକିଶୋର ପରିଡା, ବିଶିଷ୍ଟ ସାହିତ୍ୟିକ ଡଃ ବାସୁଦେବ ଦାସ, ସାମ୍ବାଦିକ ଗଣେଶ ଚନ୍ଦ୍ର ସାମଲ, ରବୀନ୍ଦ୍ରନାଥ ରଥ, ବିଜୟ କୁମାର ସାମଲ, ଭାଗୀରଥୀ ଜେନା, ରାଜେଶ ପଣ୍ଡା, ଗୟାଧର ଧଳ, ଶିକ୍ଷକ ନେତା ତପନ ସିଂ, ପୂର୍ବତନ ଅଧ୍ୟକ୍ଷ ମୋହନ ଜେନା, ସୁଶିଲ କୁମାର ସାମଲ, ଫକୀର ଚରଣ ଖଟୁଆ ପ୍ରମୁଖ ସ୍ୱର୍ଗତ ନାୟକଙ୍କ ପ୍ରତି ସ୍ମୃତିଅର୍ଘ୍ୟ ଅର୍ପଣ କରି କହିଥିଲେ ଯେ ସ୍ୱର୍ଗତ ନାୟକ କେନ୍ଦ୍ରାପଡାରେ ସମବାୟ ଆନ୍ଦୋଳନକୁ ଲୋକପ୍ରିୟ କରିବା ସହିତ ଶିକ୍ଷାନୁଷ୍ଠାନଗୁଡିକ ପ୍ରତିଷ୍ଠା ମାଧ୍ୟମରେ ଆଧୁନିକ କେନ୍ଦ୍ରାପଡାର ଯେଉଁ କେତେଜଣ ଭିତିସ୍ଥାପନ କରିଥିଲେ ସେମାନଙ୍କ ମଧ୍ୟରେ ବିଶିଷ୍ଟ ସମବାୟବିତ୍ ଓ କେନ୍ଦ୍ରାପଡା ବ୍ଲକର ଗୁଲନଗରରେ ଜନ୍ମ ହୋଇଥିବା ରାଜନେତା ସ୍ୱର୍ଗତ ପଦ୍ମଚରଣ ନାୟକ ଥିଲେ ଅଗ୍ରଗଣ୍ୟ । ତାଙ୍କର ବଳିଷ୍ଠ ଓ ନିଷ୍ଠାପର ଉଦ୍ୟମ ଯୋଗୁଁ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ ସମେତ ବଳଦେବଜୀଉ ଶିକ୍ଷା ମହାବିଦ୍ୟାଳୟ, ଆଇନ ମହାବିଦ୍ୟାଳୟ, ଗୁଲନଗର ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ ଆଦି ଗଢି ଉଠିଥିଲା ବୋଲି ସ୍ୱର୍ଗତ ନାୟକଙ୍କ ୯ମ ବାର୍ଷିକ ପୁଣ୍ୟତିଥି ଅବସରରେ ସଭାରେ ଯୋଗଦେଇ ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ପରେଶ ଚନ୍ଦ୍ର ଦାସ, ସୋମନାଥ ସାହୁ, ଦେବାଶୀଷ କୁବେର, ସୁପ୍ରିୟା ମଲ୍ଲିକ, ପୂର୍ବତନ ଅଧାପକ ଗିରିଶ ଚନ୍ଦ୍ର ପାତ୍ର, ଅବଧୂତ ରାଉତ, ସମାଜସେବୀ ଧରଣଧୀର ଜେନା, ସମ୍ବିତ୍ ଶ୍ରୀଚନ୍ଦନ, ରତିକାନ୍ତ ସାମଲ, କେଦାର ସାମନ୍ତରାୟ, ଲୋପାମୁଦ୍ରା ବାରିକ, ମୁକ୍ତାର ଖାଁ, ଜଗତଜୀବନ ଦାସ, ବିଭୂତି ଦାସ, ପ୍ରଫୁଲ୍ଲ ସାହୁ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । କୁଳମଣୀ ନାୟକ, ନୀଳମଣି ନାୟକ, ରତିକାନ୍ତ ନାୟକ, କମଳେଶ ନାୟକ, ନରେଶ ନାୟକ, ଅଭିମନ୍ୟୁ ନାୟକ, ଗଗନ ବିହାରୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସଭା ପ୍ରାରମ୍ଭରେ ସଭ୍ୟ ଉପେନ୍ଦ୍ର କର ଗୀତାପାଠ କରିଥିବାବେଳେ ଭରତ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସ୍ମୃତି କମିଟି ପକ୍ଷରୁ ଗୁଲନଗର ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ଜ୍ୟୋତିର୍ମୟୀ ସାହୁ, ଗୁଲନଗର ବାଳିକା ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ପିଏସ୍ ଅଭିଲିପ୍ସା ଗେରୁ, ଗୁଲନଗର ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ମାନସ ରଞ୍ଜନ ଘଡେଇ, ନେତାଜୀ ମଡେଲ ମାଧ୍ୟମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ବର୍ଷାରାଣୀ ପାଗଳ ଓ ସଞ୍ଜିବନୀ ବିଦ୍ୟାମନ୍ଦିରର ଦଶମ ଶ୍ରେଣୀ ଛାତ୍ରୀ ସାନଭି ସାୟାନ ରାଉତ ପ୍ରମୁଖ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# କେନ୍ଦୁଝରରେ ଫାଟିଲା ସ୍ଲରୀ ପାଇପ : ବ୍ୟାପକ ଧାନ ଫସଲ ନଷ୍ଟ

କେନ୍ଦୁଝର, ୧୦/୧୧ (ନି.ପ୍ର): କେନ୍ଦୁଝରରେ ଏକ ବିଲ ଭିତରେ ସ୍ଲରୀ ପାଇପ ଫାଟି ଯିବା ଫଳରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି । କେନ୍ଦୁଝର ଜିଲାର ବିଭିନ୍ନ ଅଂଚଳରେ ବ୍ୟାପକ ଭାବେ ଘରୋଇ କମ୍ପନୀମାନେ ସ୍ଲରୀ ପାଇପ ବିଛାଉଥିବା ବେଳେ ଝୁମ୍ପୁରା ବ୍ଲକରେ ମଧ୍ୟ ବିଭିନ୍ନ ଗାଁ ଦେଇ ଏକାଧିକ ଘରୋଇ କମ୍ପାନୀ ମାନେ ସ୍ଲରୀ ପାଇପ ବିଛାଇ ତା ମାଧ୍ୟମରେ ଖଣିଜ ପଦାର୍ଥ ପରିବହନ କରୁଛନ୍ତି । ଶନିବାର ସକାଳୁ ଝୁମ୍ପୁରା ବ୍ଲକ କୁଟପାଲିର ଗାଁ ର ଚାଷ ବିଲ ଭିତର ଦେଇ ଯାଇଥିବା ଏକ ସ୍ଲରୀ ପାଇପ ଫାଟିଯିବା ଫଳରେ ସେଥିରୁ ନିର୍ଗତ ଲୁହା ଗୁଣ୍ଡ ସବୁ ଅନେକ ଦୂର ପର୍ଯ୍ୟନ୍ତ ଧାନ ବିଲରେ ଯାଇ ପଡିଥିଲା । ଫଳରେ ଏକର ଏକର ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି । ଏହାର ତୁରନ୍ତ ପ୍ରତିକାର ପଦକ୍ଷେପ ନେବାକୁ ଚାଷୀ ମାନଙ୍କ ପକ୍ଷରୁ ସରକାରଙ୍କ ଠାରେ ଦୃଢ ଦାବୀ କରାଯାଇଛି ।

# ଅବକାରୀ ବିଭାଗର ମିଳିତ ଚଢାଉ: ୪ ଗିରଫ

ଜୟପୁର, ୧୦/୧୧ (ନି.ପ୍ର): ଜୟପୁର ଅବକାରୀ ବିଭାଗ ତରଫରୁ ମିଳିତ ଚଢାଉ କରାଯାଇଛି । ଜୟପୁର ଅବକାରି ନିରିକ୍ଷକ, ଅବକାରି ଥାନା ଓ ସେଟେଲାଇଟ ୟୁନିଟ ତରଫରୁ ମିଳିତ ଚଢାଉ କରାଯାଇଛି । ସୂଚନା ଅନୁଯାଇ ବାଲିଆ ରାସ୍ତାରେ ଚଢାଉ କରି ମନୋଜ ପରଜା, ତ୍ରିନାଥ ପରଜା, ବାଙ୍କବିଜା ରାସ୍ତାରେ ଚଢାଉ କରି ଲବ ପରଜାକୁ ଗିରଫ କରିଛି । ପାରାବେଡା ଅରବିନ୍ଦ ନଗରେର ଚଢାଉ କରି ସୁନାଡି ମାଳି କୁ ଗିରଫ କରିଛି । ଦେଶି ମଦ ଚାଲାଣ କରୁଥିବା ବେଳେ ଚଢାଉ କରି ୫୪ ଲିଟର ଦେଶି ମଦ ଜବତ କରିଛି । ୪ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେହିପରି ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୁଚନା ପାଇ ମିଳିତ ଚଢାଉ କରାଯାଇଛି । ଚଢାଉ ସୂଚନା ପାଇ ମଦ ମାଦ ମାଫିଆ ମାନେ ଚମ୍ପଟ ମାରିଥିବା ବଳେ ବହୁ ମଦ ଭାଟି ବାଙ୍ଗିଛି । ଘଟଣା ସ୍ଥଳରୁ ୯ ଶହ ଲିଟର ପୋଚ ଓ ୧୨୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରାଯାଇଛି ।

# ଆଇନ ସଚେତନତା ଶିବିର

ଜୟପୁର, ୧୦/୧୧ (ନି.ପ୍ର): ଜାତୀୟ ଆଇନ ସେବା ଦିବସ, ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ ତଥା ଅଧ୍ୟକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ କୋରାପୁଟ-ଜୟପୁର ପ୍ରଦୀପ କୁମାର ମହନ୍ତ ତ୍ୱତାବଧାନରେ ଜାତୀୟ ଆଇନ ସେବା ଦିବ ଅବସରରେ ବାରିଣୀପୁଟ ଗ୍ରାମ ସ୍ଥିତ ସରକାରୀ ଏସ.ଏସ.ଡି ସେକେଣ୍ଡାରୀ ହାଇ ସ୍କୁଲ ଠାରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ମୁଖ୍ୟ ଅତୀଥୀ ଭାବେ ଯୋଗ ଦେଇଥିଲେ ଆଇନ ସେବା ପ୍ରାଧିକରଣ ସଚିବ ତଥା ସ୍ଥାୟୀ ଲୋକ ଅଦାଲତ ବିଚାରପତି ଶ୍ରୀ ସୁମନ ଜେନା, ଅନ୍ୟ ଅତୀଥି ମାନଙ୍କ ମଧ୍ୟରେ ସ୍ପେସିଆଲ୍ ପୋକ୍ସ କୋର୍ଟ, ଜୟପୁର, ଡଃ. ଜି.ଗାୟତ୍ରୀ ଦେବୀ, ସିଫ୍ ଡେପୁଟି ଲିଗାଲ ଏଡ ଡିଫେନ୍ସ କାଉସେଲର, ଜୟପୁର, ହିରିଶ ଚନ୍ଦ୍ର ମୁଦୁଲି, ଶ୍ରୀ କେ ଦିବାକର ରାଓ ପାନେଲ ଆଇନଜୀବି ଗିରଧର ଖରା, ପି.ସନ୍ୟାସ ରାଓ, ଦିବାକର ଗୌଡ, ଶ୍ରୀ ବିନୟ ବିଶ୍ୱସ, ସମ୍ମୁଖ କାର୍ଯ୍ୟଳୟର, ରିଟେନର ସୁରେସ ହୁଡୁପୁ, ତା ସହିତ ପାରା ଲିଗାଲ ସ୍ୱେଚ୍ଛାସେବୀ ଏବଂ ସରକାର ଏସ୍.ଏସ୍.ଡି ସେକାଣ୍ଡାରୀ ହାଇ ସ୍କୁଲ ବାମୁଣିପୁଟ, ସହକାରୀ ପ୍ରଧାନ ଶିକ୍ଷୟାତ୍ରୀ, ଶ୍ରୀମତି ସଂଗିତା ପାତ୍ର, ଏବଂ ଗୌର ଚନ୍ଦ୍ର ପ୍ରହରାଜ ଗୁରୁ, ପଦ୍ମାଳୟା ହୋତା, ଅନୁଶୟା ପ୍ରାଧାନ, ରଞ୍ଜନ କୁମାର ପଣ୍ଡା, ଜୟପୁର ସଦର ଥାନା ପୋଲିସ କର୍ମଚାରୀ ଉପସ୍ଥିତ ରହି ଉପସ୍ଥିତ ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ ମାନଙ୍କୁ ଆଇନ ସେବା ଦିବସ ପାଳନରେ ତାତ୍ପର୍ଯ୍ୟ ଆଲୋକପାତ କରିବା ସହିତ ଭାରତୀୟ ସମ୍ବିଧାନରେ ପ୍ରଦତ ବିଭିନ୍ନ ମୌଳିକ କର୍ତବ୍ୟ ଓ ଅଧିକାର, ସ୍ୱାଧିନତା ଓ ସୁରକ୍ଷା ଅଧିକାର, ଆଇନଗତ ସମସ୍ୟା, ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଇନ ସେବା ପ୍ରାଧିକରଣ ସଚିବ ଶ୍ରୀ ଜେନା, ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ କାର୍ଯ୍ୟାବଳି ଯେପରି ମାନଣା ଆଇନସେବା, ମଧ୍ୟସ୍ଥିତା ଓ ଆପୋଷ ମିଳାମିଶା, ମାଧ୍ୟମରେ ମାମଲାର ସମାଧାନ, ପାକ-ମକଦ୍ଦମା ସଂପର୍କରେ ଆଲୋକପାତ କରିଥିଲେ । ଏହା ସହିତ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବାଧତାମୂଳକ ଶିକ୍ଷାଅଧିକାର ଅଧିନିୟମ ଓ ଜାତୀୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରଦତ ୧୦ ଟି ନୁଆ ଯୋଜନା ସାମ୍ବଧାନିକ କର୍ତବ୍ୟ ଓ ଅଧିକାର ସମ୍ପର୍କରେ ଏବଂ ସରକାରଙ୍କ ବିଭିନ୍ନ ଜନ ମଙ୍ଗଳକାରୀ ଯୋଜନା କିପରି ଲୋକଙ୍କ ପାଖକୁ ପହଂଚିବ ତାହା ଉପରେ ବର୍ଣ୍ଣନା କରିଥିଲେ । ତା ସହିତ ଆଇନ ସାକ୍ଷରତା କ୍ଲବ୍ ମାଧ୍ୟମରେ କିପରି ନିଜ ନିଜ ଅଂଚଳରେ ହେଉଥିବା ବିବାଦର ସମାଧାନ ଓ ଗରିବ ଆଭାବ ଲୋକଙ୍କୁ କିପରି ଆଇନ ସେବା ସଂସ୍ଥା ସହଯୋଗରେ ସାହାଯ୍ୟ ଯୋଗାଇଦେବାରେ ସହାୟକ ହୋଇପାରିବେ ତାହା ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଶିବିର ର ପରିସମାପ୍ତ ପରେ ଛାତ୍ରଛାତ୍ରୀ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀୟ ପାରାଲିଗାଲ ସ୍ୱେଚ୍ଛାସେବୀ, ପାନେଲ ଆଇନଜୀବି ଙ୍କୁ ନେଇ ଏକ ବିଶାଳ ରାଲି ବିଭିନ୍ନ ସ୍ଲୋଗାନ ଓ ବାର୍ତା ଦେଇ ହାଇ ସ୍କୁଲରୁ ବାହାରି ବାମୁଣିପୁଟ ଗାଁ ପରିକ୍ରମା କରିବା ପରେ ଆଇନ ସେବା ସଂସ୍ଥାର କାର୍ଯ୍ୟକଳାପ ଓ ସଫଳତା ତଥା ଆଇନ ସେବା ସଂସ୍ଥାର ବିଭିନ୍ନ କାର୍ଯ୍ୟକ୍ରମ ଯଥା ଲୋକ ଅଦଲତ, ମଧ୍ୟସ୍ଥତା କେନ୍ଦ୍ର, ପ୍ରାକ-ମକଦ୍ଦମା, ଆଇନ ସାକ୍ଷରତା, ଜାତୀୟ ଆଇନ ସେବାଦ୍ୱାରା ପ୍ରଦତ ବିଭିନ୍ନ ଯୋଜନା ବିଭନ୍ନ ସ୍ତରରେ ରହିଥିବା ବଚାର ବିଭାଗ ଓ ଏହାର କାର୍ଯ୍ୟକାରୀତା, ପୀଡିତା, କ୍ଷତୀପୁରଣ, ସମ୍ମୁଖ କାର୍ଯ୍ୟାଳୟ, ପାରାଲିଗାଲ ସ୍ୱେଚ୍ଛାସେବୀ, ପେନାଲ ଆଇନଜୀବି, କାରାଗାର, ଆବାସିକ ବିଦ୍ୟାଳୟ, ବରିଷ୍ଠ ନାଗରିକ, ଶିଶୁ ଯତ୍ନ ଅନୁଷ୍ଠାନ, ଭଳି ବିଭିନ୍ନ କାର୍ଯ୍ୟକ୍ରମ ସମନ୍ଧୀୟ ଏକ ପ୍ରଦର୍ଶନୀ ଷ୍ଟଲ ସ୍ଥାପନ କରାଯାଇ ଲୋକମାନଙ୍କୁ ସଚେତନତା କରାଯାଇଥିଲା ।

# ପରିବହନକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ: ଥାନାରେ ମାମଲା

ଯୋଡ଼ା, ୧୦/୧୧ (ନି.ପ୍ର): ଯୋଡ଼ା ଖଣି କ୍ଷେତ୍ର ଅନ୍ତର୍ଗତ ଜୁରୁଡି ସ୍ଥିତ ଓଏମ ସି ଖଣିରେ ପରିବହନକୁ କେନ୍ଦ୍ରକରି ଦୁଇଗୋଷ୍ଠୀମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟି ଯାଇଛି । ସ୍ଥାନୀୟ ଲୋକେ ଖଣିରେ ପରିବହନ କରିବାକୁ ଦାବି କରି ଆସୁଥିବା ବେଳେ ଜଣେ ବାହାରର ଠିକାଦାର ଏବେ ପାରିବହନ କାର୍ଯ୍ୟ ହାତେଇ କାର୍ଯ୍ୟ ଆରମ୍ଭ କରିଛି, ଯାହାକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି । ଠିକାଦାର ଗୋଷ୍ଠୀ ର ଗୁଣ୍ଡାମାନେ ସ୍ଥାନୀୟ ଖଣି କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କୁ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି । ଏଥିପାଇଁ ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ରହିଛି । ଘଟଣା ସ୍ଥଳରେ ପୋଲିସ ପହଂଚି ପରିସ୍ଥିତି କୁ ନିୟନ୍ତ୍ରଣ ପାଇଁ ଉଦ୍ୟମ କରିଥିଲେ ହେଁ ପରିବହନ ଠିକା ସଂସ୍ଥା ର ଏପରି ଗୁଣ୍ଡା ଗିରି କାର୍ଯ୍ୟ କୁ ବିରୋଧ କରି ଶତାଧିକ ଖଣି କ୍ଷତିଗ୍ରସ୍ତ ଗ୍ରାମବାସୀ ମାନେ ଏକତ୍ରିତ ହୋଇଛନ୍ତି ।ଖଣି ର ପରିବହନ କାର୍ଯ୍ୟ ବନ୍ଦ ରହିଛି ।ଘଟଣାରୁ ପ୍ରକାଶ ଯେ,ଶୁକ୍ରବାର ଦିନ ପ୍ରାୟ ୧୨ ଘଟିକା ସମୟରେ ଖୋର୍ଦ୍ଧା ଜିଲ୍ଲା ର ୱିନ ମିନ୍ତା ନାମକ ପରିବହନ ସଂସ୍ଥା ର ପରିବହନ କାର୍ଯ୍ୟ ଆରମ୍ଭ ହୋଇଥିଲା ।ସ୍ଥାନୀୟ ଖଣି କ୍ଷତିଗ୍ରସ୍ତ ଗ୍ରାମବାସୀ ମାନେ ପୂର୍ବରୁ ଏହି ପରିବହନ କାର୍ଯ୍ୟ ପାଇଁ ଦାବି କରି ଆସୁଥିଲେ ।ମାତ୍ର ଓ ଏମ ସି କତୃପକ୍ଷ ଅଣଦେଖା କରି ଖଣି କ୍ଷତିଗ୍ରସ୍ତ ଗ୍ରାମବାସୀ ଙ୍କୁ ପରିବହନ କାର୍ଯ୍ୟ ନ ଦେଇ ଜିଲ୍ଲା ବାହାର ତଥା ଖୋର୍ଦ୍ଧା ଜିଲ୍ଲା ର ଉକ୍ତ ପରିବହନ ସଂସ୍ଥା କୁ ପରିବହନ କାର୍ଯ୍ୟାଦେଶ ଦେଇଛି ।ଏହା ଜାଣିବା ପରେ ସ୍ଥାନୀୟ ଖଣି ସଂଲଗ୍ନ କ୍ଷତିଗ୍ରସ୍ତ ଯୁରୁଡି ଗ୍ରାମବାସୀ ମାନେ ଏହାକୁ ବିରୋଧ କରିଥିଲେ ।ବିରୋଧ କରିବାରୁ ପରିବହନ ସଂସ୍ଥା ର କିଛି ଲୋକ ପେଣ୍ଠେଇ ବସ୍ତି ର ଚୈତନ୍ୟ ପେଣ୍ଠେଇ ଙ୍କୁ ମାଡ ମାରିଥିବା ଥାନାରେ ଅଭିଯୋଗ ହୋଇଛି ।ଏହି ଘଟଣା ପରେ ଜୁରୁଡି ଅଂଚଳରେ ପ୍ରବଳ ଉତ୍ତେଜନା ଦେଖା ଦେଇଛି ।ଏହି ବାହାର ଅଂଚଳ ର ପରିବହନ ସଂସ୍ଥା ର କାର୍ଯ୍ୟାଦେଶ କୁ ବାତିଲ କରିବା ପାଇଁ ଓ ଏମ ସି କତୃପକ୍ଷ ଙ୍କୁ ଗ୍ରାମବାସୀ ମାନେ କଡ଼ା ଚେତାବନୀ ଦେଇଛନ୍ତି । ସନ୍ଧ୍ୟା ପ୍ରାୟ ୭ ଘଟିକା ସମୟରେ ଖଣି ମଧ୍ୟ କୁ ପରିବହନ ପାଇଁ ଟ୍ରକ୍ ପ୍ରବେଶ କରିବା ସମୟରେ ପରିବହନ କୁ ବିରୋଧ ଓ ସମର୍ଥନ ଦେଇଥିବା ଲୋକଙ୍କ ମଧ୍ୟରେ ମାଡ ପିଟ ଆରମ୍ଭ ହୋଇ ଥିଲା । ପୋଲିସ ପହଂଚି ପରିସ୍ଥିତି କୁ ନିୟନ୍ତ୍ରଣ କରିବା ସହିତ ଉଭୟ ପକ୍ଷ୍ୟ ର ଲୋକଙ୍କ ସହିତ ବୁଝାସୁଝା କରି ସମାଧାନ କରିବାକୁ ଚେଷ୍ଟା କରିଥିଲେ ହେଁ କୌଣସି ସମାଧାନ ହୋଇ ପାରି ନ ଥିଲା ।ଖବର ଲେଖା ହେବା ପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିଛି ।

# ବିଦ୍ୟାଳୟ ସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଏବଂ ପୋଷଣ ମେଳା

ସମ୍ବଲପୁର, ୧୦/୧୧ (ନି.ପ୍ର): ସ୍ଥାନୀୟ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଏବଂ ପୋଷଣ ମେଳା ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀମତୀ ସୁମିତା ପତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଛି । ଅବସରପ୍ରାପ୍ତ ଶିକ୍ଷକ ଉଦିତ ଚନ୍ଦ୍ର ପାଟଯୋଶୀ, ଫକୀର ମୋହନ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମୀନାକ୍ଷୀ ରାଣୀ ପୂଜାରୀ,ସୌଭାଗିନୀ ମିଶ୍ର ଏବଂ ସମ୍ମାନୀତ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ହରି ନାରାୟଣ ପଣ୍ଡା ପ୍ରମୁଖ ମଂଚାସୀନ ଥିଲେ । ବିଜ୍ଞାନ ପ୍ରଦର୍ଶନୀକୁ ବୀର ସୁରେନ୍ଦ୍ର ସାଏ ଆୟୁର୍ଜ୍ଞାନ ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ରର ଏସୋସିଏଟ୍ ପ୍ରଫେସର ପ୍ରଜୀତ ଶାଶ୍ୱତ ହୋତା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀ ଉଦଘାଟନ କରିଥିଲେ । ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅପରାହ୍ନ ଅଧିବେଶନରେ ସ୍ୱର୍ଣ୍ଣଲତା ପଣ୍ଡା ଦୈନନ୍ଦିନ ଜୀବନରେ ସନ୍ତୁଳିତ ତଥା ପୌଷ୍ଟିକ ଖାଦ୍ୟର ଆବଶ୍ୟକତା ଉପରେ ଓ ଦନ୍ତରୋଗ ବିଶେଷଜ୍ଞ ଆକାଂକ୍ଷା ଶର୍ମା ଦନ୍ତରୋଗର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଡ. ସନ୍ତୋଷ କୁମାର ଦାଶ ଏବଂ ମୁଖ୍ୟବକ୍ତା ଭାବରେ ଅଇଁଠାପାଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ କୁମାର ସାହୁ ଯୋଗଦାନ କରିଥିଲେ । ଡ. ଦାଶ ଛାତ୍ରଛାତ୍ରୀଙ୍କୁ ବୈଜ୍ଞାନିକ ଚିନ୍ତାଧାରା ସହିତ ସଦାସର୍ବଦା କାର୍ଯ୍ୟ କରିବାକୁ ଆହ୍ୱାନ ଦେଇ ସ୍ୱାସ୍ଥ୍ୟହାନୀ ହିଁ ମଣିଷ ଜୀବନରେ ସର୍ବାଧିକ କ୍ଷତି ବୋଲି କହିଥିଲେ । ପରେ କୃତୀ ବାଳ ବୈଜ୍ଞାନିକମାନଙ୍କୁ ପୁରସ୍କୃତ କରାଯାଇଥିଲା ।ସଭାକାର ?ୟ୍ୟକୁ ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକ ପରିଚାଳନା କରିଥିଲେ ।

# କୋରାପୁଟ ଜିଲ୍ଲାରେ ପେଟ୍ରୋଲ ଏବଂ ଡିଜେଲ ଦର କମିଛି

ଜୟପୁର, ୧୦/୧୧ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲ୍ଲା ଏବଂ କଳାହାଣ୍ଡି ରେ ପେଟ୍ରୋଲ ଏବଂ ଡିଜେଲ ଦର ପ୍ରାୟ ୩ଟଙ୍କା କମ ହୋଇଛି । ଏହିପରି ପୂର୍ବରୁ ଜୟପୁର ସହରରେ ପେଟ୍ରୋଲ ଦର ଲିଟର ପିଛା ୧୦୫ ଟଙ୍କା ୬୦ ପଇସା ବର୍ତମାନ ପ୍ରାୟ ୩ଟଙ୍କା କମି ଏହା ୧୦୨ ଟଙ୍କା ୬୨ ପଇସା ହୋଇଛି । ସେହିପରି ଡିଜେଲ ଦର ଲିଟର ପିଛା ୯୭ଟଙ୍କା ୦୩ ପଇସା ରହିଥିବା ବେଳେ ବର୍ତମାନ ଏହା ୯୪ ଟଙ୍କା ୧୪ ପଇସା ହୋଇଛି । ଏହିପରି ରାଜ୍ୟର ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ଉପକୂଳର୍ତୀ ଅଂଚଳର ଅପେକ୍ଷା ଉପାନ୍ତ ଅଂଚଳରେ ପେଟ୍ରୋଲ ଓ ଡିଜେଲ ଦର ପ୍ରାୟ ୪ଟଙ୍କାରୁ ୫ଟଙ୍କା ପର୍ଯ୍ୟନ୍ତ ଅଧିକ ରହୁଥିଲା । ପେଟ୍ରୋ କେମିକାଲ କମ୍ପାନୀ ମାନଙ୍କୁ ପକ୍ଷରୁ ପରିବହନ ନାମରେ ଏହି ଟଙ୍କା ଆଦାୟ କରାଯାଉଥିଲା । କିନ୍ତୁ ବର୍ତମାନ ରାଜ୍ୟର ଉପାନ୍ତ ଏବଂ ଅନ୍ୟ ରାଜ୍ୟ ସୀମାନ୍ତକୁ ଲାଗି ରହିଥିବା ଜିଲ୍ଲା ଗୁଡିକରେ ପେଟ୍ରୋଲ ଓ ଡିଜେଲି ଦର ପ୍ରାୟ ୩ ଟଙ୍କା କମ ହୋଇଛି । ଏହିପରି କୋରାପୁଟ ,ନବରଙ୍ଗପୁର, ରାୟଗଡା ଏବଂ ମାଲାକାନଗିରି ଜିଲ୍ଲାକୁ ପାରଦ୍ୱୀପ ଓ ଜଟଣୀ ଡିପୋ ପେଟ୍ରୋଲ ଏବଂ ଡିଜେଲ ଆସୁଥିବା ବେଳେ ବିଲ ପ୍ରସ୍ତୁତ ଝାରସଗୁଡାରୁ ହେଉଥିଲା । କିନ୍ତୁ ବର୍ତମାନ ଏହା ବିଶାଖପାଟଣାରୁ କାର୍ଯ୍ୟକାରୀ କରିବା ନେଇ କମ୍ପାନୀଗୁଡିକ ନିଷ୍ପତି କରିଛନ୍ତି । ଫଳରେ ଦକ୍ଷିଣ ଓଡିଶାର ଅବିଭକ୍ତ କୋରାପୁଟ ଜିଲ୍ଲାରେ ପେଟ୍ରୋଲ ଏବଂ ଡିଜେଲ ଦର କମିଯାଇଛି । ଏହିପରି ଉପାନ୍ତ ଏବଂ ଆଦିବାସୀ ଜିଲ୍ଲାରେ ଦର କମ ହୋଇଥିବା ଯୋଗୁଁ ସ୍ଥାନୀୟ ଅଂଚଳର କମ୍ପାନୀ ଗୁଡିର ଏହିପରି ନିଷ୍ପତି ସ୍ୱାଗତ କରିଛନ୍ତି ।

# ଖୋର୍ଦ୍ଧାରେ ଗୋପାଷ୍ଟମୀ ପୂଜନ ଅନୁଷ୍ଠିତ

ଖୋର୍ଦ୍ଧା, ୧୦/୧୧ (ନି.ପ୍ର): ଖୋର୍ଦ୍ଧା, ବିଶ୍ୱ ହିନ୍ଦୁ ପରିଷଦ(ବିଏଚପି), ବଜରଙ୍ଗ ଦଳ ଖୋର୍ଦ୍ଧା ପ୍ରଖଣ୍ଡ ଆନୁକୂଲ୍ୟରେ ଶ୍ରୀରାମକୃଷ୍ଣ ଗୋ ତୀର୍ଥର ଦ୍ୱିତୀୟ ଗୋଶାଳା ସ୍ଥାନୀୟ ମୃର୍ତିକା ସଂରକ୍ଷଣ କାର୍ଯ୍ୟାଳୟ ନିକଟରେ ପବିତ୍ର ଗୋପାଷ୍ଟମୀ ରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ହୋମଯଜ୍ଞ ପରେ ସମୂହ ଗୋପୂଜନ ଏବଂ ଗୋ ଆଳତୀ କାର୍ଯ୍ୟକ୍ରମ କରାଯାଇଥିଲା ଓ ଏକାଧିକ ଦମ୍ପତି ଗୋମାତାଙ୍କୁ ପୂଜନ ଓ ଆଳତୀ କରିଥଲେ ଓ ବିଶ୍ୱହିନ୍ଦୁ ପରିଷଦ ବିଭାଗ ସମ୍ପାଦକ ପିଙ୍କୁ ବିଦ୍ୟାଧର, ଜିଲା ସଭାପତି ସତ୍ୟନାରାୟଣ ପାଣିଗ୍ରାହୀ, ଉପସଭାପତି ନରେନ୍ଦ୍ର ସାହୁ, ସହ ଜିଲା ସମ୍ପାଦକ ସନ୍ତୋଷ ଶ୍ରୀଚନ୍ଦନବଜରଙ୍ଗ ଦଳ ବିଭାଗ ସଂଯୋଜକ ନୂତନଜିତ ଚମ୍ପତି, ଜିଲା ସଂଯୋଜକ ଉଦିତ ପ୍ରହରାଜ, ସହ ଜିଲା ସଂଯୋଜକ ଦିବ୍ୟ ପ୍ରକାଶ, ପ୍ରଖଣ୍ଡ ସଂଯୋଜକ ସତ୍ୟଜିତ ବେହେରା, ବିଏଚପି ପ୍ରଖଣ୍ଡ ସମ୍ପାଦକ ଗୋପବନ୍ଧୁ ସାହୁ, ସହ ସଂଯୋଜକ ଅଜୟ ମାଝିଙ୍କ ସମେତ ଗୋଶାଳାର ସମସ୍ତ କମକର୍ତା ଏବଂ ବିଏଚପି ଓ ବଜରଙ୍ଗ ଦଳ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ । ଏହି ଅବସରରେ ବିଏଚପି ବିଭାଗ ସମ୍ପାଦକ ପିଙ୍କୁ ବିଦ୍ୟାଧର କହିଲେ ଯେ, ଭାରତୀୟ ସଂସ୍କୃତି, ପରମ୍ପରାର ପ୍ରତୀକ ହେଉଛି ଗୋବଂଶ । ଦେଶର ଆର୍ଥୀକ ମେରୁଦଣ୍ଡ ତଥା ଗ୍ରାମୀଣ ସଂସ୍କୃତି, ଆର୍ଥୀକ ସାବଲମ୍ବନର ଆଧାର ହେଉଛି ଭାରତୀୟ ଗୋବଂଶ । ଏହାର ସୁରକ୍ଷା, ସମ୍ବଦ୍ଧନ, ବିକାଶ ଜରୁରୀ । ହିନ୍ଦୁ ସଂସ୍କୃତିର ମୂଳ ଆଧାର କେନ୍ଦ୍ର ହେଉଛି ଗୋବଂଶ । ଦେଶରେ ଗୋହତ୍ୟା ବନ୍ଦ ହେଉ । ଏଥ ସହିତ ଗୋବଂଶଙ୍କ ପାଇଁ ଗୋଚର ଜମି ମୁକ୍ତ ହେବା ଜରୁରୀ ଓ ଗୋବର, ଗୋମୁତ୍ରକୁ ବ୍ୟବହାର କରି ପଂଚଗବ୍ୟ ଔଷଧ ଏବଂ ଜୈବିକ କୃଷି କରାଯାଇପାରିବ । ପ୍ରତ୍ୟେକ ବ୍ୟକ୍ତି ପରିବାରରେ ଗୋଟିଏ ଗାଈ ପାଳିବାକୁ ସେ ଅନୁରୋଧ କରିଥିଲେ ।

# ପୂଜା ମଣ୍ଡପ ବୁଲିଲେ ବାସୁଦେବପୁର ବିଧାୟକ



ବାସୁଦେବପୁର, ୧୦/୧୧ (ନି.ପ୍ର): ବାସୁଦେବପୁର ବିଧାୟକ ମାନ୍ୟବର ଅଶୋକ କୁମାର ଦାସ ବାସୁଦେବପୁର ର ଐତିହାସିକ କାଳୀପୂଜା ବୁଲି ଛନ୍ତି ଓ ସମସ୍ତ ଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଅଟଳ ବିହାରୀ ହାଇସ୍କୁଲ ଛକ କାଳୀପୂଜା କମିଟି, ଆମ କାଳୀପୂଜା କମିଟି ସର୍ବ ପୁରାତନ ବୁଢ଼ୀ କାଳୀ ପୂଜା କମିଟି, ବ୍ଲକ୍ ରୋଡ କାଳୀପୂଜା କମିଟି, ବସ୍ ଷ୍ଟାଣ୍ଡ ର ମାଆ ଦକ୍ଷିଣେଶ୍ୱର କାଳୀପୂଜା କମିଟି ପ୍ରଭୃତି କମିଟି ବୁଲି ଥିଲେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ନୂତନ ବିଧାୟକ ଅଶୋକ ଦାସ। ବିଧାୟକ ଶ୍ରୀ ଦାସ ଙ୍କ ସହିତ ବ୍ଲକ୍ କଂଗ୍ରେସ କମିଟି ସଭାପତି ରମେଶ ଚନ୍ଦ୍ର ବଳ, ନଗର କଂଗ୍ରେସ କମିଟି ର ଭକ୍ତ ରଞ୍ଜନ ପଟ୍ଟନାୟକ, ବିଜୟ ମହାନ୍ତି, ସୁବାସ ଚନ୍ଦ୍ର ସନ୍ଧି ବିଗ୍ରହ, ପ୍ରଭାତ ବାରିକ, ଯୁବ ନେତା ସୁଶାନ୍ତ ମହାକୁଡ଼, ସିଦ୍ଧାନ୍ତ ଦାସ, ଅକ୍ଷୟ ବାରିକ, ରମେଶ ଚନ୍ଦ୍ର ଚଣ୍ଡ ଓ ଅନେକ ଯୁବ ନେତା ଓ କର୍ମୀ ଯୋଗ ଦେଇଥିଲେ । ପୁରାତନ କାଳୀପୂଜା କମିଟି ପକ୍ଷରୁ ମାଧବ ଚନ୍ଦ୍ର ପୁହାଣ, ଚନ୍ଦ୍ରକାନ୍ତ ଦାସ ଓ ସଦସ୍ୟ ବନ୍ଧୁ ବିଧାୟକ ଶ୍ରୀ ଦାସ ଙ୍କୁ ଫୁଲ ତୋଡା ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିବା ସହିତ ଅଭିନନ୍ଦନ ଜଣାଇଥିଲେ । ଏହି ଐତିହାସିକ କାଳୀପୂଜା ରେ ଜନ ସାଧାରଣ ସୁଖ ଶାନ୍ତି ଓ ଆନନ୍ଦ ଲାଭ କରନ୍ତୁ ବୋଲି ବିଧାୟକ ଶ୍ରୀ ଦାସ ପ୍ରକାଶ କରିଥିଲେ ।

# ମହିଳା ମାନଙ୍କୁ ଧନ୍ଦାମୂଳକ ତାଲିମ ପ୍ରଦାନ: ଶଶକ୍ତ କରିବା ମୂଳ ଲକ୍ଷ୍ୟ




ଲଙ୍ଗଳେଶ୍ୱର, ୧୦/୧୧ (ନି.ପ୍ର): ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ନୟାବାଲି ଠାରେ ଯୁବ ବିକାଶ ଫାଉଣ୍ଡେସନ ଏବଂ ଏସ,ଏମ,ଏଫ୍, ଏଚ୍ ଗ୍ରାମ୍ୟ ଶକ୍ତି ମିଳିତ ସହଯୋଗ ରେ ଏମ୍ବ୍ରୋଡେରି ତାଲିମ୍ ପ୍ରଥମ ପର୍ଯ୍ୟାୟ ରେ ୫୦ ଜଣ ମହିଳା ଙ୍କୁ ଦିଆଯାଇଛି । ୨୧ ଦିନିଆ ପ୍ରଶିକ୍ଷଣ ରେ ଶନିବାର ପ୍ରତ୍ୟେକ ମହିଳା ଙ୍କୁ ନିଜର କୌଶଳ ପ୍ରଦଶନ ପାଇଁ ଗୋଟିଏ ଲେଖାଁଏ ସାଲ ପ୍ରଦାନ କରାଯାଇଛି । ଏହି ପ୍ରଶିକ୍ଷଣ ଆଗକୁ ୬ ମାସ ରେ ପ୍ରଥମ ପର୍ଯ୍ୟାୟ ରେ ୫୦ ଜଣ ଏବଂ ଦିତୀୟ ପର୍ଯ୍ୟାୟରେ ଆଉ ୫୦ ଜଣକୁ ଦିଆଯିବ ବୋଲି ସଂସ୍ଥା ର ନିର୍ଦ୍ଦେଶକ ନିହାର ରଂଜନ ଓଝା ସହକାରୀ ନିର୍ଦ୍ଦେଶକ ଅସିତ୍ କୁମାର ଦଳାଇ ସୂଚନା ଦେଇଛନ୍ତି । ବାଲିଆପାଳ ବ୍ଲକ ସଂଯୋଜକ ପରେଶ କୁମାର କର, ଭୋଗରାଇ ବ୍ଲକ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ଜେନା ଏହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ସଂସ୍ଥା ପକ୍ଷରୁ ଆଗାମୀ ଦିନରେ ମେସିନ ସାହାଯ୍ୟ ରେ ଏମ୍ବ୍ରୋଡେରି ଓ ତନ୍ତ ର ପ୍ରଶିକ୍ଷଣ ଦିଆଯିବ ବୋଲି ସୂଚନା ଦିଆଯାଇଛି ।

# ଦୀନକୃଷ୍ଣ ଉଚ୍ଚ ବିଦ୍ୟାଳୟ ଖୁଆଡର ସୁବର୍ଣ୍ଣ ଜୟନ୍ତୀର ୧୨ ତମ ସ୍ମାରକୀ ଉତ୍ସବ ପାଳିତ



ଜଳେଶ୍ୱର, ୧୦/୧୧ (ନି.ପ୍ର): ଜଳେଶ୍ୱର ବ୍ଲକ୍ ଖୁଆଡ ଦୀନକୃଷ୍ଣ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ସକାଳ ୧୦ ଘଟିକା ସମୟ ରେ ସୁବର୍ଣ୍ଣ ଜୟନ୍ତୀ ର ୧୨ ତମ ସ୍ମାରକୀ ଉତ୍ସବ ପାଳିତ । ପ୍ରଥମେ ଅତିଥି ଏବଂ ମୁଖ୍ୟ ବ୍ୟକ୍ତା ଆସି ସ୍କୁଲ ର ପ୍ରତିଷ୍ଠାତା ଫକିର ମୋହନ ପାତ୍ର ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପ ମାଲ୍ୟ ଦେଇ ଅତିଥି ମାନଙ୍କୁ ଛାତ୍ର ଛାତ୍ରୀ ମାନେ ଅତିଥି ଙ୍କୁ ପାଛଟି ନେଇଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଫକୀର ମୋହନ ସୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷ ଦିଲ୍ଲିପ ଘୋଷ ଏବଂ ମୁଖ୍ୟ ବ୍ୟକ୍ତା ଭାବେ କବି ଡ ଶୁଭଶ୍ରୀ ଲେଙ୍କା ଓ ଦୀନକୃଷ୍ଣ ଉଚ୍ଚ ବିଦ୍ୟାଳୟ ର ଛାତ୍ର ସଂସଦ ର ଶୋଭାପତି ତଥା ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ପ୍ରଧାନ ଶିକ୍ଷକ ଶୁକଦେବପ୍ରାମାଣିକ ଏବଂ ସମାଜସେବୀ ଅମୂଲ୍ୟ ପାତ୍ର ସହିତ ମଞ୍ଚ ପରିଚାଳନା କରିଥିଲେ ବିଦ୍ୟାଳୟ ର ପୂର୍ବତନ ଛାତ୍ର ଚନ୍ଦ୍ର ମୋହନ କାପୁଡ଼ି ଏବଂ ପ୍ରଣୟ ପାତ୍ର, ରବିନ୍ଦ୍ର ପାତ୍ର , ଶିବଶଙ୍କର ସାହୁ , ଲଲାଟେନ୍ଦୁ ଜେନା, ରାଖାଲ ଚନ୍ଦ୍ର ଘଡ଼େଇ ପ୍ରମୁଖ ଉପସ୍ଥିତ ଥିଲେ ଏବଂ ସଂଧାରେ ସାଂସ୍କୃତିକ ସମ୍ବଲପୁରୀ ଲୋକନାଟ୍ୟ କାର୍ଯ୍ୟକ୍ରମର ବ୍ୟବସ୍ଥା ଥିଲା ।

# ବିଏମବି ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଖଇରା, ୧୦/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବଗେଇପୁର ମିନିଷ୍ଟାଡିୟମରେ ଚାଲିଥିବା ୨୧ତମ ଆନ୍ତରାଜ୍ୟ ଫୁଟବଲ ଟୁର୍ନାମେଣ୍ଟର ରବିବାରର ଫାଇନାଲ ମ୍ୟାଚରେ ଓଡିଶା ଠାକୁରମୁଣ୍ଡାର ଜୟକୃଷ୍ଣ କ୍ଲବ ଝାରଖଣ୍ଡ ଆରବିଏଫସିକୁ ପରାସ୍ତ କରି ଚଳିତ ବର୍ଷର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି । ନିର୍ଦ୍ଧାରିତ ସମୟ ମଧ୍ୟରେ କେହି ଗୋଲ ଦେବାକୁ ସକ୍ଷମ ହୋଇନଥିବା ବେଳେ ଠାକୁରମୁଣ୍ଡା ପେନାଲ୍ଟିରେ ଆରବିଏଫସିକୁ ୬-୫ରେ ପରାସ୍ତ କରିଥିଲା । ରେଫେରି ଭାବେ ଆରତି ମହାନ୍ତି,ବିଣାପାଣି ବିରୁଆ,ସୀତା ମାରାଣ୍ଡି ଖେଳ ପରିଚାଳନା କରିଥିଲେ । ଶିକ୍ଷକ ବିଶ୍ୱନାଥ ସିଂ ଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ଏମପି ପ୍ରସନ୍ନ ପାଟ୍ଟଶାଣି,ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଶିଶୁ ରୋଗ ବିଶେଷଜ୍ଞ ଡା ବ୍ରଜ ସୁନ୍ଦର ସ୍ୱାଇଁ,ସମିତି ସଭ୍ୟା ପ୍ରିୟତମା ମୁଦୁଲି,ଯୁବନେତା ନିଳମାଧବ ପଣ୍ଡା,ମଣ୍ଡଳ ସଭାପତି ପତିତପାବନ କର,କୁପାରୀ ସମିତିସଭ୍ୟ ଅକ୍ଷୟ ଜେନା,ଶଙ୍କର୍ଷଣ ମାଝୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସୁଶାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ଅତିଥି ମାନେ ବିଜୟୀ ଓଡିଶାର ଠାକୁରମୁଣ୍ଡା ଟିମକୁ ୪୦ହଜାର ଓ ରନର୍ସଅପ ଝାଡଖଣ୍ଡ ଦଳକୁ ୩୦ହଜାର ଟଙ୍କା ପ୍ରଦାନ କରିଥିଲେ । ମୋଟ ୩୨ଦଳ ଅଂଶ ଗ୍ରହଣ କରିଥିଲେ । ଜିଲା ଯୁବମୋର୍ଚ୍ଚାର କାର୍ଯ୍ୟକରିଣୀ ସଭ୍ୟ ଶିବଶଙ୍କର ଖିଲାର,ବୁଲୁ ସ୍ୱାଇଁ,ଦିଲିପ ସ୍ୱାଇଁ,ସହଦେବ ବେହେରା,ମାନସ ସ୍ୱାଇଁ,ଭୀମସେନ ନାଇକି,ବିଶ୍ୱନାଥ ଜେନା,ଦିପକ ମହାରଣା,ମହାବିର ସିଂ,ଶ୍ରୀକାନ୍ତ ଦେଉରୀଙ୍କ ସମେତ ବିଏମବି କ୍ଲବର ସମସ୍ତ ସଭ୍ୟ ତଥା ଶିକ୍ଷକ ସନ୍ତୋଷ ଦକ୍ଷିଣରାୟ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

# ନିର୍ଭୀକତାର ସହ ଜୀବନ ବଂଚିବା ଆତ୍ମସୁରକ୍ଷା କୌଶଳ ଶିଖାଇଥାଏ : ଡ଼. ମିନାକ୍ଷୀ ପରିଡ଼ା

ଉଦଳା , ୧୦/୧୧ (ନି.ପ୍ର): ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶରେ ଚଳିତ ନେଭମ୍ବର ୮ ତାରିଖ ଶୁକ୍ରବାର ଠାରୁ ଉଦଳା ମହାବିଦ୍ୟାଳୟ ପରିସରେର ଛାତ୍ରୀ ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଏହି ଶିବିର ୨୦ ଦିନ ଧରି ଚାଲିବ ବୋଲି ଜଣାଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଡ଼. ଯତିନ କୁମାର ମହାକୁଡ଼ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରି ପ୍ରଶିକ୍ଷଣ ଦିଆଯାଉଥିବା ଆତ୍ମରକ୍ଷା କୌଶଳକୁ ନିୟମିତ ଅଭ୍ୟାସ କରିବାକୁ ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ପ୍ରଶାସନିକ ଅଧିକାରି ପ୍ରାଧ୍ୟାପକ ଡ଼. ଅଲୋକ ରଂଜନ ପ୍ରଧାନ ଓ ପୁର୍ବତନ ସଂଯୋଜିକା ଅଧ୍ୟାପିକା ଡ଼. ମିନାକ୍ଷୀ ପରିଡ଼ା ଉଦ୍‌ଘାଟନ ଉତ୍ସବେର ଅତିଥି ଭାବେର ଯୋଗ ଦେଇ ନିଜକୁ ସୁସ୍ଥ ସବଳ ରଖିବା ସହ ନିର୍ଭିକତାର ସହ ଜୀବନ ବଂଚିବାର ଦମ୍ଭ କିପରି ଆତ୍ମ ସୁରକ୍ଷା କୌଶଳ ଶିକ୍ଷା ଦେଇଥାଏ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧେର କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ଭାରତି ନାୟକ ଓ ଅଧ୍ୟାପକ ସେଚୈମନ୍ଦ୍ର କୁମାର ଦାଶ ନାରୀ ସଶକ୍ତିକରଣର ଏହା ଏକ ଅଂଶ ବୋଲି ବ୍ୟକ୍ତ କରିଥିଲେ । ଅଧ୍ୟାପିକା ଅନିତା ଦେଇ ପ୍ରାରମ୍ଭେର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେବା ପେର ପ୍ରଶିକ୍ଷିକା ଭାଗ୍ୟଶ୍ରୀ ବିନ୍ଧାଣୀ ପ୍ରଶିକ୍ଷଣ କାର୍ଯ୍ୟ ଆରମ୍ଭ କରିଥିଲେ ।

# ୨୩ତମ ଫୁଟବଲ୍ ଖେଳର ଉଦ୍‌ଯାପିତ



ଜଳେଶ୍ୱର , ୧୦/୧୧ (ନି.ପ୍ର): ଉଦ୍‌ଯାପିତ ହେଲା ବିନ୍ଦୁ ଚନ୍ଦନ ୟୁଥ ଆଦିବାସୀ କ୍ଲବ ଦ୍ୱାରା ଆୟୋଜିତ ୨୩ତମ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଗ୍ରାମରେ ଆୟୋଜିତ କ୍ରୀଡ଼ା କେବଳ ପ୍ରତିଯୋଗିତା ନୁହେଁ; ତାହା ହସର ପ୍ରତିଧ୍ୱନୀ, ପରମ୍ପରାର ପ୍ରତୀକ ଏବଂ ଗ୍ରାମୀଣ ଜୀବନର ହୃଦସ୍ପନ୍ଦନ ମଧ ହୋଇଥାଏ । ଯେତେବେଳେ ସେହି କ୍ରୀଡ଼ାର ମଞ୍ଚରେ ଆଦିବାସୀ ଭାଇମାନଙ୍କ ପାରମ୍ପରିକ ପ୍ରିୟ ଖେଳ ଫୋଟବଲ ଖେଳିବା ପାଇଁ ଆଗେଇ ଆସନ୍ତି; ତାହା ଏକ ଆନ୍ଦୋଳନ, ଶକ୍ତିର ପ୍ରତୀକ ଏବଂ ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣା ଉତ୍ସ ପାଲଟିଯାଏ । ଆଜି ଏଭଳି କିଛି ପରିବେଶ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶ୍ୟାମନଗର ଗ୍ରାମପଞ୍ଚାୟତ ଛୋଟବେଗୁନିଆ ଗ୍ରାମରେ ବିନ୍ଦୁ ଚନ୍ଦନ ୟୁଥ୍ କ୍ଲବ୍ ଦ୍ୱାରା ଆୟୋଜିତ ୨୩ତମ ଦୁଇଦିନିଆ ଫୁଟବଲ୍ ଉଦଯାପିତ ହୋଇଯାଇଛି । ଟୁର୍ଣ୍ଣାମେଣ୍ଟରେ କରିବା ସହିତ ସମାଜ ପାଇଁ ଖେଳର ଆବଶ୍ୟକ ବିଷୟରେ ମୁଖ୍ୟ ଅତିଥି ବ୍ରଜ ମୋହନ ପ୍ରଧାନ ପରାମର୍ଶ ଦେବା ସହିତ ପୁରସ୍କାର ବିତରଣ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟ ଦୁଇଦିନ ଧରି ଚାଲିଥିଲା ରାଜ୍ୟ ତଥା ରାଜ୍ୟ ବାହାରୁ ନାମୀଦାମୀ ୧୬ଗୋଟି ଟିମ୍ ଏଥିରେ ଭାଗ ନେଇଥିଲେ । ସାହାର୍ପା, ହରିନାବନ୍ଧ ଫୁଟବଲ୍ ଟିମ୍ ବିଜେତା ହେଇଥିବା ବେଳେ ଜି ଏମ୍ ଡି ୟୁଥ୍ ଫୁଟବଲ୍ ଟିମ୍, ପଥ୍ରାଶୂଳ ଉପବିଜେତା ହେଇଥିବା। ବିଜେତା ଟିମକୁ ପନ୍ଦର ହଜାର ଏଂ ଉପବିଜେତା ଦଶ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି ବ୍ରଜ ମୋହନ ପ୍ରଧାନଙ୍କ ସହିତ ସମ୍ମାନିତ ଅତିଥି ତରୁଣ ପଟ୍ଟନାୟକ, ଉଦୟନାଥ ମୁର୍ମୁ, ସୁଷମା ମହାନ୍ତି, କ୍ଲବ୍ ସଭାପତି ରଘୁନାଥ ବାସ୍କେ, ସମ୍ପାଦକ ଦାମୋଦର ହେମ୍ବ୍ରମ , ହାରୁ ଭାଇ ଉପସ୍ଥିତ ଥିଲେ । ଏହି ଅବସରେ ମୁଖ୍ୟ ଅତିଥି ବ୍ରଜମୋହନ ପ୍ରଧାନ ସମାଜ ତଥା ସୁସ୍ଥ ଶରୀର ଗଠନ ପାଇଁ ଖେଳର ଆବଶ୍ୟକତା,ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ଏହିପରି ଖେଳ ଆୟଜନ ପାଇଁ କ୍ଲବର କାର୍ଯ୍ୟକର୍ତ୍ତା ମାନଙ୍କୁ ସାଧୁବାଦ୍ ଜ୍ଞାପନ୍ କରିଥିଲେ ।

# କଂଟାବାଞ୍ଜି ବିଧାୟକଙ୍କୁ ଓବିସି ମଂଚର ସମ୍ବର୍ଦ୍ଧନା

ବଲାଙ୍ଗୀର, ୧୦/୧୧ (ନି.ପ୍ର): ଜିଲ୍ଲା ଓବିସି ମଂଚ ବଲାଙ୍ଗୀର ଦ୍ୱାରା କଂଟାବାଞ୍ଜି ବିଧାୟକ ମାନନୀୟ ଲକ୍ଷ୍ମଣ ବାଗଙ୍କୁ ରାଜେନ୍ଦ୍ରପଡ଼ା ସ୍ଥିତ ଓବିସି ମଂଚ କାର୍ଯ୍ୟାଳୟ ଠାରେ ସ୍ୱାଗତ ଓ ସମ୍ବର୍ଦ୍ଧନା ସହ ଓବିସି ବର୍ଗର ବିଭିନ୍ନ ଦାବି ଉପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମେମୋରେଣ୍ଡମ ପ୍ରଦାନ କରାଯାଇଛି । ରାଜ୍ୟ ଓବିସି ମଂଚର ସଭାପତି ଶଙ୍କର ପାତ୍ର ତାଙ୍କ ବୟାନରେ କହିଛନ୍ତି ଯେ ଓବିସିଙ୍କୁ ଓଡ଼ିଶାରେ ଶିକ୍ଷା ଓ ଚାକିରି କ୍ଷେତ୍ରରେ ଶୂନ୍ୟ ପ୍ରତିଶତ ସଂରକ୍ଷଣ ଦେଉଛନ୍ତି ଏବଂ ଏସ୍ଇବିସିଙ୍କୁ ଯେଉଁ ୧୧.୨୫ପ୍ରତିଶତ ସଂରକ୍ଷଣ ଦେବା କଥା କୁହାଯାଉଛି ତାହା ପ୍ରକୃତ ଓବିସି ପାଉନାହାନ୍ତି ବୋଲି ଆରୋପ କରିଥିଲେ । ସେ କହିଛନ୍ତି ଯେ, ସମ୍ବିଧାନର ଧାରା ୨୪୩(ଡି) ୬ରେ ପଂଚାୟତିରାଜରେ ୨୪୩ ବ୍ଲକ ଏନ୍ଏସି, ତଥା ମୁନସିପାଲଟିରେ ସଂରକ୍ଷଣ ପ୍ରାବଧାନ ଥିଲେ ହେଁ, ତାକୁ ନାନା ଆଳ ଦେଖାଇ ନିଷେଧ କରାଯାଇଛି । ଏଣୁ ରାଜ୍ୟ ସରକାର ଓବିସିଙ୍କୁ ଅନୁନ୍ୟ ଓଡ଼ିଶାରେ ୨୭ ପ୍ରତିଶତ ସଂରକ୍ଷଣ ଶିକ୍ଷା ଓ ଚାକିରୀ କ୍ଷେତ୍ରରେ ଦେବାକୁ ବିଧାନସଭାରେ ଚର୍ଚ୍ଚା କରିବାକୁ ଅନୁରୋଧ କରିଥିଲେ ।

# ପୂର୍ବତନ ସାଂସଦ ଓ ବିଧାୟକଙ୍କ ପୂଜା ପରିକ୍ରମା



ବାସୁଦେବପୁର, ୧୦/୧୧ (ନି.ପ୍ର): ବାସୁଦେବପୁର ସହରରେ ବର୍ତ୍ତମାନ ଐତିହାସିକ କାଳୀପୂଜା ଖୁବ୍ ଜୋର୍ ରେ ଆଗେଇ ଚାଲିଛି । ଭଦ୍ରକ ଜିଲ୍ଲା ର ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ , ଯାଜପୁର ର ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠି, ଜଗତସିଂହପୁର ର ପୂର୍ବତନ ସାଂସଦ ରାଜଶ୍ରୀ ମଲ୍ଲିକ, ଭଦ୍ରକ ର ପୂର୍ବତନ ସାଂସଦ ଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବିଜେଡ଼ି ନେତା ଭାଗିରଥି ବଳ, ଭାଗିରଥୀ ନାୟକ ପ୍ରମୁଖ ଏହି ଐତିହାସିକ କାଳୀପୂଜା ବୁଲି ଜନ ସାଧାରଣ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଦୀର୍ଘ ବର୍ଷ ଧରି ବାସୁଦେବପୁର ରେ ଏହି ପୂଜା ଆଗେଇ ଚାଲିଛି ଓ ହଜାର ହଜାର ଲୋକ ମାନେ ଆସି ଏଠାରେ ମେଳା ବୁଲି ଆନନ୍ଦ ପାଉଛନ୍ତି । ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ ଓ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ବାସୁଦେବପୁର ର ଏହି ଐତିହାସିକ କାଳୀପୂଜା କମିଟି କୁ ଆର୍ଥିକ ସାହାଯ୍ୟ ସହଯୋଗ ର ହାତ ବଢାଇଛନ୍ତି । ଏହି ଐତିହାସିକ କାଳୀପୂଜା ରେ ସମସ୍ତ ଭକ୍ତ ବନ୍ଧୁ ମାନଙ୍କ ର ମଙ୍ଗଳ ହେଉ ବୋଲି ପୂର୍ବତନ ସାଂସଦ ଓ ପୂର୍ବତନ ବିଧାୟକ ମାଆ ଙ୍କ ଠାରେ ଆଶୀର୍ବାଦ କାମନା କରିଥିଲେ । ପ୍ରତି ବର୍ଷ ପରି ଚଳିତ ବର୍ଷ ଏହି କାଳୀ ପୂଜା ଉତ୍ସବ ଖୁବ୍ ଆଡମ୍ବର ରେ ପାଳନ ହେଉଛି । ବହୁ ଦୋକାନ ବଜାର ଗହଳି ଚାଲିଛି ଓ ବ୍ଲକ ପ୍ରଶାସନ, ପୋଲିସ୍ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରା ଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆତଙ୍କବାଦୀଙ୍କ ସହ ଲଢ଼େଇ...

ଏହି ଦୁଇ ଗ୍ରାମରକ୍ଷୀଙ୍କୁ ଆତଙ୍କବାଦୀମାନେ ଅପହରଣ କରି ନେବା ପରେ ହତ୍ୟା କରିଥିଲେ । ଘଟଣାରେ ସାମିଲ ଥିବା ଦୁଇ ଆତଙ୍କବାଦୀଙ୍କୁ ଧରିବା ପାଇଁ ସୁରକ୍ଷାକର୍ମୀମାନେ ଜଙ୍ଗଲ ଅଭିମୁଖେ ଯାଉଥିବା ବେଳେ ଆରମ୍ଭ ହୋଇଥିଲା ଗୁଳି ବିନିମୟ । ଆତଙ୍କବାଦୀମାନେ ଗୁଳିମାଡ଼ କରିବାରୁ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଏହାର ଜବାବ ଦିଆଯାଇଥିଲା । ଏହି ଗୁଳି ବିନିମୟରେ ପ୍ରଥମେ ସ୍ଥଳର ସେନାର ୪ ପାରା କମାଣ୍ଡୋ ଆହତ ହୋଇଥିଲେ । ସେମାନଙ୍କୁ ହେଲିକପ୍ଟର ଯୋଗେ ଉଦ୍ଧମପୁର ନିଆଯାଇଥିଲା । ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ନାଏବ ସୁବେଦାର କୁମାରଙ୍କ ଦେହାନ୍ତ ହୋଇଛି । ଏବେ ସ୍ଥାନୀୟ ଅଞ୍ଚଳରେ ବଡ଼ଧରଣର ସର୍ଚ୍ଚ ଅପରେସନ ଜାରି ରହିଛି ।

### ଭି.କେ.ପାଣ୍ଡିଆନଙ୍କ ...

ହେଲେ, ସରକାର ବଦଳିବାକୁ ଏହା ଭିତରେ ପାଂଚ ମାସ ବିତିଥିଲେ ବି ତଦନ୍ତ ଯେମିତି ହେବା କଥା ସେମିତି ଦେଖିବାକୁ ମିଳୁନାହିଁ । ତେଣୁ କେବେ ସରକାର ବହୁ ଚର୍ଚ୍ଚିତ ପାଣ୍ଡିଆନଙ୍କ ଗସ୍ତ କେଳେଙ୍କାରୀର ସତ ସାମନାକୁ ଆଣୁଛନ୍ତି ତା ଉପରେ ସମସ୍ତଙ୍କ ନଜର ରହିଛି ।

### ମାଣବସା ଗୁରୁବାରରେ ...

ମିଲେଟ ହବ୍ ପାଇଁ ବାତାବରଣ ସୃଷ୍ଟି ହୋଇଛି । ମାଣ୍ଡିଆ ଉତ୍ପାଦନ ଓ ବିକ୍ରିବଟା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି । ମାଣ୍ଡିଆର ଚାହିଦା ବୃଦ୍ଧି ସହ ଚାଷୀ କିପରି ଆଗ୍ରହ ପ୍ରକାଶ କରିବ ସେ ନେଇ ଯୋଜନା ହେଉଛି । ଆଗକୁ ରପ୍ତାନି ବ୍ୟବସ୍ଥା ବି କରାଯିବ । ସରକାରୀ କ୍ୟାଣ୍ଟିନ, ସ୍କୁଲ ଓ ଡାକ୍ତରଖାନା କୁ ମାଣ୍ଡିଆ ଯୋଗାଇ ଦେବାକୁ ବ୍ୟବସ୍ଥା ହେବ । ବାଜରା, ଜଓ୍ୱାର ଓ ମାଣ୍ଡିଆ ଆଦୃତ ହୋଇଛି । ମଣ୍ଡିଆରେ ଧାନ ଠାରୁ ୧୦ଗୁଣ ଖାଦ୍ୟ ତନ୍ତୁ ରହିଛି । କ୍ଷୀର ଠାରୁ ୩ ଗୁଣା କ୍ୟାଲସିୟମ ରହିଛି । ଶ୍ରୀଅନ୍ନ ସୁପର ଫୁଡର ମାନ୍ୟତା ପାଇଛି । ଅଧିକ ମାଣ୍ଡିଆ ଚାଷ ଓ ଉତ୍ପାଦନ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରାଯାଇଛି ।

### ଗଜପତିଙ୍କ ଚେତାବନୀକୁ ମାନିଲେନି:...

କରି ଏହାକୁ ଟଣାଯାଇଛି । ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଚେତବାନୀ ସତ୍ତ୍ୱେ ହ୍ୟୁଷ୍ଟନରେ ରଥ ଟାଣି ଭକ୍ତଙ୍କୁ ଭାବାବେଗକୁ ଗଭୀର ଆଘାତ ଦେଇଛି ଇସ୍କନ । ଏପଟେ ହ୍ୟୁଷ୍ଟନରେ ଅଦିନିଆ ରଥଟଣାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । କହିଛନ୍ତି, ପୂର୍ବରୁ ଏ ସମ୍ପର୍କରେ ଗଜପତି ମହାରାଜା ଓ ମନ୍ଦିର ପ୍ରଶାସନ ପକ୍ଷରୁ ଇସ୍କନକୁ ଚେତାବନୀ ଦିଆଯାଇଥିଲା । ଏବେ ପ୍ରଶାସନ ଓ ଗଜପତି ଯାହା ନିଷ୍ପତ୍ତି ନେବେ, ସରକାର ତାକୁ ସମର୍ଥନ ଦେବେ । ଅଦିନିଆ ରଥଯାତ୍ରା ବନ୍ଦ ପାଇଁ ଗଜପତିଙ୍କ ଚିଠି ଲେଖିବା ଓ ସବୁଆଡୁ ବିରୋଧ ସତ୍ତ୍ୱେ ମାନିନଥିଲା ଇସ୍କନ । ପରେ ଅଦିନିଆ ରଥଯାତ୍ରା ବନ୍ଦ ନହେଲେ ଆଇନଗତ ବିକଳ୍ପ ନେଇ ବିଚାର କରାଯିବ ବୋଲି ଚେତାବନୀ ଦେଇଥିଲେ ଗଜପତି ମହାରାଜା । ଚାରିଆଡୁ ଚାପ ପରେ ନଇଁଥିଲା ଇସ୍କନ । ରଥଯାତ୍ରା ବଦଳରେ ଗୌର ନିତାଇ ସଂକୀର୍ତ୍ତନ ଯାତ୍ରା କରିବ ବୋଲି କହିଥିଲା ଇସ୍କନ । ହେଲେ ରଥଟାଣି ପୁଣିଥରେ ଇସ୍କନ ମନମାନି କରିବା ସହ କୋଟିକୋଟି ଜଗନ୍ନାଥପ୍ରେମୀଙ୍କୁ ଆଘାତ ଦେଇଛି ।

### ଧରା ପଡ଼ିଲା ବାବା...

ଗୁଳି କରି ହତ୍ୟା କରାଯାଇଥିଲା । ଲରେନ୍ସ ଏବେ ଜେଲରେ ଥିବା ବେଳେ ତା' ଭାଇ ଗ୍ୟାଙ୍ଗକୁ ବିଦେଶରେ ରହି ପରିଚାଳନା କରୁଛି । ଶିବ କୁମାରକୁ ଧରିବାର ପାଇଁ ମୁମ୍ବାଇ କ୍ରାଇମବ୍ରାଞ୍ଚ ଉତ୍ତର ପ୍ରଦେଶ ଏସଟିଏଫର ସହାୟତା ନେଇଥିଲା । ଶିବ କୁମାର ବ୍ୟତୀତ ପୁଲିସ୍ ଅନୁରାଗ କଶ୍ୟପ, ଜ୍ଞାନ ପ୍ରକାଶ ତ୍ରିପାଠୀ, ଆକାଶ ଶ୍ରୀବାସ୍ତବ ଓ ଅଖିଲେଶ ପ୍ରତାପ ସିଂହକୁ ମଧ୍ୟ ଗିରଫ କରିଛି । ଏମାନେ ଶିବ କୁମାରକୁ ଘଟଣା ପରେ ରହିବାକୁ ଘର ଦେଇଥିଲେ । ସେହିପରି ତା'କୁ ନେପାଳ ପଠାଇବାକୁ ଉଦ୍ୟମ କରିଥିଲେ । ବାବା ସିଦ୍ଦିକିଙ୍କ ହତ୍ୟାକାଣ୍ଡ ପରଠାରୁ ଶିବ କୁମାର ଫେରାର ଥିଲା । ସେ ଘଟଣା ଦିନ ସେ ୯.୯ ଏମଏମ ପିସ୍ତଲରୁ ମୋଟ ୬ ରାଉଣ୍ଡ ଗୁଳି ଚଳାଇଥିଲା । ଏହା ମଧ୍ୟରୁ ଗୋଟିଏ ସିଦ୍ଦିକିଙ୍କ ଛାତିରେ ବାଜିବାରୁ ଘଟଣା ସ୍ଥଳରେ ସେ ଟଳି ପଡ଼ିଥିଲେ ।

# ଅଙ୍ଗନୱାଡ଼ି ପାଇଁ ହାତୀମଣ୍ଡା ଗ୍ରାମବାସୀଙ୍କ ଦାବି



ଉଦଳା , ୧୦/୧୧ (ନି.ପ୍ର): ଏକ ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ପ୍ରତିଷ୍ଠା ପାଇଁ କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ ହାତୀମଣ୍ଡା ଗ୍ରାମର ବାସିନ୍ଦା ଦାବି ଜଣାଇଛନ୍ତି । ଖବର ନେବାରୁ ଜଣାଯାଇଛି ଏହି ଗ୍ରାମର ପ୍ରାୟ ୨୫ ଜଣ ପିଲାଙ୍କ ନାମ ଖୁଦପୁଟଳିସ୍ଥିତ ଅଙ୍ଗନୱାଡ଼ି କେନ୍ଦ୍ରରେ ରହିଛି । ହାତୀମଣ୍ଡାରୁ ଖୁଦପୁଟଳି ୩ କିମିରୁ ଅଧିକ ଦୂର ଅଟେ । ପିଲାଙ୍କ ପକ୍ଷେ ନିୟମିତ ୩ କିମି ରାସ୍ତା ଯାତାୟତ ସମ୍ଭବ ହୋଇପାରୁ ନଥିବାରୁ ଏଠାକାର କୌଣସି ପିଲା ନାମ ଲେଖା ପରେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଆନ୍ତି ନାହିଁ । କେବଳ ସରକାରୀ ଫାଇଲ ଚାଷ ପାଇଁ ସବୁ ଠିକ୍ ଠାକ୍ ଚାଲିଛି ବୋଲି ଦର୍ଶାଯାଇଥାଏ । ମଝିରେ ମଝିରେ ଅଭିଭାବକ ମାନେ ଅଙ୍ଗନୱାଡ଼ିକେନ୍ଦ୍ରକୁ ଆସି ଚାଉଳ, ଅଣ୍ଡା ପ୍ରଭୃତି ଯାହାକିଛି ମିଳେ ଘରକୁ ନେଇଯାଆନ୍ତି । ଏହିଭଳି ହାତୀମଣ୍ଡା ଗ୍ରାମର ପିଲା ମାନେ ଅଙ୍ଗନୱାଡ଼ି ସେବାରୁ ବଂଚିତ ଅଛନ୍ତି ବୋଲି ଗ୍ରାମବାସୀ ଜଣାଇଛନ୍ତି । ତେବେ ହାତୀ ମଣ୍ଡା ଗ୍ରାମର ସୁବିଧା ପାଇଁ ଏଠାରେ ଏକ ନୂତନ ଅଙ୍ଗନୱାଡ଼ି ପ୍ରତିଷ୍ଠା ଜରୁରି ହୋଇପଡ଼ିଛି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଜିଲ୍ଲାରେ କାର୍ଯ୍ୟରତ ଏକ ଲୋକ ସଂଗଠନର କର୍ମି ମାନେ ଦାବି ଜଣାଇଛନ୍ତି ।

# ସି.ପି.ଆଇ(ଏମ)ର ଜଳେଶ୍ୱର ଆଞ୍ଚଳିକ ସମ୍ମିଳନୀ

ଜଳେଶ୍ୱର, ୧୦/୧୧ (ନି.ପ୍ର): ରବିବାର ଦିନ ୯ଘଟିକା ରୁ ରାତ୍ରି ୮ଘଟିକା ପର୍ଯ୍ୟନ୍ତ ଆନନ୍ଦ ପ୍ୟାଲେସ ହୋଟେଲ ୬୦ ନଂ ରାଜପଥ ଲକ୍ଷ୍ମଣନାଥ ର ଠାରେ ଆଞ୍ଚଳିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି । ସର୍ବପ୍ରଥମେ ପାର୍ଟି ର ବରିଷ୍ଠ ନେତା ସାଥୀ ବସନ୍ତ ଦାସ ଲାଲ ପତାକା ଉତ୍ତୋଳନ କରିବା ପରେ ପାର୍ଟି ର ସଭ୍ୟମାନେ ସହିଦ ବେଦୀରେ ମାଲ୍ୟାର୍ପଣ କରିଥିଲେ । ଏହାପରେ କମ୍ରେଡ ଦୀପ୍ତିମାନ ଆଚାର୍ଯ୍ୟ, ମମି ପଣ୍ଡା, ଦିଲ୍ଲୀପ ପରିଡା ସଭାପତି ମଣ୍ଡଳୀ ଅଧ୍ୟକ୍ଷତା ରେ ସମ୍ମିଳନୀ କାର୍ଯ୍ୟ ଆରମ୍ଭ ହୋଇଥିଲା । ସାଥୀ ରବୀନ୍ଦ୍ର ବାରିକ କେନ୍ଦ୍ର କମିଟି ସମ୍ପାଦକ କମ୍ରେଡ ସୀତାରାମ ଏଚୁରି ସମେତ ପ୍ରବୀଣ ଖ୍ୟାତି ନେତାମାନଙ୍କ ଉଦେଶ୍ୟରେ ଶୋକ ପ୍ରସ୍ତାବ ଉପସ୍ଥାପନ କରିଥିଲେ, ସହିଦ ଓ ପ୍ରୟାତ ସାଥୀମାନଙ୍କ ଉଦେଶ୍ୟରେ ଏକ ମିନିଟ ନୀରବରେ ଦଣ୍ଡାୟମାନ ହୋଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ସି. ପି. ଆଇ(ଏମ ) ବାଲେଶ୍ୱର ଜିଲ୍ଲା ସମ୍ପାଦକ ସାଥୀ ଶିଶିର ହୁଇ ସମ୍ମିଳନୀ କୁ ଉଦଘାଟନ କରିବା ପରେ ଅନ୍ୟାନ୍ୟ ଅତିଥି ନିର୍ମଳ ନାୟକ, ବାଞ୍ଛାନିଧି ମହାନ୍ତି ସମ୍ମିଳନୀ ର ଆବଶ୍ୟକତା ଆଗାମୀ ଦିନର କର୍ତ୍ତବ୍ୟ ଉପରେ ଉଦବୋଧନ ଦେଇଥିଲେ । ବକ୍ତବ୍ୟ ରେ କହିଥିଲେ ବର୍ତ୍ତମାନ ର ମୋଦି ସରକାର ଓ ଆମ ଓଡିଶା ରାଜ୍ୟ ସରକାର ଦେଶରେ ଦରଦାମ ବୃଦ୍ଧି କରି, ଦେଶବାସୀଙ୍କ ଉପରେ ଜିଏସଟି ଟିକସ ଆଦାୟ କରି ଆଦାନୀ ଓ ଅମ୍ବାନୀ ଙ୍କୁ ଋଣ ଛାଡ଼ କରୁଛନ୍ତି, ଓପରପକ୍ଷରେ ଦେଶ ରେ ଥିବା ରାଷ୍ଟ୍ରାୟତ ବ୍ୟାଙ୍କ, ବୀମା, ବନ୍ଦର, ରେଳପଥ, ରାଜପଥ, କଳକାରଖାନାକୁ କର୍ପୋରେଟ କମ୍ପାନୀଗୁଡିକୁ ଶାଗମାଛ ଦରରେ ବିକ୍ରି କରୁଛନ୍ତି । ଶ୍ରମ କୋଡ଼ ବଦଳାଇ ଶ୍ରମିକମାନଙ୍କ ପ୍ରତିବାଦକୁ ଦବେଇ ଦେଇ ଶ୍ରମିକମାନଙ୍କୁ ୧୦ ଘଣ୍ଟା ରୁ ୧୬ ଘଣ୍ଟା ଖଟେଇ ନିଆଯାଉଛି, ବର୍ତ୍ତମାନ ମୋଦି ସରକାର ଦେଶର ସମ୍ବିଧାନ, ନ୍ୟାୟାଳୟ, ଗଣତନ୍ତ୍ର, ଧର୍ମନିରପେକ୍ଷତାକୁ ଧ୍ୱଂସ କରିବା ପାଇଁ ଜାତି, ଧର୍ମ, ବର୍ଣ୍ଣକୁ ନେଇ ଦଙ୍ଗା ସୃଷ୍ଟି କରୁଛି । ଜାତିର ପିତା ମହାତ୍ମାଗାନ୍ଧୀଙ୍କୁ ହତ୍ୟା କରିଥିବା ଲୋକଙ୍କ ହାତରେ କ୍ଷମତା ରହିବା ଦେଶ ପ୍ରତି ଭୟଙ୍କର ସୃଷ୍ଟି କରୁଛି । ଏହା ବିରୋଧରେ ଏକ ହୋଇ ଲଢେଇ କରିବା ପାଇଁ ଆହ୍ୱାନ ଦିଆଯାଇଛି । ଆଞ୍ଚଳିକ କମିଟି ର ସମ୍ପାଦକ ଦିଲ୍ଲୀପ ଗିରି ଲିଖିତ ସମ୍ପାଦକୀୟ ରିପୋର୍ଟ ଉପସ୍ଥାପନ କରିଥିଲେ । ଏହା ଉପରେ ୧୪ଜଣ ପ୍ରତିନିଧି ଆଲୋଚନା କରିବା ପରେ ରିପୋର୍ଟ ସର୍ବସମ୍ମତ ଭାବରେ ଗୃହୀତ ହୋଇଥିଲା । ଆସନ୍ତା ୩ବର୍ଷ ପାଇଁ ୧୭ଜଣିଆ ଆଞ୍ଚଳିକ କମିଟି ଗଠନ କରାଯାଇଥିଲା । ସାଥୀ ଅକ୍ଷୟ ମିଶ୍ର ଆଞ୍ଚଳିକ କମିଟି ର ସମ୍ପାଦକ ଭାବରେ ନିର୍ବାଚିତ ହୋଇଛନ୍ତି ଏବଂ ୨୨ଜଣ ସଦସ୍ୟ ନଭେମ୍ବର ୨୫ ଓ ୨୬ ରେ ରେମୁଣା ରେ ହେବାକୁଥିବା ଜିଲ୍ଲା ସମ୍ମିଳନୀ ରେ ପ୍ରତିନିଧି ହିସାବରେ ଯୋଗ ଦେବାପାଇଁ ସମ୍ମିଳନୀ ରୁ ନିର୍ବାଚିତ ହୋଇଥିଲେ । ସାଥୀ ସନ୍ତୋଷ ଦାସ ଉଦଯାପନୀ ଭାଷଣ ଦେଇଥିଲେ । ସାଥୀ ବାଞ୍ଛାନିଧି ମହାନ୍ତି, ରାମଚନ୍ଦ୍ର ଦେ, ଯଦୁନାଥ ବିନ୍ଧାଣି, ବାବୁଲାଲ ବାରିକ, ଚତୁର୍ଭୁଜ ମଲ୍ଲିକଙ୍କୁ ସମ୍ମିଳନୀ ତରଫରୁ ଫୁଲତୋଡ଼ା ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

ସୋମବାର, ୧୧ ନଭେମ୍ବର , ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଓଡିଶା ଆଦର୍ଶ ବିଦ୍ୟାଳୟ, ବଳରାମପୁର ଶିକ୍ଷକ ଅଭାବ ପାଇଁ ଘୋର ଜନ ଅସନ୍ତୋଷ

ବାଲିଆପାଳ , ୧୦/୧୧ (ନି.ପ୍ର): ଆଜି ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ତାର ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ବୈଠକର ସ୍ଥାୟୀ ସଭାପତି ନାରାୟଣ ପ୍ରସାଦ ସାହୁ ସଭାପତିତ୍ୱ କରିଥିଲେ । ମଂଚାସୀନ ଅତିଥି ରୂପେ ପରିଷଦର ଉପସଭାପତି ଶିକ୍ଷବିତ୍ ପୂର୍ଣଚନ୍ଦ୍ର ରାଜ, ସମ୍ପାଦକ ଡ଼ ବଂକିମ ଚନ୍ଦ୍ର ଜେନା, ଅବସର ପ୍ରାପ୍ତ ଶିକ୍ଷବିତ ଚିତ୍ତରଞ୍ଜନ ଦାସ ସହ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ରାଉତ ମଂଚାସୀନ ହୋଇଥିଲେ । ବୈଠକର ପ୍ରାରମ୍ଭରେ ତିନିଥର ଓଙ୍କ ଉଚ୍ଚାରଣ ସହିତ ଗାୟତ୍ରୀ ମନ୍ତ୍ର ଜପ କରାଯାଇଥିଲା ।ସଭାପତି ସମସ୍ତ ସଦସ୍ୟଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ । ଆଜିର ସରକାରୀ ବିଦ୍ୟାଳୟ ତଥା ଓଡିଶା ଆଦର୍ଶ ବିଦ୍ୟାଳୟ ବଳରାମପୁରରେ ଶିକ୍ଷକ ଅଭାବ ଜନିତ ସମସ୍ୟା ସମ୍ବନ୍ଧରେ ସଦସ୍ୟ ବୀର ମାଧବ ଦାସ, ଶ୍ରୀହରି ମଣ୍ଡଳ, ସନ୍ନ୍ୟାସୀ ବେହେରା ତଥ୍ୟ ଉତ୍ଥାପନ କରିଥିଲେ ।ଓଡିଶା ଆଦର୍ଶ ବିଦ୍ୟାଳୟରେ ପ୍ରିନସିପାଲ, ଇଂରାଜୀ ଶିକ୍ଷକ ତଥା ଅନ୍ୟ ବିଷୟର ଶିକ୍ଷକ ସରକାର ପୂରଣ କରୁ ନ ଥିବାରୁ ଘୋର ଉଦବେଗ ପ୍ରକାଶ କରାଯାଇଥିଲା । ଅବିଳମ୍ବେ ଶିକ୍ଷକ ଅଭାବ ଜନିତ ସମସ୍ୟା ସରକାରୀ ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟରେ ଯଦି ସରକାର ପୂରଣ ନ କରନ୍ତି ତେବେ ଜନସାଧାରଣ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ବୈଠକରେ ପ୍ରସ୍ତାବ ଆଗତ କରାଯାଇଥିଲା ।ବୈଠକରେ ଆୟୁଷ୍ମାନ ଯୋଜନା, ଡ୍ରେନଜ ଯୋଜନା ସମ୍ବନ୍ଧରେ ମଧ୍ୟ ଆଲୋଚନା ହୋଇଥିଲା ।ଏଥିରେ ବହୁ ସଦସ୍ୟ କୁଞ୍ଜ କାନ୍ତ ପାତ୍ର, ଡ଼ ବିଜୟ କୁମାର ଦେ, କାଳିକିଙ୍କର ଦାସ, ଗୁଣଙ୍କର ପାଳ, ଶମ୍ଭୁନାଥ ଗିରି, କମଳ ଲୋଚନ ପିଲା, ବିଜୟ ପାତ୍ର, ଯୋଗ ଦେଇଥିଲେ ।



## ସ୍ୱାମୀ ଘରେ ନଥିବାର ସୁଯୋଗ ନେଇ ସ୍ତ୍ରୀକୁ ବଳାତ୍କାର: ପାଲଟା ଅଭିଯୋଗ ପରେ ଅଭିଯୁକ୍ତ ଅଟକ




ନୀଳଗିରି , ୧୦/୧୧ (ନି.ପ୍ର): ଯୌନ ଲାଳସାରେ ବଶବର୍ତ୍ତୀ ହୋଇ ଭୁଲିଗଲା ହିତାହିତ ଜ୍ଞାନ ।ନିଜର ଯୌନବାସନାକୁ ଚରିତାର୍ଥ କରିବା ପାଇଁ ଜଣେ ବିବାହିତା ମହିଳାଙ୍କୁ ଧର୍ଷଣ କରିବାକୁ ପଛାଇ ନଥିଲା ଯୌନପିପାସୁ। ଏଭଳି ଏକଘଟଣା ଦେଖିବାକୁ ମିଳିଛି ନୀଳଗିରି ଥାନା ଧୋବଶିଳା ପଞ୍ଚାୟତ କଣ୍ଟାବଣିଆ ଜାଗିରିସାହିରେ। ସୂଚନା ଥାଉକି ଗତ ୭ତାରିଖ ବିଳମ୍ବିତ ରାତ୍ରୀରେ ମାଳତୀ(୨୦) (ଛଦ୍ମନାମ) ନିଜ ଘରେ ଶୋଇଥିବା ସମୟରେ ଉକ୍ତ ଗ୍ରାମର ଆକାଶ ବିନ୍ଧାଣି (୪୧) ନାମକ ଯୁବକ ଘର ଭିତରକୁ ପଶି ଜୋରଜବରଦସ୍ତ ଧର୍ଷଣ କରିଥିବା ନେଇ ପୀଡ଼ିତା ଜଣଙ୍କ ଗତ ୯ତାରିଖରେ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ମୁଦାଲା ଜଣଙ୍କ ପୀଡ଼ିତାଙ୍କ ବେକରେ କଟୁରୀ ଲଗାଇ ଧର୍ଷଣକରିବା ସହିତ ଏକଥା ବାହାରେ ପ୍ରକାଶ କଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ପୀଡ଼ିତାଙ୍କ ସ୍ୱାମୀ ଜଣେ ଦିନ ମଜୁରୀଆ ହୋଇଥିବାରୁ ବାହାରେ ରହି କାମ କରୁଥିବାରୁ ଘଟଣା ସମ୍ପର୍କରେ ନିଜ ଯାଆକୁ କହିଥିଲେ। ଏନେଇ ଗ୍ରାମରେ ଏକ ବୈଠକ କରାଯାଇଥିଲେ ହେଁ ମୁଦାଲା ଜଣଙ୍କ ବୈଠକକୁ ଆସି ଘଟଣା ସମ୍ପର୍କରେ ମାନି ନଥିଲେ। ଏନେଇ ପୀଡ଼ିତା ଜଣଙ୍କ ନୀଳଗିରି ଥାନାରେ ଅଭିଯୋଗ କରିଥିବା ବେଳେ ଅନ୍ୟପଟେ ଆକାଶ ବିନ୍ଧାଣୀ ନିଜ ସ୍ତ୍ରୀକୁ ମାଳତିର କକାଶୁର ଧର୍ଷଣ କରିଥିବା ନେଇ ପାଲଟା ଅଭିଯୋଗକରି ନୀଳଗିରି ଥାନାରେ ଏତଲା ଦେଇଛନ୍ତି। ଥାନା ପକ୍ଷରୁ ଘଟଣାକୁ ଗୁରୁତ୍ୱ ଦେଇ ଉଭୟ ମାଳତୀର କକାଶୁର ଏବଂ ଆକାଶ ବିନ୍ଧାଣିକୁ ଅଟକ ରଖିଥିବା ସୂଚନା ମିଳିଛି। ଏନେଇ ନୀଳଗିରି ଥାନାରେ ୩୫୬/୨୪ଏବଂ ୩୫୭/୨୪ରେ ପୃଥକ ପୃଥକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରଖିଛି।

## ହେଲଦୀ ଲାଇଫ ମହାବିଦ୍ୟାଳୟରେ ଯୋଗ ଓ ପ୍ରାକୃତିକ ଚିକିତ୍ସା ସମ୍ମିଳନୀ ଉଦ୍‌ଘାଟିତ




ବାଲେଶ୍ୱର, ୧୦/୧୧ (ନି.ପ୍ର): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନଏସଏସ) ୟୁନିଟ ସହଯୋଗରେ ବାଲେଶ୍ୱରର ଇନଷ୍ଟିଚ୍ୟୁଟ୍ ଅଫ୍ ନେଚର କେୟାର ଆଣ୍ଡ ଯୋଗିକ ସାଇନ୍ସ ପରିଚାଳିତ 'ହେଲଦୀ ଲାଇଫ୍' ଯୋଗ ଓ ପ୍ରାକୃତିକ ଚିକିତ୍ସା ସମ୍ମିଳନୀ ଉଦଘାଟିତ ହୋଇଯାଇଛି । ଫକୀରମୋହନ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଚେୟାରମ୍ୟାନ ତଥା ଏକାଡେମିକ୍ ମୁଖ୍ୟ ପ୍ର. ଭାସ୍କର ବେହେରା, ଅବସରପ୍ରାପ୍ତ ବୈଜ୍ଞାନିକ ପୂର୍ଣ୍ଣଚନ୍ଦ୍ର ପତି, 'ଧ୍ୱନିପ୍ରତିଧ୍ୱନି' ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ସାଗରିକା ପତ୍ରିକା ସମ୍ପାଦିକା ସୈରିନ୍ଧ୍ରୀ ସାହୁ, କବି ଡ. କାଳୀପଦ ପଣ୍ଡା, ସର୍ବଭାରତୀୟ ବଣିକ ମହାସଂଘ ବାଲେଶ୍ୱର ଶାଖା ସଭାପତି ଭଗବାନ ଗୁପ୍ତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।ଆଧୁନିକ ଯୁଗରେ ଚିକିତ୍ସା ପ୍ରଣାଳୀ ଯେତେ ଆଗେଇଥିଲେ ବି ଭାରତୀୟ ସଂସ୍କୃତି ଆଧାରିତ ପ୍ରାକୃତିକ ଚିକିତ୍ସା ଏବଂ ଯୋଗାଭ୍ୟାସର ଆବଶ୍ୟକତା ସମ୍ପର୍କରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ । ହେଲଦି ଲାଇଫର ପ୍ରତିଷ୍ଠାତା ତଥା ଏନଏସଏସ ପ୍ରୋଗ୍ରାମ ଅଫିସର ଡା. ଚିତ୍ତରଞ୍ଜନ ସାହୁ ରୋଗର ପ୍ରତିରୋଧକ ଶକ୍ତି ବର୍ଦ୍ଧନରେ ଯୋଗାଭ୍ୟାସର ଉପାଦେୟତା ସମ୍ପର୍କରେ ସୂଚନା ଦେଇଥିଲେ । ହେଲଦୀ ଲାଇଫ୍ ଯୋଗ ମହାବିଦ୍ୟାଳୟର ଅଧକ୍ଷା ଦେବୀ ଅର୍ଚ୍ଚନା ଦାସ ଏଥିରେ ପୌରୋହିତ୍ୱ କରିଥିଲେ । ମହାବିଦ୍ୟାଳୟର ଅଧ୍ୟାପକ ଅଭିଷେକ ଦାସଙ୍କ ଚଚିତ 'ଯୋଗ ଫର ମଡର୍ଣ୍ଣ ଏଲିମେଣ୍ଟ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏହି ଅବସରରେ ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ଶ୍ରୀ ପରିଡ଼ା ଓ ସାଗରିକାର ସମ୍ପାଦିକା ଶ୍ରୀମତୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅଧାପିକା ଅନୀତା ମିଶ୍ର ଧନ୍ୟବାଦ ଦେଇଥିଲେ । ତିନିଦିନ ଧରି ହେବାକୁ ଯାଉଥିବା ଏହି ସମ୍ମିଳନୀରେ ବିହାରର ସଞ୍ଜୟ ଠାକୁର, କଲିକତାର ସନାତନ ମହାକୁଡ଼ ଭଗବାନ ଭୂୟାଁ, ହେଲଦୀ ଲାଇଫ ଯୋଗ ମହାବିଦ୍ୟାଳୟର ଅଧାପକ ଶ୍ରୀ ଦାସ ପ୍ରମୁଖ ଯୋଗ ସମ୍ପର୍କିତ ଗବେଷଣା ସନ୍ଦର୍ଭ ଉପସ୍ଥାପନ କରି ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବେ । ଏହି ସମ୍ମିଳନୀରେ ବାଲେଶ୍ୱର, ମୟୂରଭଞ୍ଜ, କଟକ ଏବଂ ଭୁବନେଶ୍ୱର ପ୍ରଭୃତି ସ୍ଥାନରୁ ୧୨୦ଜଣ ଯୋଗ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିବା ପ୍ରକାଶ ।

## ୭୦ତମ ଜନ୍ମ ଦିବସକୁ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନିଆରା ଢ଼ଙ୍ଗରେ ପାଳିଲେ



ବାଲେଶ୍ୱର, ୧୦/୧୧ (ନି.ପ୍ର): ଆଜି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତାଙ୍କ ୭୦ତମ ଜନ୍ମ ଦିବସକୁ ନିଆରା ଢ଼ଙ୍ଗରେ ପାଳନ କରିଛନ୍ତି। ପ୍ରଥମେ ସହରରେ ଥିବା ଉତ୍କଳ ବାଳାଶ୍ରମର ପିଲାମାନଙ୍କୁ ଫଳ, ଶୁଖିଲା ଖାଦ୍ୟ ଓ ମିଷ୍ଟାନ୍ନ ବଣ୍ଟନ କରିବା ପରେ ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବାଲେଶ୍ୱର ବାସୀଙ୍କ ସେବାରେ ଏକ ଅତ୍ୟାଧୁନିକ ଲାଇଫ୍ ସପୋର୍ଟ ସିଷ୍ଟମ ସମ୍ବଳିତ ଏମ୍ବୁଲାନ୍ସ ପ୍ରଦାନ କରିଥିଲେ। ଏହି ଅବସରରେ ଅନେକ ସଂସ୍ଥା, ସମୁଦାୟ ଓ ବ୍ୟକ୍ତିବିଶେଷ ସାଂସଦଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ଶୁଭେଚ୍ଛା ଜ୍ଞାପନ କରିଥିଲେ। ସମସ୍ତେ ସମ୍ମିଳିତଭାବେ ସାଂସଦଙ୍କ ସୁସ୍ଥ ନିରାମୟ ଜୀବନ ପାଇଁ କାମନା କରିଥିଲେ। ଏହାପରେ ଷ୍ଟେସନ ଛକଠାରେ ଶତାଧିକ ହେଲମେଟ ପିନ୍ଧିନଥିବା ବାଇକ୍ ଆରୋହୀଙ୍କୁ ହେଲମେଟ ବିତରଣ କରିବା ସହିତ ସଚେତନତାର ବାର୍ତ୍ତା ଦେଇଛନ୍ତି।

## ପାରାଦ୍ୱୀପ ବନ୍ଦର ସାଂସ୍କୃତିକ ମହୋତ୍ସବ ୨୦୨୪ ଉଦ୍‌ଯାପିତ: ଅର୍ଥ ବିଭାଗର ନାଟକ 'ଉଦ୍ଘାଟନ' ମଞ୍ଚସ୍ଥ



ପାରାଦ୍ୱୀପ, ୧୦/୧୧ (ନି.ପ୍ର): ପାରାଦ୍ୱୀପ ବନ୍ଦର ଜଗନ୍ନାଥ ଲଳିତ କଳା ସଂସଦ ଆନୁକୁଲ୍ୟରେ ୩ ତାରିଖ ଠାରୁ ଜୟଦେବ ସଦନ ଠାରେ ଆଠ ଦିନ ଧରି ଆୟୋଜିତ 'ସାଂସ୍କୃତିକ ମହୋତ୍ସବ ୨୦୨୪' ଉଦଯାପିତ ହେଇଯାଇଛି । ଆଜି ଉଦଯାପିତ ସନ୍ଧ୍ୟାରେ ଅର୍ଥ ବିଭାଗର କର୍ମଚାରୀ ତଥା ସେମାନଙ୍କ ପରିବାରର ସଦସ୍ୟମାନେ ମିହିର ତ୍ରିପାଠୀଙ୍କ ରଚନା ଓ ନିରଞ୍ଜନ ଗାନଙ୍କ ନିର୍ଦ୍ଦେଶନାରେ ନାଟକ 'ଉଦ୍ଘାଟନ' ମଞ୍ଚସ୍ଥ କରିଥିଲେ । ନାଟକରେ ରୁଦ୍ର ନାରାୟଣ ମିଶ୍ର, ପ୍ରଶାନ୍ତ ମହାରଣା, ଜୟଦେବ ମିର୍ଦ୍ଧା, ଶଙ୍କର ମଲ୍ଲିକ ଆଦି କଳାକାରମାନେ ଅଭିନୟ କରିଥିଲେ । ନାଟକଟି ଆରମ୍ଭ ହୁଏ ଓଡ଼ିଶାର ପୁରାତନ ଲୋକ କଳା ପାଲା ଗାୟନରୁ, ଯାହାକି ଜଗନ୍ନାଥଙ୍କ ପାନ ପ୍ରସଙ୍ଗରେ । ଆଜିର ସମାଜରେ ଉଚ୍ଚ ସ୍ତରରେ ଥିବା ଅଧିକାରୀ ମାନେ ନିଜର ସ୍ୱାର୍ଥ ପାଇଁ କିପରି ଉଦ୍ଘାଟନ ନାଁରେ କଳାକାର ମାନଙ୍କୁ ଶୋଷଣ କରୁଛନ୍ତି ଓ ସେମାନଙ୍କୁ ତଥା ସେମାନଙ୍କର ପରିବାରକୁ ଅନ୍ଧାର ମଧ୍ୟକୁ ଠେଲି ଦେଉଥିବା ପ୍ରଦର୍ଶିତ ହୋଇଥିଲା ।ସମାଜରୁ ଶୋଷଣକୁ ଦୂର କରିବା ପାଇଁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରାକୁ ଆଦରି ନେବାର ବାର୍ତ୍ତା ଦେଇଥିଲା ନାଟକ 'ଉଦ୍ଘାଟନ' । କଳାକାର ମାନେ ସେମାନଙ୍କର ନିଖୁଣ ଅଭିନୟ ମାଧ୍ୟମରେ ଦର୍ଶକ ମାନଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥିଲେ । ଏ ବର୍ଷ ସାଂସ୍କୃତିକ ମହୋତ୍ସବରେ ଦର୍ଶକ ମାନଙ୍କର ଉପସ୍ଥିତି ଅନ୍ୟ ବର୍ଷ ତୁଳନାରେ ବହୁତ ଅଧିକ ରହିଥିଲା । ଯାହାକି ସୂଚାଇଦେଇଥିଲା ପାରାଦ୍ୱୀପ ସହରରେ ଦର୍ଶକ ମାନଙ୍କର ନାଟକ ପ୍ରତି ଥିବା ରୁଚି ଓ ଭଲ ପାଇବା । ପ୍ରଦର୍ଶିତ ହୋଇଥିବା ସବୁ ନାଟକ ଗୁଡ଼ିକ ଆଜିର ସମାଜରେ ତଥା ପରିବାରରେ ଘଟୁଥିବା ନିତିଦିନିଆ ଘଟଣାବଳୀର ପ୍ରତିଛବି ପ୍ରତିଫଳିତ ହୋଉଥିଲା । ଉଦଯାପନୀ ସନ୍ଧ୍ୟାରେ ଜଗନ୍ନାଥ ଲଳିତ କଳା ସଂସଦର ସଭାପତି କ୍ୟାପଟେନ ଅଲେଖ ସାହୁ, ବନ୍ଦରର ଅର୍ଥ ପରାମର୍ଶଦାତା ଡି ଏନ୍ ସୋଣ୍ଡି, ସିଏମ୍ଇ ସୁଶିଲ ନାହାକ,ଟ୍ରାଫିକ ପରାମର୍ଷଦାତା ଆଶିଷ ବୋସ ଓ ପାରାଦୀପ ମ୍ୟୁନିସିପାଲିଟିର ଅଧକ୍ଷ ବସନ୍ତ ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଯୋଗ ଦେଇ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ସିମୁଳିଆ ବିଧାୟକଙ୍କୁ ଅଧ୍ୟାପକ ଓ କର୍ମଚାରୀ ସଂଘର ଦାବିପତ୍ର

ଖଇରା, ୧୦/୧୧ (ନି.ପ୍ର): ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ବିଭିନ୍ନ ଦାବୀ ପୁରଣ ପାଇଁ ବିଧାୟକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ସଂଘର ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଦାସଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ଜିଲା ସଂଯୋଜକ ଭାବେ ଖଇରା ବ୍ଲକ ଅନ୍ତରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ସୁବାଷ ଚନ୍ଦ୍ର ରାଉତଙ୍କ ନେତୃତ୍ୱରେ ରବିବାର ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କୁ ଦାବୀପତ୍ର ପ୍ରଦାନ ସହ ଆଲୋଚନା କରାଯାଇଥିଲା ।୨୦୦୮ ମସିହା ଜୁନ୧ତାରିଖରୁ ୨୦୧୮ ଜୁନ ମଧ୍ୟରେ ନିଯୁକ୍ତ ହୋଇଥିବା ଉପରୋକ୍ତ ବେସରକାରି ବର୍ଗର ଅଧ୍ୟାପକ ଓ କର୍ମଚାରୀ ମାନଙ୍କ ତରଫରୁ ଏହି ଦାବୀପତ୍ର ପ୍ରଦାନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ସଂଘର ସକ୍ରିୟ ସଭ୍ୟ ସସ୍ମିତା ନାୟକ,ବସନ୍ତ ରାଉତ,ସ୍ନିଗ୍ଧା ମହାନ୍ତି,ସୁଶାନ୍ତ ପଣ୍ଡା,ସୁଶାନ୍ତ ସେଠୀ,ସବିତା ଚୌଧୁରୀ,ମନ୍ମଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଜିଲାର ୮ଶହ ଅଧ୍ୟାପକ ଓ କର୍ମଚାରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ଅଧ୍ୟାପକ ମାନେ ଦାବୀ କରିଥିଲେ ।

## ପୁସ୍ତକ ଉନ୍ମୋଚନ ଓ ଅନ୍ତେବାସୀ ପିଲାଙ୍କ ଗହଣରେ ଜନ୍ମଦିନ ପାଳିଲେ ଦିବ୍ୟାଂଶୀ



ବସ୍ତା, ୧୦/୧୧ (ନି.ପ୍ର): ବସ୍ତାବ୍ଲକ ମଥାନୀ ସ୍ଥିତ ମାଗୁଣି ଚରଣ ବାଳାଶ୍ରମରେଆଶ୍ରମର ପ୍ରତିଷ୍ଠାତ୍ରୀ କବୟତ୍ରୀ ରମଣୀ ମହାପାତ୍ରଙ୍କର ପୁସ୍ତକ :ଅସରନ୍ତି ଅର୍ଘ୍ୟ:ର ବିଧାୟୀକାଙ୍କ ଦ୍ୱାରା ଉନ୍ମୋଚନ କରିଥିବାବେଳେ ଅନ୍ତେବାସି ପିଲା ମାନଙ୍କ ଗହଣରେ ଦିବ୍ୟାଶିଂ ଙ୍କ ଜନ୍ମ ଦିନ ରବିବାର ପାଳିତ ହୋଇଯାଇ ଅଛି ।ଏହି ଅବସରରେ ଆଶ୍ରମର ସ୍ଥାୟୀ ସଭାପତି ବିଜୟକୁମାର ସିଂହଙ୍କ ନାତୁଣି ଦିବ୍ୟାଶିଂଙ୍କ ନବମ ଜନ୍ମ ବାର୍ଷିକି ଉପଲକ୍ଷେ ବସ୍ତା ବିଧାୟୀକା ସୁବାଷିନୀ ଜେନା ଯୋଗ ଦେଇ କେକ କାଟି ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟ କ୍ରମରେ ଆଶ୍ରମର ପ୍ରତିଷ୍ଠାତା ପ୍ରତାପଚନ୍ଦ୍ର ମହାପାତ୍ର , ମଥାନୀ ସରପଞ୍ଚ ମମତାରାଣୀ ସିଟ, ଯୁବ ସଂଗଠକ ପ୍ରକାଶ କୁଣ୍ଡୁ, ଅଭିରାମ ମଲ୍ଲୀକ, ସମାଜସେବୀ ଅଖିଳ ବେହେରା, ଯୁବନେତା ଦିଲ୍ଲୀପ ଦଣ୍ଡପାଟ, ସାନଖୁଡି ବରିଷ୍ଠ ନାଗରିକ ମଞ୍ଚ କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ଦାସ, ଆଶ୍ରମର ପରିଚାଳକ ହରିହର ମହାପାତ୍ର, ଡଂ ରାମ ଶଙ୍କର ମହାପାତ୍ର, ଦିନବନ୍ଧୁ ବିସ, ଅଜୟସିଂହ, ସୁଜୟ ସିଂହ , ଚନ୍ଦନ ସିଂହ, ମଦନ ସିଂହ, ତପନସିଂହ ସହଧର୍ମୀଣୀ ଅଙ୍କିତା ସିଂହ , ଡା ପ୍ରଶନ୍ନ ସେନାପତି, ବରୁଣ ଗଡିଆ ପଞ୍ଚାୟତ ସଭାପତି ପଞ୍ଚାନନ ଦାସ, ସମେତ ଆଶ୍ରମର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଘରେ ଜନ୍ମଦିନ ପାଳନ ନ କରି ଅନ୍ତେବାସୀ ପିଲା ମାନଙ୍କୁ ଖାଦ୍ୟ ପେୟ ଦେବା ସହିତ ବିଧାୟୀକା ଆସି କିଛି ସମୟ ପାଇଁ ତାଙ୍କ ସହିତ ସମୟଦେଇଥିବାରୁ ବିଜୟ ସିଂହ ଧନ୍ୟବାଦ ଜଣାଇଥିଲେ ।

## ଭଙ୍ଗା ଘରେ ବିତାଉଛନ୍ତି ଜୀବନ: ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଘର ସାତସପନ

ଲଙ୍ଗଳେଶ୍ୱର , ୧୦/୧୧ (ନି.ପ୍ର): ବାଲିଆପାଳ ବ୍ଲକ ସିଂଲା ଥାନା ବୋଳଂ ପଞ୍ଚାୟତର ତପନ ବେହେରା ଅତ୍ୟନ୍ତ ଗରିବ ଶ୍ରେଣୀର ଲୋକ। ନାହିଁ ତାଙ୍କର ଘର। ପଲିଥିନ ଟାଙ୍ଗି ରହୁଛନ୍ତି ସପରିବାର। ନିକଟରେ ଯାଇଥିବା 'ଦାନା' ବାତ୍ୟାରେ ଉଜୁଡି ଯାଇଛି ତାଙ୍କର ଛପର ଘରଟି। ଖଣ୍ଡିଏ ପକ୍କା ଘର ପାଇଁ ସରପଞ୍ଚ ପାଖରୁ ଆରମ୍ଭ କରି ବିଡ଼ିଓ ଙ୍କ ପର୍ଯ୍ୟନ୍ତ ଯେତେ ନେହୁରା ହେଲେକେହିବି ବି ଶୁଣୁନାହାନ୍ତି ତାଙ୍କର ଦୁଃଖ। ଦେଇ ଚାଲିଛନ୍ତି ଖାଲି ମିଥ୍ୟା ଓ ଅବାନ୍ତର ପ୍ରତିଶୃତି । ୧୫ ବର୍ଷ ଧରି କଚ୍ଚା ମାଟି ଘରେ ନାହିଁ ନଥିବା ଦୁଃଖ ଯନ୍ତ୍ରଣାରେ ବିତାଉଛନ୍ତି ଜୀବନ। ଗଣମାଧ୍ୟମ ଜରିଆରେ ବ୍ଲକ ପ୍ରଶାସନ ଠାରୁ ସରକାରଙ୍କ ପର୍ଯ୍ୟନ୍ତ ମଧ୍ୟ ଗୁହାରି କରିଛନ୍ତି ଖଣ୍ଡିଏ ପ୍ରଧାନମନ୍ତ୍ରୀ ଆବାସ ପକ୍କା ଘର ପାଇଁ । ଜିଲ୍ଲା ପାଳ ଏଥି ପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଜୟଦେବ ହେଲଥ କେୟାରରେ ପିତ୍ତକୋଷରୁ ୧୨ ଏମଏମ ଷ୍ଟୋନର ସଫଳ ଅସ୍ତ୍ରୋପଚାର



ବାଲିଅନ୍ତା, ୧୦/୧୧ (ନି.ପ୍ର): ବାଲିଅନ୍ତା ବ୍ଲକ ଅଧୀନ ବେଣ୍ଟପୁର ସ୍ଥିତ ଜୟଦେବ ହେଲଥକେୟାରରେ ଆଜି ଜଣେ ରୋଗୀଙ୍କ ପିତ୍ତକୋଷରେ ହୋଇଥିବା ୧୨ ଏମଏମ ଷ୍ଟୋନର ସଫଳ ଅସ୍ତ୍ରୋପଚାର କରାଯାଇଛି। ସ୍ମୃତିରେଖା ଦାଶ ନାମକ ଜଣେ ରୋଗୀ ଦୀର୍ଘଦିନ ହେଲା ପେଟରୋଗରେ ପୀଡ଼ିତ ଥିଲେ। ପରୀକ୍ଷାନିରୀକ୍ଷାରୁ ସ୍ମୃତିରେଖାଙ୍କ ପିତ୍ତକୋଷରେ ବିପଜ୍ଜନକ ଅବସ୍ଥାରେ ଷ୍ଟୋନ ରହିଥିବା ଡାକ୍ତର ଚିହ୍ନଟ କରିଥିଲେ। ଜୟଦେବ ହେଲଥ କେୟାରର ଏମଡି ଡାକ୍ତର ତାପସ ରଞ୍ଜନ ଦାଶଙ୍କ କହିବା ଅନୁସାରେ ୧୨ ଏମଏମ ଆକାରର ଅନେକ ଷ୍ଟୋନ ରୋଗୀ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ। ଅଧିକାଂଶ ରୋଗୀଙ୍କ କ୍ଷେତ୍ରରେ ଷ୍ଟୋନ ୪ରୁ ୬ ଏବଂ ୬ରୁ ୮ ଏମ ଏମ ଅସ୍ତ୍ରୋପଚାର କରାଯାଇଥାଏ। ହେଲେ ସ୍ମୃତିରେଖାଙ୍କ ପିତ୍ତକୋଷରେ ୧୨ ଏମଏମ ସାଇଜର ୧୦ ଗୋଟି ଷ୍ଟୋନ ଅସ୍ତ୍ରୋପଚାର କରାଯାଇଥିଲା। ଯାହାକି ତାଙ୍କର ଜୀବନ ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ଥିଲା। ଦୀର୍ଘ ସମୟ ଧରି କରାଯାଇଥିବା ଏହି ଅସ୍ତ୍ରୋପଚାରରେ ଡାକ୍ତର ପି କେ ମଜୁମଦାର, ଡାକ୍ତର ଜଗନ୍ନାଥ ତ୍ରିପାଠୀ, ସିଇଓ ଡାକ୍ତର ଆରତୀ ବିଶ୍ୱାଳଙ୍କୁ ସ୍ୱାସ୍ଥ୍ୟକର୍ମୀ ସୋନାଲୀ ନାୟକ, ଗୀତାଞ୍ଜଳୀ ପଟ୍ଟନାୟକ, କୃଷ୍ଣପ୍ରିୟା ଦାଶ, ଫାର୍ମସିଷ୍ଟ ସତ୍ୟବ୍ରତ ନାୟକ ସହଯୋଗ କରିଥିଲେ। ବର୍ତ୍ତମାନ ସ୍ମୃତିରେଖାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଂପୂର୍ଣ୍ଣ ସୁସ୍ଥ ଅଛି।

## କାର ଧକ୍କାରେ ଗୁରୁତର ଯୁବକଙ୍କ ମୃତ୍ୟୁ: ପରିବାରରେ ଶୋକାକୁଳ ପରିବେଶ

ନୀଳଗିରି , ୧୦/୧୧ (ନି.ପ୍ର): ଗତ ନଭେମ୍ବର ୩ତାରିଖରେ ନୀଳଗିରି ଝରଣାଘାଟି ୧୯ନଂ ରାଜ୍ୟ ରାଜପଥ ପୋଡ଼ାଶୁଳ ଜୟଦୁର୍ଗା ଇଟାଭାଟି ନିକଟରେ ସନ୍ଧ୍ୟା ପ୍ରାୟ ୮ଟା ସମୟରେ ବାଉଁଶବଣିଆ ଗ୍ରାମରୁ ଟେଣ୍ଟକାମ ସାରି ଦୁଇଜଣ ଯୁବକ ଏକ ମଟରସାଇକେଲରେ ଯିବା ସମୟରେ ଅପରପାର୍ଶ୍ୱରୁ ଆସୁଥିବା ଏକ କାର ମଧରେ ଧକ୍କା ହୋଇଥିଲା। ଏଥିରେ ସଜନାଗଡ ନିକଟସ୍ଥ ଜାମୁଡି ଗ୍ରାମର ତପନ ରଣାସିଆ ନାମକ ସମେତ ବାଉଁଶବଣିଆ ଗ୍ରାମର ଜଗନ୍ନାଥ ଜେନା ନାମକ ଦୁଇଜଣ ଯୁବକ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ବାଲେଶ୍ୱର ନିଆଯାଇ ଚିକିତ୍ସା କରାଯାଇ ଥିଲେହେଁ ତପନଙ୍କୁ କଟକ ସ୍ଥିତ ଅଶ୍ୱିନି ହସ୍ପିଟାଲ୍ ନିଆଯାଇ ଚିକିତ୍ସା ଜାରିରହିଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ଦିନ ୧୦ସମୟରେ ମୃତ୍ୟୁ ହୋଇଥିବା ବେଳେ ପରିବାର ଲୋକ ମରଶରୀରକୁ ନିଜ ଗ୍ରାମକୁ ଆଣି ସତ୍କାର କରିଥିବା ସୂଚନା ମିଳିଛି।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo